ଅଷ୍ଟ୍ରେଲିଆରେ
ଖେଳିବେ ଅନନ୍ୟା
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-62 ♦WEDNESDAY ♦26 AUGUST 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୬୨ ♦ବୁଧବାର ♦୨୬ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୬.୦୦

ବିକଶିତ ଓଡ଼ିଶା ପାଇଁ ଚାରି ସ୍ତମ୍ଭ
ସୁଯୋଗ, ବିଶ୍ୱାସ, ମର୍ଯ୍ୟାଦା ଓ ବିକାଶ

ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ସମ୍ମିଳିତ ପ୍ରୟାସ ଆବଶ୍ୟକ: ରାଜ୍ୟପାଳ

■ ଭୁବନେଶ୍ୱର, ୨୫।୮ (ସମିସ): ଆମକୁ ଏମିତି ଏକ ଓଡ଼ିଶା ଗଢ଼ିବାକୁ ହେବ; ଯେଉଁଠି ଶିଶୁମାନେ ସୁଯୋଗ ସହିତ ଶିକ୍ଷା ଗ୍ରହଣ କରିପାରିବେ, ପ୍ରତ୍ୟେକ ଯୁବକ ବିଶ୍ୱାସର ସହ ସ୍ୱପ୍ନ ଦେଖିପାରିବେ, ମହିଳାମାନେ ମର୍ଯ୍ୟାଦାର ସହ ନେତୃତ୍ୱ ନେଇପାରିବେ। ସର୍ବୋପରି ସମାଜର ଶେଷ ଧାଡ଼ିର ବ୍ୟକ୍ତି ପାଖରେ ବିକାଶ ମଧ୍ୟ ପହଞ୍ଚି ପାରିବ। ଏହିପରି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମ୍ମିଳିତ ପ୍ରୟାସ କରିବା ସହିତ ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ଲାଗି ଆହ୍ୱାନ ଦେଇଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି।

'ସକାଳ' ଓ 'ନନ୍ଦିଘୋଷ ଟିଭି'ର 'ଓଡ଼ିଶା ଅଭ୍ୟୁଦୟ' କନ୍‌କ୍ଲେଭ୍
ଏବେ ପ୍ରତି ମୋବାଇଲ୍ ଫୋନ୍ ଗୋଟିଏ ଗୋଟିଏ ନ୍ୟୁଜରୁମ୍: ମାନସ

ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ମଙ୍ଗଳବାର ଏଠାରେ ଆୟୋଜିତ 'ଓଡ଼ିଶା ଅଭ୍ୟୁଦୟ' କନ୍‌କ୍ଲେଭ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ ସମ୍ପ୍ରତି ଓଡ଼ିଶା ଏକ ନୂଆ ଦ୍ୱାରଦେଶରେ ଠିଆ ହୋଇଛି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଅର୍ଥନୈତିକ ସ୍ଥିର ରାଜ୍ୟରେ ପରିଣତ ହୋଇଛି। ଏକଦା ଏକ ଗରିବ ରାଜ୍ୟ ଭାବେ ଜଣାଥିବା ଓଡ଼ିଶା ଆଜି ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅର୍ଥନୈତିକ ଭାବେ ସମୃଦ୍ଧ। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଆଜି ରାଜ୍ୟ ପାଇଁ ଗର୍ବର ବିଷୟ ପାଲଟିଛି। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ପ୍ରାକ ସତର୍କ ସୂଚନା ବ୍ୟବସ୍ଥା, ସ୍ଥାୟୀ ଭିତ୍ତିଭୂମି ଏବଂ ଗୋଷ୍ଠୀ ସହଭାଗିତା ମାଧ୍ୟମରେ ▶ପୃଷ୍ଠା-୭

ସେପ୍ଟେମ୍ବର ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ

■ ଭୁବନେଶ୍ୱର, ୨୫।୮ (ସମିସ): ବିଧାନସଭାର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୨ ତାରିଖରୁ ଆରମ୍ଭ ହେବ। ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିଥିବାକୁ ଥିବା ଏହି ଅଧିବେଶନରେ ଗୃହ ମୋଟ୍ ୯ଦିନ ବସିବ। ବିଧାନସଭା ସଚିବାଳୟ ପକ୍ଷରୁ ଆଜି ଏସଂକ୍ରାନ୍ତରେ ସୂଚନା ଦିଆଯାଇଛି । ଏଥିରେ କୁହାଯାଇଛି ଯେ ୨୩ ଓ ୨୪ ତାରିଖ ସରକାରୀ କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ହୋଇଥିବା ବେଳେ ୨୫ ତାରିଖ ବେସରକାରୀ ସଦସ୍ୟ କାର୍ଯ୍ୟ ଅର୍ଥାତ୍ ବିଲ୍ ଓ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଧାର୍ଯ୍ୟ କରାଯାଇଛି। ୨୬ ଓ ୨୭ ତାରିଖ ▶ପୃଷ୍ଠା-୭

ଘରୋଇ ସଂସ୍ଥାକୁ ଦିଆଯିବ ପ୍ରତିରକ୍ଷା ଜ୍ଞାନକୌଶଳ

କ୍ଷେପଣାସ୍ତ୍ର ନିର୍ମାଣ କରିବେ ଘରୋଇ କମ୍ପାନୀ
ପ୍ରଯୁକ୍ତି ଯୋଗାଇବ ଡିଆରଡିଓ

■ ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିକଶିତ କ୍ଷେପଣାସ୍ତ୍ର ସମ୍ବନ୍ଧୀୟ ପ୍ରଯୁକ୍ତି ବିଦ୍ୟାକୁ ଘରୋଇ ଶିଳ୍ପକୁ ପ୍ରଦାନ କରାଯିବ। ଏସଂକ୍ରାନ୍ତ ପ୍ରସ୍ତାବକୁ ଆଜି ଅନୁମୋଦନ ଦେଇଛନ୍ତି କେନ୍ଦ୍ର ସରକାର। ଏହାଦ୍ୱାରା ଭାରତୀୟ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଘରୋଇ କମ୍ପାନିମାନଙ୍କର ଭୂମିକା ଓ ସହଭାଗିତା ବୃଦ୍ଧି ପାଇବ ବୋଲି ସରକାର ମନେ କରୁଛନ୍ତି। ଡିଆରଡିଓ ଦୀର୍ଘଦିନ ଧରି ଦେଶ ପାଇଁ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ କ୍ଷେପଣାସ୍ତ୍ର, ଗାଇଡେନ୍ସ ବ୍ୟବସ୍ଥା, ପ୍ରପଲ୍ସନ୍ ସିଷ୍ଟମ, ସେନ୍ସର, ନିୟନ୍ତ୍ରଣ ପ୍ରଣାଳୀ ଓ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ରଯୁକ୍ତି ବିକଶିତ କରିଆସୁଛି। ଏବେ ଏହି ଗବେଷଣା ଓ ବିକାଶ କ୍ଷମତାକୁ କେବଳ ସରକାରୀ ପରୀକ୍ଷାଗାର ମଧ୍ୟରେ ସୀମିତ ନ ରଖି ଘରୋଇ ସଂସ୍ଥା ସହ ଯୋଡ଼ିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ▶ପୃଷ୍ଠା-୭

15001/94/2627

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

(ହରି ବାବୁ କମ୍ଭମପାଟି)

ମହାପୁରୁଷ
ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ ଓଡ଼ିଶା

OIPR-15001/15001/2/26-27/0094

ନନ୍ଦିଘୋଷ™

ଓଡିଶା ଅଭ୍ୟୁଦୟ୍
Looking back, moving forward
ODISHA ABHYUDAYA CONCLAVE

ସକାଳ
THE SAKALA

ବୁଧବାର
୨୬ ଅଗଷ୍ଟ, ୨୦୨୬

www.sakalaepaper.com

କାର୍ଯ୍ୟାନ୍ୱୟନ ନ ହେଲେ ଘୋଷଣା ମୂଲ୍ୟହୀନ

ଭୁବନେଶ୍ୱର,୨୫।୮ (ସମିସ): ମହାବାତ୍ୟା ପରେ ଓଡ଼ିଶାର ଛବି ବଦଳିଛି। ଶାସନଠାରୁ ଅର୍ଥନୀତିରେ ପରିବର୍ତ୍ତନ ଘଟିଛି। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ଭିତ୍ତିଭୂମି, ସ୍ୱାସ୍ଥ୍ୟ,କ୍ରୀଡା ଓ ବିପର୍ଯ୍ୟୟ ପରିଚାଳନାରେ ଓଡିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ରାଜ୍ୟର ବିକାଶ ଲାଗି ଯୋଜନା ପ୍ରସ୍ତୁତ କରିବା ବେଳେ ଏହାର କାର୍ଯ୍ୟାନ୍ୱୟନ ପାଇଁ ଅର୍ଥ ବ୍ୟବସ୍ଥା କରିବାକୁ ପଡ଼ିବ । ନ ହେଲେ ସବୁ ଘୋଷଣା ମୂଲ୍ୟହୀନ ହୋଇଯିବ ବୋଲି ବିଶିଷ୍ଟ ବକ୍ତାମାନେ ମତ ଦେଇଛନ୍ତି ।

■ ସରକାର ଓ ବିକାଶ ଏକ ନିରନ୍ତର ପ୍ରକ୍ରିୟା: ଜୟଦେବ
■ ରାଜ୍ୟର ବିକାଶ ପାଇଁ ଲୋଡ଼ା ନବୀନ ନୀତି: ଭୃଗୁ
■ ଅଣ ଖଣି କ୍ଷେତ୍ରକୁ ଗୁରୁତ୍ୱ ଦେବା ଆବଶ୍ୟକ: ରାଜୀବ

'ଏକବିଂଶ ଶତାବ୍ଦୀରେ ଓଡିଶାର ବିକାଶ ଯାତ୍ରା' ଶୀର୍ଷକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି ଯେ ସରକାର ଏକ ନିରନ୍ତର ପ୍ରକ୍ରିୟା। ବିଭିନ୍ନ ସମୟରେ ସରକାର ଆସିବେ, ଯିବେ। ବିଜୁ ବାବୁଙ୍କଠାରୁ ଆରମ୍ଭ କରି ନନ୍ଦିନୀ ଦେବୀ,ଜାନକୀ ବାବୁ, ନବୀନ୍ ପଟ୍ଟନାୟକଙ୍କ ଭଳି ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମୟରେ ରାଜ୍ୟର ବିକାଶ ପାଇଁ ଯୋଜନା ମାନ ଅଣାଯାଉଛି। ଜାନକୀ ବାବୁ ରାଜ୍ୟରେ ହଜାରରେ ଦିନରେ ହଜାରେ ଶିଳ୍ପ ସ୍ଥାପନ ଲକ୍ଷ୍ୟ ରଖିଥିଲେ। ନବୀନ ବାବୁ ତାକୁ ଆଉ ଆଗକୁ ନେଇ ବୃହତ୍ ଶିଳ୍ପ ଗଢ଼ିଥିଲେ। ରାଜ୍ୟ ପାଇଁ ବଡ ବଡ ଯୋଜନା ପ୍ରସ୍ତୁତ ହେଉ, କିନ୍ତୁ ସେଗୁଡିକୁ ଜନତାଙ୍କ ଲାଭ ଦିଗରେ କାର୍ଯ୍ୟକାରୀ କରାଯାଉ। ନ ହେଲେ ଏକ ବିଂଶ ଶତାବ୍ଦୀ ପାଇଁ ଓଡିଶାର ବିକାଶ ଲାଗି ପ୍ରସ୍ତୁତ କରାଯାଉଥିବା ସବୁ ଯୋଜନା କେବଳ ଘୋଷଣାରେ ରହିଯିବ।

ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ୨୦୦୦ ମସିହା ପରେ ଓଡିଶାର ପ୍ରଶାସନିକ ବ୍ୟବସ୍ଥା ଏବଂ ନୀତିରେ ବଡ ପରିବର୍ତ୍ତନ ହୋଇଛି। ରାଜ୍ୟର ଭିତ୍ତିଭୂମି ବିକାଶଠାରୁ ଆରମ୍ଭ କରି ମହିଳା, ଯୁବ,ବାତ୍ୟା ପରିଚାଳନା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ ପରିବର୍ତ୍ତନ ଆସିଛି। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ଓଡିଶା ଅନେକ ଆଗକୁ ଯାଇଥିବାବେଳେ ରାଜ୍ୟର ବଜେଟ୍ ୧୫ ଗୁଣା ବଢ଼ି ୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସମ୍ପ୍ରତି ଏମ୍‌ଏମ୍‌ଡିଆର୍ ଆଇନରେ ସଂଶୋଧନ ପାଇଁ ବଡ ଧରଣର ରାଜସ୍ୱ କ୍ଷତି ସହିବାକୁ ଯାଉଛି। ନବୀନ ସରକାରରେ ଖଣି ରାଜସ୍ୱରେ ଓଡିଶା ଯେଉଁ ରେକର୍ଡ ହାସଲ କରିଥିଲା, ତାହା ଆଉ ନାହିଁ। ରାଜ୍ୟର ବିକାଶ ପାଇଁ ନବୀନ ମଡ଼େଲ ଅପରିହାର୍ଯ୍ୟ ଓ ଓଡ଼ିଶାର ବିକାଶ ଯାତ୍ରାରେ ନବୀନ ନୀତି ଏକ ଅନିବାର୍ଯ୍ୟ ଆବଶ୍ୟକତା ବୋଲି ସେ କହିଛନ୍ତି ।

ଅର୍ଥନୀତିଜ୍ଞ ତଥା ବିଶିଷ୍ଟ ଚାଟାଡର୍ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ କହିଛନ୍ତି ଯେ ଦିନେ ମହାବାତ୍ୟା ଓଡିଶା ପାଇଁ ପରିଚୟ ଥିଲା। ଆଜି ଓଡିଶା ଏହାର ବିକାଶ ମଡ଼େଲ ପାଇଁ ପରିଚିତ। ପୂର୍ବରୁ କେବଳ ଖଣି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ହେଲେ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା ଅଣ-ଖଣି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଥିଲେ ଆଜି ରାଜ୍ୟର ବିକାଶ ଆହୁରି ହୋଇପାରିଥାନ୍ତା ବୋଲି ଶ୍ରୀ ସାହୁ କହିଛନ୍ତି।

ନବୀନଙ୍କ ପାଇଁ ଓଡ଼ିଶା ଏବେ ଦେଶରେ ଏକ 'ବ୍ରାଣ୍ଡ'

ଭୁବନେଶ୍ୱର, ୨୫।୮ (ସମିସ): ଜନନାୟକ ସେ ଲୋକ ହୋଇଥାଏ, ଯାହାଙ୍କୁ ଦେଖି ସାମ୍ନାରେ ଥିବା ଲୋକଙ୍କ ମଧ୍ୟରେ ଉତ୍ସାହ ଆସେ। ସିଏ ଜିତନ୍ତୁ କିମ୍ବା ହାରନ୍ତୁ; କ୍ଷମତାରେ ଥା'ନ୍ତୁ କି ନ ଥା'ନ୍ତୁ, ତାଙ୍କ ପ୍ରତି ଲୋକଙ୍କ ଭଲ ପାଇବା କମି ନ ଥାଏ। ନବୀନ ପଟ୍ଟନାୟକ ସେହିପରି ଜଣେ ବ୍ୟକ୍ତି। ୨୪ ବର୍ଷର ମୁଖ୍ୟମନ୍ତ୍ରୀ କାଳ ଅପେକ୍ଷା କ୍ଷମତାରୁ ଯିବା ପରେ ନବୀନଙ୍କ ପ୍ରତି ରାଜ୍ୟବାସୀଙ୍କ ନିରୁତା ଭଲ ପାଇବା ଓ ଲୋକଙ୍କ ଆକର୍ଷଣ ତାଙ୍କୁ ଜଣେ ଜନ ନାୟକ ଭାବରେ ପ୍ରତିଷ୍ଠା କରିଛି। ରାଜନୀତିରେ ଥାଇ ବି ସେ ରାଜନୀତିଠାରୁ ଉର୍ଦ୍ଧ୍ୱରେ ବୋଲି ବିଶିଷ୍ଟ ବକ୍ତାମାନେ ମତ ଦେଇଛନ୍ତି । 'ରାଜନୀତିରୁ ଉର୍ଦ୍ଧ୍ୱରେ ଜନନାୟକ ନବୀନ ପଟ୍ଟନାୟକ' ଶୀର୍ଷକ ଏହି ଆଲୋଚନାଚକ୍ରରେ ଯୋଗ ଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ କହିଛନ୍ତି ଯେ ରାଜନୀତିରେ ପ୍ରବେଶ ପୂର୍ବରୁ ରାଜନୀତି ସହ ନବୀନଙ୍କର କୌଣସି ସମ୍ପର୍କ ନ ଥିଲା। ସେଥିପାଇଁ ସେ ପ୍ରତ୍ୟକ୍ଷ ରାଜନୀତିରେ ଯୋଗ ଦେଇଥିଲେ ହେଁ କ୍ଷମତାର ଅଳନ୍ଧୁ ତାଙ୍କୁ ସ୍ପର୍ଶ କରି ନ ଥିଲା। ତାଙ୍କର ବିଚକ୍ଷଣ ବୁଦ୍ଧି, ଧୀସଂପନ୍ନ କାର୍ଯ୍ୟଶୈଳୀ ଏକ ଆର୍ଥିକ ନିଅଣ୍ଟିଆ ରାଜ୍ୟକୁ 'ବିକାଶଶୀଳ ରାଜ୍ୟରେ' ପରିଣତ କରିଥିଲା। ଲୋକଙ୍କ ମନ ସେ ପଢ଼ି ପାରୁଥିଲେ ଓ ସେଥିପାଇଁ କୌଣସି ଜନ ହିତକର ଯୋଜନାର କାର୍ଯ୍ୟାନ୍ୱୟନ ତାଙ୍କ ପାଇଁ ସହଜ ହୋଇଥିଲା। ତାଙ୍କ କାର୍ଯ୍ୟଧାରା, ବିକାଶର ଚିନ୍ତାଧାରା ତଥା ରାଜ୍ୟକୁ ସମୃଦ୍ଧ ପଥରେ ବାହିନେବାର ଦୁର୍ବାର ଉଦ୍ୟମ ତାଙ୍କୁ କେବଳ ରାଜ୍ୟ ଭିତରେ ନୁହେଁ, ସାରା ଦେଶରେ ଜଣେ ଜନନାୟକର ଆଖ୍ୟା ଦେଇଛି ବୋଲି ଶ୍ରୀ ଘଡ଼େଇ ମତବ୍ୟକ୍ତ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସ୍ମୃର ରାଉତରାୟ କହିଛନ୍ତି ଯେ ନବୀନ ଏକ ଭିନ୍ନ ବ୍ୟକ୍ତିତ୍ୱ। ସବୁବେଳେ ଦଳମତ ନିର୍ବିଶେଷରେ ସେ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ପାଇଁ 'ଦଳ' ନୁହେଁ, ବଡ଼ ରାଜ୍ୟର 'ବିକାଶ'। ମୁଁ ବିରୋଧୀ ଦଳରେ ହେଲେ ମଧ୍ୟ ମୋ ଅଞ୍ଚଳର ବିକାଶରେ ଯେତେବେଳେ ଯେଉଁ ଦାବି ରଖିଛି, ତାହା ସେ ଦ୍ୱିଧାରେ ପୂରଣ କରିଛି। ତାଙ୍କର ଏହି ବ୍ୟକ୍ତିତ୍ୱ ତାଙ୍କୁ ରାଜନୀତିଠାରୁ ଉର୍ଦ୍ଧ୍ୱରେ ଜଣେ ଜନନାୟକ ଭାବେ ଲୋକପ୍ରିୟକରିପାରିଛି। ଲୋକପ୍ରିୟତାରେ ନବୀନ ହିମାଳୟ ସଦୃଶ, ତାଙ୍କ ଆମେମାନେ ଛୋଟିଆ ଛୋଟିଆ ଗୋଡ଼ି ।

ଗାନ୍ଧୀବାଦୀ ତଥା ବରିଷ୍ଠ ସମ୍ବାଦିକ ପ୍ରହ୍ଲାଦ ସିଂ କହିଛନ୍ତି ଯେ ରାଜନେତାମାନେ ଆଗାମୀ ନିର୍ବାଚନକୁ ଦୃଷ୍ଟି ଦେଇ କାମ କରୁଥିବା ବେଳେ, ନବୀନ ଆଗାମୀ ପିଢ଼ିକୁ ଦୃଷ୍ଟି ଦେଇଥାନ୍ତି। ଜେଜେବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ବାପା ବିଜୁ ପଟ୍ଟନାୟକଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ସେ ଉଦାରତା ଓ ହୃଦୟବାନ ପ୍ରକୃତି ପାଇଛନ୍ତି; ତାହା ତାଙ୍କ ରାଜନୈତିକ ଜୀବନକୁ ଅଧିକ ପ୍ରସ୍ଫୁଟିତ କରିଛି। ନବୀନ କମ୍ କୁହନ୍ତି, ମାତ୍ର ତାଙ୍କ କାମ ଅଧିକ ଥା କହେ। ଶ୍ରୀମନ୍ଦିରଠାରୁ ଆରମ୍ଭ କରି ଏସ୍‌ସିବି ମେଡିକାଲ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, କୋରାପୁଟରୁ କେନ୍ଦୁଝର, କଳାହାଣ୍ଡିରୁ କେନ୍ଦ୍ରାପଡ଼ା, ପଶ୍ଚିମ ଓଡ଼ିଶାରୁ ଉପକୂଳ ଓଡ଼ିଶା, ସବୁଠାରେ ତାଙ୍କ ବିକାଶର ଛାପ ସ୍ପଷ୍ଟ। ରାଜ୍ୟର ସ୍ୱାର୍ଥ ପାଇଁ କେଉଁଠି ବି ବୁଝାମଣା କରିନାହାନ୍ତି ବୋଲି ଶ୍ରୀ ସିଂ କହିଛନ୍ତି ।

ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ କେଦାର ମିଶ୍ର କହିଛନ୍ତି ଯେ ଦିନେ ଭୋକ ଓ ଅନାହର ମୃତ୍ୟୁକୁ ନେଇ ଅପବାଦ ମୁଣ୍ଡାଉଥିବା ଓଡ଼ିଶାକୁ ନବୀନ 'ବ୍ରାଣ୍ଡ ଓଡ଼ିଶା'ରେ ପରିଣତ କରିଛନ୍ତି। ବିପର୍ଯ୍ୟୟ ପ୍ରଶମନ, ନାରୀ ସଶକ୍ତୀକରଣ, ରୋଗୀ କଲ୍ୟାଣ, ଭୋକ ଦମନ, କ୍ରୀଡ଼ା ବିକାଶ, ସବୁ କ୍ଷେତ୍ରରେ ନବୀନ ଓଡ଼ିଶାକୁ ଦେଶରେ ଉଦାହରଣୀୟ ରାଜ୍ୟ କରିଛନ୍ତି। ନବୀନଙ୍କ ବିକାଶ ମଡେଲକୁ ଅନ୍ୟମାନେ ଗ୍ରହଣ କରିଛନ୍ତି। ତାଙ୍କ ପ୍ରଭାବ ସାଧାରଣ ଜନତାଙ୍କ ହୃଦୟରେ ଏପରି ଛାପ ଛାଡ଼ିଯାଇଛି, ଯଥାର୍ଥରେ ତାଙ୍କୁ ଜନନାୟକ କହିବାରେ କିଛି ବି ଭୁଲ ହେବ ନାହିଁ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ ଅତିଥିଙ୍କୁ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଚେୟାରମ୍ୟାନ୍ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ସମ୍ବର୍ଦ୍ଧିତ କରିଥିଲେ।

■ ନିଅଣ୍ଟିଆ ରାଜ୍ୟକୁ ବିକାଶ ମଡେଲ କରିଛନ୍ତି ନବୀନ: ପ୍ରଫୁଲ
■ ନବୀନ ହିମାଳୟ, ତାଙ୍କ ଆଗରେ ଆମେ ଗୋଡ଼ି: ସୁରେଶ
■ ନବୀନ କମ୍ କୁହନ୍ତି; ଅଧିକ କୁହେ ତାଙ୍କ ବିକାଶ: ପ୍ରହ୍ଲାଦ
■ ସବୁ ରାଜନେତା ଜନନେତା ହୋଇ ପାରନ୍ତି ନାହିଁ: କେଦାର

ଶୈକ୍ଷିକ ପରିବେଶ ଓ ଦକ୍ଷ ଶିକ୍ଷକ ସଂଖ୍ୟା ହିଁ ଶିକ୍ଷାର ମାନଦଣ୍ଡ

ଭୁବନେଶ୍ୱର,୨୫।୮ (ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନ ପରିସରରେ ଚମକୁଥିବା ବଡ ବଡ ଅଟ୍ଟାଳିକା ବା ବିଲ୍ଡିଂ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ପରିଚୟ ନୁହେଁ। ସ୍କୁଲରେ ପର୍ଯ୍ୟାପ୍ତ ତାଲିମପ୍ରାପ୍ତ ଶିକ୍ଷକ ସଂଖ୍ୟା ହିଁ ରାଜ୍ୟର ଶିକ୍ଷାର ମାନଦଣ୍ଡକୁ ଦର୍ଶାଏ। ବହୁ ବର୍ଷ ପୂର୍ବରୁ ଶିକ୍ଷକ ସଂକଟ ପରି ଶବ୍ଦ ଶୁଭୁ ନ ଥିଲା। ସ୍କୁଲରେ ବିଷୟଭିତ୍ତିକ ଶିକ୍ଷକ ଥିଲେ। ମାତ୍ର ଏବେ ଜଣେ ମାତ୍ର ଶିକ୍ଷକଙ୍କୁ ନେଇ ରାଜ୍ୟର ୧୪୫୮ ସ୍କୁଲ ଚାଲିଛି। ବିଶ୍ୱବିଦ୍ୟାଳୟ ଅତିଥି ଅଧ୍ୟାପକଙ୍କ ଭରସାରେ ଚାଲିଛି। ରାଜ୍ୟର ଶିକ୍ଷା ବ୍ୟବସ୍ଥା କେଉଁ ଅବସ୍ଥାରେ ରହିଛି ଏଥିରୁ ସହଜେ ଅନୁମେୟ । ଓଡ଼ିଶା ଅଭ୍ୟୁଦୟ ଆଲୋଚନା ଚକ୍ରର ତୃତୀୟ ଅଧିବେଶନରେ ଏପରି ଉଦ୍‌ବେଗ ପ୍ରକାଶ କରିଛନ୍ତି ବରିଷ୍ଠ ଶିକ୍ଷାବିତ୍ ତଥା ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଅଜୟ ପଟ୍ଟନାୟକ । ସେ କହିଛନ୍ତି ଯେ ଶିକ୍ଷାର ବିକଳ୍ପ ନାହିଁ ଓ କୌଣସି ମୂଲ୍ୟରେ ଶିକ୍ଷାକୁ ଅବହେଳା କରାଯାଇ ପାରିବ ନାହିଁ । ବଡ଼ କୋଠା ଶିକ୍ଷାର ମାନ ବଢ଼ାଏ ନାହିଁ। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସମବିଚାରଧାରା ଓ ରାଜନୈତିକ ବ୍ୟକ୍ତିତ୍ୱଙ୍କ ନିଯୁକ୍ତି ଠିକ୍ ନୁହେଁ।

ଆଲୋଚନାରେ ଅଂଶଗ୍ରହଣ କରି ଓଡିଏମ୍ ଏଜୁକେସନାଲ୍ ଗ୍ରୁପର ଅଧ୍ୟକ୍ଷ ସତ୍ୟବ୍ରତ ମୀନକେତନ କହିଛନ୍ତି ରାଜ୍ୟରେ ଶିକ୍ଷକ ପଦବୀ ପୂରଣ ସହ ପ୍ରାଥମିକ ସ୍କୁଲ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଅତ୍ୟନ୍ତ ଆବଶ୍ୟକ। ପ୍ରାଥମିକ ଶିକ୍ଷା ଘର ମୂଳଦୁଆ ଭଳି। ଏହି ସମୟରୁ ହିଁ ପିଲାଙ୍କ ପ୍ରକୃତ ବିକାଶ ଆରମ୍ଭ ହୁଏ। ଶିକ୍ଷକ ମାନଙ୍କ ଉପରେ ପାଠ ପଢା ବ୍ୟତୀତ ଅନ୍ୟ କୌଣସି ବୋଝ ରହିବା କଥା ନୁହଁ। ପୂର୍ବରୁ ସରକାରୀ ସ୍କୁଲ ଶିକ୍ଷକମାନଙ୍କୁ ଭୋଟ ଭଳି କାମରେ ଲଗାଯାଉ ଥିଲା । ଏଭଳି ସମସ୍ୟା ହେବାରୁ ଅଭିଭାବକ ପିଲାମାନଙ୍କୁ ଘରୋଇ ସ୍କୁଲରେ ଟଙ୍କା ଦେଇ ଭର୍ତ୍ତି କଲେ, ହେଲେ ଏବେ ସରକାର ଘରୋଇ ସ୍କୁଲ ଶିକ୍ଷକଙ୍କୁ ବି ଭୋଟ ତାଲିକା ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ କରିଛନ୍ତି ବୋଲି ସେ କହିଛନ୍ତି ।

ଅନ୍ୟତମ ଆଲୋଚକ ତଥା ସିଭି ରମଣ ଗ୍ଲୋବାଲ ୟନିଭର୍ସିଟିର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୀବ ରାଉତ କହିଛନ୍ତି ଯେ ବିଗତ କିଛି ଦଶନ୍ଧି ଧରି ରାଜ୍ୟରେ ବୈଷୟିକ ଶିକ୍ଷାରେ ବିକାଶ ଘଟିଛି। ଆଇଟିଆଇ, ପଲି ଟେକ୍‌ନିକ୍, ଇଞ୍ଜିନିୟରିଂ ସମେତ ଅନ୍ୟାନ୍ୟ ବୈଷୟିକ ଶିକ୍ଷାରେ ବିକାଶ ଘଟିଛି। ସରକାର ଏଥିରେ ଘରୋଇ ଅନୁଷ୍ଠାନ ଗୁଡ଼ିକୁ ସଶକ୍ତ କରିଛନ୍ତି। ଏହା ସତ୍ତ୍ୱେ ବହୁ ପିଲା ରାଜ୍ୟ ବାହାରକୁ ପାଠ ପଢ଼ିବାକୁ ଚାଲି ଯାଉଛନ୍ତି। ସେଠାରେ ବିକଶିତ ଶିଳ୍ପ ବ୍ୟବସ୍ଥା ରହିଛି। ପାଠ ପଢା ସମୟରେ ବା ଶେଷ ହେବା ପରେ ଚାକିରି କରି ଟଙ୍କା ରୋଜଗାର କରିବାର ବ୍ୟବସ୍ଥା ରହିଛି। ଓଡ଼ିଶା ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ଭିତରେ ବାନ୍ଧି ରଖିବାକୁ ହେଲେ ଏଠାରେ ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା କରିବାକୁ ପଡ଼ିବ ବୋଲି ସେ କହିଥିଲେ।

■ ବଡ଼ବଡ଼ କୋଠା ଶିକ୍ଷା ବ୍ୟବସ୍ଥାର ପରିଚୟ ନୁହେଁ: ଅଜୟ ପଟ୍ଟନାୟକ
■ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ ଆବଶ୍ୟକ: ସତ୍ୟବ୍ରତ ମୀନକେତନ
■ ବୈଷୟିକ ଶିକ୍ଷାର ବିକାଶ ପାଇଁ ଅଧିକ ଶିଳ୍ପ ସ୍ଥାପନ ଜରୁରୀ: ସଞ୍ଜୀବ ରାଉତ

ସମ୍ମାନର ସହ ନିଷ୍ପତ୍ତି ନେବା ହେଉଛି ପ୍ରକୃତ ମହିଳା ସଶକ୍ତୀକରଣ

ଭୁବନେଶ୍ୱର,୨୫।୮ (ସମିସ): କେବଳ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ନୁହେଁ, ବରଂ ଶିକ୍ଷା, ସାମାଜିକ ଓ ବ୍ୟକ୍ତିଗତ କ୍ଷେତ୍ରରେ ମଧ୍ୟ ମହିଳାମାନେ ସଶକ୍ତ ହେବା ଉଚିତ୍। ଆତ୍ମସମ୍ମାନର ସହ ନିଜର ନିଷ୍ପତ୍ତି ନେବା ହେଉଛି ପ୍ରକୃତ ମହିଳା ସଶକ୍ତୀକରଣ ବୋଲି ବିଶିଷ୍ଟ ବକ୍ତାମାନେ ମତ ରଖିଛନ୍ତି। 'ମହିଳା ସଶକ୍ତୀକରଣ ଦିଗରେ ଆହ୍ୱାନ ଓ ଉପଲବ୍ଧି' ଶୀର୍ଷକରେ ଅଂଶଗ୍ରହଣ କରି ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି ଯେ ଅନେକ ମହିଳା ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରିଥିଲେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନିର୍ଯାତନାର ଶିକାର ହେଉଛନ୍ତି। ଯଦିଓ ମହିଳାଙ୍କୁ ଭଗବାନ ମା' ହେବାର କ୍ଷମତା ଦେଇଛନ୍ତି ଓ ପରିବାର ତଥା ନିଜ ପିଲାମାନଙ୍କ ଲାଳନପାଳନରେ ମହିଳାଙ୍କର ପ୍ରମୁଖ ଭୂମିକା ରହିଛି, କିନ୍ତୁ ଆଜି ମଧ୍ୟ ମହିଳାମାନେ ନିଜେ ନିଜର ନିଷ୍ପତ୍ତି ନେବାକୁ ଆଗକୁ ଆସିପାରୁ ନାହାନ୍ତି। ଯାହାକି ବର୍ତ୍ତମାନ ସମାଜରେ ଏକ ଆହ୍ୱାନ ପାଲଟିଛି ବୋଲି କହିଛନ୍ତି ଶ୍ରୀମତୀ ଦାସ କହିଛନ୍ତି ।

ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ତଥା ଆଇନଜୀବୀ ସ୍ନିଗ୍ଧା ପାଣିଗ୍ରାହୀ କହିଛନ୍ତି ଯେ ଜଣେ ମହିଳା ପ୍ରଥମେ ନିଜ ପରିବାରରୁ ସଶକ୍ତ ହେବା ଉଚିତ୍। ମହିଳା ସଶକ୍ତୀକରଣ ଏକ ପ୍ରକ୍ରିୟା। ଏହା ହଠାତ୍ ହୋଇ ନ ଥାଲେ, ଏଥିପାଇଁ ସମୟ ଓ ପାରିପାଶ୍ୱିକ ସହଯୋଗ ସହ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। ଆଜିର ସମୟରେ ମହିଳାମାନେ ଶିକ୍ଷା କ୍ଷେତ୍ରରେ ଆଗକୁ ଆସିବା ସହ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ପୁରୁଷଙ୍କ ଠାରୁ କମ୍ ନୁହଁନ୍ତି। ତେବେ କେବଳ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେଲେ ତାହାକୁ ମହିଳା ସଶକ୍ତୀକରଣ କୁହାଯାଇପାରିବ ନାହିଁ। ବରଂ ଏଥିପାଇଁ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ପୂର୍ବତନ ଲୋକସଭା ସାଂସଦ ଶର୍ମିଷ୍ଠା ସେଠୀ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଓଡ଼ିଶାର ୭୦ ହଜାର ମହିଳା କିଭଳି ଆତ୍ମନିର୍ଭର ହୋଇଥିଲେ। ସାଧାରଣ ଭୋଟରରୁ ନୀତି ନିର୍ଦ୍ଧାରକ ପାଲଟିଥିଲେ। 'ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଜି'ର ସଫଳ ଯାତ୍ରା ରାଜ୍ୟର ମହିଳାମାନଙ୍କ ଆତ୍ମବିଶ୍ୱାସକୁ ଆହୁରି ସୁଦୃଢ଼ କରିଥିଲା। ଯେଉଁ ମହିଳାମାନେ ଏକଦା ପୁରୁଷମାନଙ୍କ ଉପରେ ନିର୍ଭର କରୁଥିଲେ ବର୍ତ୍ତମାନ ନିଜର ଦୃଢ଼ ମନୋବଳରେ ସଫଳତାର ଶୀର୍ଷରେ ମଧ୍ୟ ପହଞ୍ଚିବାକୁ ଆରମ୍ଭ କଲେଣି। ଏହାହିଁ ପ୍ରକୃତ ସଶକ୍ତୀକରଣ ବୋଲି ଶ୍ରୀମତୀ ସେଠୀ ମତବ୍ୟକ୍ତ କରିଛନ୍ତି।

ବରିଷ୍ଠ ସାମ୍ବାଦିକା ମିନତୀ ସିଂହ କହିଛନ୍ତି ଯେ ଯେଉଁ ମହିଳା ନିଜ ସହ ନିଜ କମ୍ୟୁନିଟି କିମ୍ବା ନିଜ ଅଞ୍ଚଳର ମହିଳାମାନଙ୍କୁ ସଶକ୍ତ କରାଇଥାଏ ସେ ହିଁ ପ୍ରକୃତରେ ସଶକ୍ତ ମହିଳା । ତେବେ ମହିଳାଙ୍କ ବିଭିନ୍ନ ସମସ୍ୟା ବିଷୟରେ କେବଳ ମହିଳାମାନେ ଆଲୋଚନା କଲେ ହେବ ନାହିଁ ବରଂ ପୁରୁଷମାନଙ୍କୁ ମଧ୍ୟ ସାମିଲ କରାଯିବା ଉଚିତ୍। କାରଣ ଜଣେ ପୁରୁଷର ସଫଳତା ପଛରେ ମହିଳାଙ୍କ ହାତ ଥାଏ, ଠିକ୍ ସେମିତି ଜଣେ ସଶକ୍ତ ମହିଳା ପଛରେ ପୁରୁଷଙ୍କ ଭୂମିକା ନିହାତି ଜରୁରୀ ବୋଲି ବୋଲି ସେ କହିଥିଲେ।

ମହାନଦୀରେ ଛୋଟ ବନ୍ୟା ଆଶଙ୍କା

ଭୁବନେଶ୍ୱର,୨୫।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବର୍ତ୍ତମାନ ଝାଡ଼ଖଣ୍ଡ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ଝାଡ଼ଖଣ୍ଡ ସମେତ ଛତିଶଗଡ଼ର କିଛି ଅଞ୍ଚଳରେ ଭୀଷଣ ବର୍ଷା ଜାରି ରହିଛି। ଛତିଶଗଡ଼ ଅର୍ଥାତ ମହାନଦୀର ଉପରମୁଣ୍ଡରେ ବର୍ଷା ବଢ଼ିବା ହେତୁ ହୀରାକୁଦରୁ ଅଧିକ ସଂଖ୍ୟକ ଗେଟ୍ ଖୋଲାଯିବା ନେଇ ଆଶଙ୍କା ବଢ଼ିଛି। ଛତିଶଗଡ଼ରେ ବର୍ଷା ହେବା କାରଣରୁ ମହାନଦୀରେ ଜଳ ସ୍ତର ବଢ଼ିଛି। ତେଣୁ ମହାନଦୀରେ ଛୋଟ ବନ୍ୟା ହେବା ନେଇ ଆଶଙ୍କା ଉପୁଜିଛି ।

ରାଜ୍ୟ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି ଯେ ଛତିଶଗଡ଼ରେ ବର୍ଷା ବଢ଼ିବା ହେତୁ ଏକ ଛୋଟ ବନ୍ୟା ନେଇ ସତର୍କ ସୂଚନା ଜାରି କରାଯାଇଛି। ଏବେ ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ନଦୀରେ ବନ୍ୟା ସ୍ଥିତି ନାହିଁ। ତେବେ ମହାନଦୀରେ ପ୍ରାୟ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଅଧିକପାଣିରହିବାରସମ୍ଭାବନାରହିଛି।ବୁଧବାରସୁଦ୍ଧା ମୁଣ୍ଡଳୀରେ ପ୍ରାୟ ୬ ଲକ୍ଷ ୫୦ ହଜାରରୁ ୬ ଲକ୍ଷ ୭୦ ହଜାର କ୍ୟୁସେକ୍ ପାଣି ପ୍ରବାହିତ ହୋଇପାରେ। ତେଣୁ ତଳମୁଣ୍ଡରେ ଜଳସ୍ତର ଉପରେ ନଜର ରଖାଯାଇଛି ।

ଅନ୍ୟପଟେ ବଂଶଧାରା ନଦୀର ଉପରମୁଣ୍ଡରେ ବର୍ଷା ଯୋଗୁଁ ଫ୍ଲାସ୍ ଫ୍ଲଡ୍ ସ୍ଥିତି ଦେଖାଦେଇଥିଲା। ହେଲେ ଏବେ ନଦୀରେ ପାଣି କମିବାରେ ଲାଗିଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବଡ଼ ବର୍ଷା ନ ଥିବାରୁ ସ୍ଥିତିରେ ଆହୁରି ସୁଧାର ଆସିପାରେ ବୋଲି କୁହାଯାଇଛି। ସେହିପରି ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀ ନଦୀରେ ବର୍ତ୍ତମାନ ବନ୍ୟା ସ୍ଥିତି ନଥିବା ସ୍ପଷ୍ଟ କରିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ। ତେଣୁ ଏହି ନଦୀଗୁଡ଼ିକରେ ବନ୍ୟା ବିପଦ ଟଳିଥିବା ବେଳେ ମହାନଦୀର ଜଳସ୍ତର ଉପରେ ଏବେ ନଜର ରହିଛି। ଛତିଶଗଡ଼ରେ ବର୍ଷା ଓ ମହାନଦୀର ଉପରମୁଣ୍ଡରେ ଜଳପ୍ରବାହ ବଢୁଥିବାରୁ ତଳମୁଣ୍ଡର ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ଦୁଇ ଦିନ ରାଜ୍ୟରେ ଅପେକ୍ଷାକୃତ ବର୍ଷାର ପରିମାଣ କମ୍ ରହିବ। ୨୯ ତାରିଖ ପରେ ପୁଣି ଥରେ ବର୍ଷା ବୃଦ୍ଧି ନେଇ ଆଶଙ୍କା କରାଯାଉଛି।

ହୀରାକୁଦର ୧୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୨୫।୮ (ସମିସ) : ଉପରମୁଣ୍ଡରେ ବର୍ଷା ଏବଂ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ଅହେତୁକ ଭାବେ ବୃଦ୍ଧି ପାଇବାପରେ ସୋମବାର ପର୍ଯ୍ୟାୟକ୍ରମେ ୧୧ଟି ଗେଟ୍ ଖୋଲାଯାଇଥିଲା। ବର୍ତ୍ତମାନ ମୋଟ ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨ ଫୁଟ୍ ଉପରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୯୩ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଏବଂ ଡାହାଣ ପାର୍ଶ୍ୱର ୫ଟି ଏହିଭଳି ମୋଟ ୧୬ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୧୧,୩୯୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୮୯,୨୯୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୫୪,୨୮୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨୦୭୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ

ବେଲଗାଁଠାରେ ୭୯,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧,୯୧,୯୧୧ କ୍ୟୁସେକ୍, ଖଇରମାଲଠାରେ ୫,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୪୮,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୪୦,୩୪୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪୧.୬୬ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୯.୬୮ ମିମି ବର୍ଷା ରେକର୍ଡ କରାଯାଇଛି।

ଶୋଇଥିବାବେଳେ କାମୁଡ଼ିଲା ସାପ; ୪ ମୃତ

ଭାଇ-ଭଉଣୀ, ଅଜା-ନାତି ମୃତ

ବଣାଇଁଗଡ଼, ୨୫।୮ (ସମିସ): ଶୋଇଥିବାବେଳେ କାମୁଡ଼ିଲା ସାପ। ଚାଲିଗଲା ଅଜା-ନାତି ଓ ଭାଇ-ଭଉଣୀଙ୍କ ଜୀବନ। ମୃତକ ହେଲେ ବଣାଇଁ ବ୍ଲକ ଟିକାୟତପାଲି ଥାନା ଅନ୍ତର୍ଗତ ତିଳେଇମାଲ ଗ୍ରାମର ରବି ଭୂୟାଁ (୭୬) ଓ ତାଙ୍କ ନାତି ସଞ୍ଜୟ ନାଏକ (୮) ଓ ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗିର୍ଜାଟୋଲି ଗାଁର ସମୀର ହାରୋ (୧୦) ଏବଂ ତାଙ୍କ ଭଉଣୀ ସାଇରେନ ହାରୋ (୭)। ପ୍ରକାଶ ଯେ, ବଣାଇଁ ବ୍ଲକ ଟିକାୟତପାଲି ଥାନା ଅନ୍ତର୍ଗତ ତିଳେଇମାଲ ଗ୍ରାମ ଭୂୟାଁସାହିର ରବି ଭୂୟାଁ ଓ ତାଙ୍କ ନାତି ସଞ୍ଜୟ ସୋମବାର ରାତିରେ ଖାଇପିଇ ଶୋଇଥିଲେ। ମାତ୍ର ବିଳମ୍ବିତ ରାତିରେ ଉଭୟଙ୍କୁ ସାପ କାମୁଡ଼ି ଦେଇଥିଲା। ଅଜା-ନାତିଙ୍କୁ ବଣାଇଁ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ଟିକାୟତପାଲି ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗିର୍ଜାଟୋଲି ଗାଁର ସମୀର ତାଙ୍କ ସାନ ଭଉଣୀ ସାଇରେନ ସହ ଶୋଇଥିବାବେଳେ ସାପ କାମୁଡ଼ି ଥିଲା। ରାତି ୩ ଟା ବେଳେ ଉଭୟ ପେଟ ଯନ୍ତ୍ରଣା ହେଉଛି କହିବାରୁ ପରିବାର ଲୋକେ ଡାକ୍ତରଖାନା ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ମିଳିଲା ଲାଇଫ୍ ବୋଟ୍; ମିଳୁନାହାନ୍ତି ନିଖୋଜ ନାବିକ

ପାରାଦୀପ,୨୫।୮ (ସମିସ): ୧୦୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପରେସନ ପରେ ମଧ୍ୟ ବଙ୍ଗୋପସାଗରର ଗଭୀର ଜଳ ରାଶିରେ ବୁଡ଼ି ଯାଇଥିବା ମାଲବାହୀ ଜାହାଜ ଏମ୍‌ଭି 'ଓସେନ ୱିନର'ର କୌଣସି ସନ୍ଧାନ ମିଳିପାରିନି। ଘଟଣାସ୍ଥଳରେ ଏକ ଲାଇପ୍ ବୋଟ୍ ମିଳିଥିବା ବେଳେ ନିଖୋଜ ୨୨ ଜଣ କର୍ମଚାରୀଙ୍କ ପତ୍ତା

- ୧୦୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ଖୋଜାଖୋଜି
- ସନ୍ଧାନ କାର୍ଯ୍ୟରେ ଆଉ ୨ ଚୀନ ଜାହାଜ ସାମିଲ

ମିଳି ପାରୁନି। ସେମାନେ ଜୀବିତ ଅଛନ୍ତି ନା ଜାହାଜ ସହିତ ବୁଡ଼ି ଯାଇଛନ୍ତି ତାକୁ ନେଇ ସନ୍ଦେହ ବଢୁଛି। ଏପରିକି ଜାହାଜ ବୁଡିଥିବାର କୌଣସି ସ୍ଥାନ ମଧ୍ୟ ନିରୂପଣ କରାଯାଇ ପାରୁନି।

ଗତ ଶୁକ୍ରବାରଠାରୁ ନିଖୋଜ ଜାହାଜକୁ ଖୋଜିବା ପାଇଁ ନୌସେନା ଓ ଭାରତୀୟ ତଟରକ୍ଷୀ ବାହିନୀର ୩ଟି ଜାହାଜ ରେସକ୍ୟୁ ଅପରେସନ୍‌ରେ ଲାଗିଛନ୍ତି। ଦିନ ରାତି ଏକାକାର କରି ମଝି ସମୁଦ୍ରରେ ଦୀର୍ଘ ୧୦୦ ଘଣ୍ଟା ହେଲା ଘୂରି ବୁଲୁଛନ୍ତି। କିନ୍ତୁ କିଛି ବି ସନ୍ଧାନ ପାଇପାରୁନାହାନ୍ତି। ଜାହାଜର ନିଖୋଜ ୨୨ କର୍ମଚାରୀଙ୍କୁ ନେଇ ଏବେ ସନ୍ଦେହ ବଢି ଚାଲିଛି। ମାତ୍ର ୨ଜଣ ଚୀନ କର୍ମଚାରୀଙ୍କୁ ଉଦ୍ଧାର କରାଯିବା ପରେ ଅନ୍ୟ ୨୨ ଜଣଙ୍କୁ ଉଦ୍ଧାର କରାଯିବା ନେଇ ଲକ୍ଷ୍ୟ ରଖିଛନ୍ତି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ଟିମ। ତେବେ ପ୍ରତି ମୁହୂର୍ତ୍ତରେ ବଦଳୁଛି ସର୍ଚ୍ଚ ଏରିଆ। ତଟରକ୍ଷୀ ବାହିନୀ କିମ୍ବା ନୌସେନା ପକ୍ଷରୁ କୌଣସି ସଠିକ ତଥ୍ୟ ମିଳି ପାରୁ ନଥିବାରୁ ବିଭିନ୍ନ ପ୍ରକାର ସସପେନ୍ସ ମନରେ ଆସୁଛି। ତେବେ ଏବେବି ସେହି ଅଞ୍ଚଳରେ

ଭାରତୀୟ କୋଷ୍ଟଗାର୍ଡର ୨ଟି ଜାହାଜ ନିୟୋଜିତ ଅଛି ଏବଂ ସନ୍ଧାନ ଓ ଉଦ୍ଧାର ଅଭିଯାନ ଜାରି ରହିଛି। ବର୍ତ୍ତମାନ ବିଶ୍ୱସ୍ତ ଜାହାଜ "ବିଜିତ"କୁ ଆଣ୍ଡାମାନରୁ ରିଲିଭ୍ କରିଛି। ଏହା ସହିତ "ବରଦ" ମଧ୍ୟ ସର୍ଚ୍ଚ ଅଭିଯାନରେ ନିୟୋଜିତ ଅଛି। ଏହା ସହିତ ଅଞ୍ଚଳରେ ଚାଲିଥିବା ସନ୍ଧାନ ଓ ଉଦ୍ଧାର ଅଭିଯାନରେ ଆଉ ୨ଟି ଚୀନ୍ ଜାହାଜ ସାମିଲ ହୋଇଛି। ସେହି ୨ ଜଣଙ୍କୁ ଛାଡି ଦେଲେ ଏପର୍ଯ୍ୟନ୍ତ ଆଉ କୌଣସି ଜୀବିତ ବ୍ୟକ୍ତିଙ୍କ ସନ୍ଧାନ ମିଳିନାହିଁ। ଭାରତୀୟ କୋଷ୍ଟ ଗାର୍ଡର ଡୋର୍ନିୟର ବିମାନ ଏବଂ ଭାରତୀୟ ନୌସେନାର ପି-୮ଆଇ ବିମାନ ମଧ୍ୟ ଏହି ସନ୍ଧାନ ଓ ଉଦ୍ଧାର ଅଭିଯାନରେ ସାମିଲ ହୋଇଛି।

ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ | ରାଜ୍ୟ ବିରୋଧରେ ଷଡ଼ଯନ୍ତ୍ର

ବିଜେଡିର ଅଭିଯୋଗ
- ଏମ୍‌ଏମ୍‌ଡିଆର ସଂଶୋଧନ ବିଲ୍ ପାରିତ ହେବା ଦିନଟି ଓଡ଼ିଶା ପାଇଁ କଳା ଦିବସ
- ଓଡ଼ିଶାର ଅର୍ଥନୈତିକ ସ୍ୱାଧୀନତାକୁ ଅପହରଣ କରି ନିଆଯାଇଛି
- ସମ୍ପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟବାସୀଙ୍କ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖନ୍ତୁ

ଭୁବନେଶ୍ୱର,୨୫।୮ (ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ବିଜେଡି କ୍ରମାଗତ ଭାବରେ ନିଜର କଡ଼ା ପ୍ରତିବାଦ ପ୍ରକାଶ କରିଆସୁଛି। ଏମଏମଡିଆର ସଂଶୋଧନ ବିଲ ପାରିତ ହେବା ଦିନଟି ଓଡ଼ିଶା ପାଇଁ କଳା ଦିବସ ଥିଲା। ଏହି ବିଲ୍ ମାଧ୍ୟମରେ ଓଡ଼ିଶାଠାରୁ ଅର୍ଥନୈତିକ ସ୍ୱାଧୀନତା ଛଡ଼ାଇ ନିଆଯାଇଛି କ୍ଷୋଭ ପ୍ରକାଶ କରିଛି ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏମଏମଡିଆର ବିଲ୍ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ମତବ୍ୟକ୍ତ କରିଛନ୍ତି।

ଗୌତମବୁଦ୍ଧ ଦାସ କହିଥିଲେ ଯେ ଏମଏମଡିଆର ସଂଶୋଧନ ବିଲ୍ ମାଧ୍ୟମରେ ରାଜ୍ୟର ନ୍ୟାଯ୍ୟ ପ୍ରାପ୍ୟ ଯେତେବେଳେ ଛଡାଇ ନିଆଯାଉଥିଲା, ସେତେବେଳେ ବିଜେପିର ୨୦ ଜଣ ଲୋକସଭା ସଦସ୍ୟ ଓ ୫ ଜଣ ରାଜ୍ୟସଭା ସଦସ୍ୟ ଏହାକୁ ହାତ ଟେକି ସମର୍ଥନ କରିଥିଲେ। ଇତିହାସ ଏମାନଙ୍କୁ କେବେ କ୍ଷମା ଦେବ ନାହିଁ। ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ବିଜେପିର ସାଂସଦ ମାନେ ନିଜ ପାର୍ଟିର ସ୍ୱାର୍ଥ ପାଇଁ କାର୍ଯ୍ୟକଲେ। ପୁଞ୍ଜିପତି ମାନଙ୍କୁ ଫାଇଦା ଦେବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଛି। ଏହି ଆଇନ ପାରିତ ହେବା ଯୋଗୁ ଓଡ଼ିଶା ଏକ ଲକ୍ଷ କୋଟି ଟଙ୍କାରୁ ଉଦ୍ଧ୍ୱର୍ ବକେୟା ଆଦାୟ କରିବାରୁ ବଞ୍ଚିତ ହୋଇଛି। ଏହାଛଡ଼ା ଖଣିରେ ଲାଗୁ ହେବାକୁ ଥିବା ଟିକସ ମାଧ୍ୟମରେ ପ୍ରତି ବର୍ଷ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ଓଡ଼ିଶା ହରାଇବ। ଦୁର୍ଭାଗ୍ୟର କଥା ନିକଟରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ବିଦା ହୋଇଥିବା ଜଣେ ବିଜେପି ସାଂସଦ ଏହି ସଂଶୋଧନ ବିଲ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଓଡ଼ିଶାର ସ୍ୱାର୍ଥକୁ ହାସଲ ପାଇଁ ସେ ଲଢେଇର ଆହ୍ୱାନ ଦେଇଛନ୍ତି। ତେଣୁ ବିଜୁ ଜନତା ଦଳ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବ। ଡ. ଲେନିନ ମହାନ୍ତି କହିଥିଲେ ଖଣି ରାଜସ୍ୱ ଓଡ଼ିଶାର ବିକାଶର କର୍ଣ୍ଣଧାର ହୋଇଥିବା ବେଳେ ଖଣିରୁ ରାଜ୍ୟକୁ ମିଳିବାକୁ ଥିବା ବିପୁଳ ରାଜସ୍ୱ, ଏମଏମଡିଆର ସଂଶୋଧନ ବିଲ ମାଧ୍ୟମରେ ହାନୀ ହେବାକୁ ଯାଉଛି। ଅଥଚ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁହଁରେ ତୁଣ୍ଡି ଦେଇ ବସିଛନ୍ତି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖୁ ନାହାନ୍ତି। କେନ୍ଦ୍ର ସରକାର ଚଞ୍ଚକତା କରି ଖଣି ଓ ଖଣି ରହିଥିବା ଜମି ଉପରେ ମଧ୍ୟ ରାଜ୍ୟର କୌଣସି ଅଧିକାର ରହିବ ନାହିଁ ବୋଲି ବ୍ୟବସ୍ଥା କରିଛନ୍ତି। ଏହାଛଡା ଏହି ଆଇନ ମାଧ୍ୟମରେ ରାଜ୍ୟ ସରକାର ଖଣିଜ ପଦାର୍ଥ ଉପରେ କୌଣସି ଟିକସ ଲଗାଇ ପାରିବ ନାହିଁ। ବିଜେପିର କିଛି ନେତା ଦାବି କରୁଛନ୍ତି, ୨୦୧୫ ମସିହାରେ କେନ୍ଦ୍ର ସରକାର ଏମଏମଡିଆର ଆକ୍ଟରେ ସଂଶୋଧନ ଆଣିବା ପରେ ଓଡ଼ିଶାର ଖଣି ରାଜସ୍ୱ ୫୦୦୦ କୋଟିରୁ ୫୦, ୦୦୦ କୋଟିକୁ ବୃଦ୍ଧି ପାଇଲା। ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶ୍ରେୟ ଦେବାକୁ ଚେଷ୍ଟା କରୁଥିବା ବିଜେପି ନେତା ମାନେ କହିବେ କି, କେଉଁ କାରଣରୁ ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି ତୁଳନାରେ ଗୁଜୁରାଟ, ମହାରାଷ୍ଟ୍ର, ରାଜସ୍ଥାନ ଇତ୍ୟାଦି ରାଜ୍ୟର ୨୦୧୫ ଏମଏମଡିଆର ସଂଶୋଧନ ପରେ ସମାନ ଅନୁପାତରେ ବୃଦ୍ଧି ପାଇଲା ନାହିଁ କାହିଁକି। ମୁଖ୍ୟମନ୍ତ୍ରୀ ଏଥିପାଇଁ ମଧ୍ୟ ରାଜ୍ୟବାସୀଙ୍କୁ ସ୍ପଷ୍ଟୀକରଣ ଦେବା ଦରକାର। ଏହି ଆଇନ ମାଧ୍ୟମରେ ଓଡ଼ିଶା ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ବିଜେଡି ଲଢେଇ ଜାରି ରଖିବ ବୋଲି ସେ କହିଛନ୍ତି।

ପତ୍ନୀଙ୍କୁ ହତ୍ୟା ଓ ଝିଅର ଗଳା କାଟିବା ମାମଲା | ମୃତ୍ୟୁ ଦଣ୍ଡାଦେଶ କୋହଳ; ଦୋଷୀକୁ ଆଜୀବନ

ଦୁଇ ଝିଅଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ, ୨୫।୮(ସମିସ): ରାଜଧାନୀ ଭୁବନେଶ୍ୱରର ଘାଟିକିଆ ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ପତ୍ନୀ ହତ୍ୟା ଓ ନାବାଳିକା ଝିଅର ଗଳା କାଟିବା ମାମଲାରେ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଭୁବନେଶ୍ୱର ଦୌରା ଅଦାଲତଙ୍କ ଦ୍ୱାରା ଦୋଷୀ ସଞ୍ଜିତ କୁମାର ଦାସକୁ ମିଳିଥିବା ଫାଶୀ ଦଣ୍ଡାଦେଶକୁ ହାଇକୋର୍ଟ କୋହଳ କରିଛନ୍ତି। ଏଥିସହ ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ, ଅଭିଯୁକ୍ତ ଜେଲ୍‌ରେ ୩୫ ବର୍ଷର ସଜା ନକାଟିବା ପର୍ଯ୍ୟନ୍ତ ଦଣ୍ଡ କୋହଳ ପାଇଁ ବିଚାର କରାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ନିମ୍ନ ଅଦାଲତଙ୍କ ରାୟକୁ ବିରୋଧ କରି ଆସାମୀ ସଂଜିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ଫାଶୀ ଦଣ୍ଡାଦେଶକୁ ଅନୁମୋଦନ ପାଇଁ ସରକାରଙ୍କ ପକ୍ଷରୁ ଆବେଦନ ହୋଇଥିଲା। ଉଭୟ ଆବେଦନର ଏକତ୍ର ଶୁଣାଣି କରି ଖଣ୍ଡପୀଠ ଏପରି ରାୟ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତଙ୍କ ଦ୍ୱାରା ଦୋଷୀଙ୍କ ଦୁଇ ଝିଅଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ଆଦେଶ ହୋଇଥିବା ବେଳେ ହାଇକୋର୍ଟ ଏହାକୁ ବୃଦ୍ଧି କରି ପ୍ରତ୍ୟେକଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି। ଏହି କ୍ଷତିପୂରଣ ରାଶି ଉଭୟ ଝିଅଙ୍କ ନାମରେ ଏକ ଜାତୀୟକରଣ ବ୍ୟାଙ୍କରେ ସେମାନଙ୍କ ନାମରେ ସାବାଳିକା ହେବା ପର୍ଯ୍ୟନ୍ତ ସ୍ଥାୟୀ ଜମା ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଏହି ଶିଶୁ ଦୁଇ ଜଣ ସାବାଳିକା ହେବା ପର୍ଯ୍ୟନ୍ତ ସେମାନଙ୍କ ଘରକୁ ନିୟମିତ ମହିଳା ପାରାଲିଗାଲ ସ୍ୱେଚ୍ଛାସେବୀ ଯିବେ ଓ ପ୍ରତି ୬ ମାସରେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧୀକରଣ ଅଧକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିବେ। ଯେପରି ଏହି ଦୁଇ ପୀଡିତା ଜୀବନର ମୌଳିକ ଅଧିକାରରୁ ବଞ୍ଚିତ ନହେବେ ତାହା ଆଇନ ସେବା ପ୍ରାଧୀକରଣ ତଦାରଖ କରିବ ବୋଲି ହାଇକୋର୍ଟ କହିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୦୨୨ ଜୁନ୍ ୯ ତାରିଖରେ ଭୁବନେଶ୍ୱର ଭରତପୁର ଥାନାଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଆସାମୀ ସଞ୍ଜିତ ଦାସ ପତ୍ନୀ ସରସ୍ୱତୀ ଓରଫ ଟିକିଲିଙ୍କୁ ଛୁରିରେ ଭୁସି ନିର୍ମମ ଭାବେ ହତ୍ୟା କରିଥିଲା। ଏହାସହ ନିଜର ୬ ବର୍ଷ ବୟସର ବଡ଼ଝିଅର ଗଳା କାଟି ଗୁରୁତର ଆହତ କରି ଫେରାର ହୋଇଯାଇଥିଲା। ମୃତ ସରସ୍ୱତୀ ଏକ ଘରୋଇ ହସପିଟାଲରେ ଷ୍ଟାଫ୍ ନର୍ସ ଭାବେ କାର୍ଯ୍ୟ କରୁଥିବା ବେଳେ ଆସାମୀ ବେକାର ଥିଲା। ଆର୍ଥିକ କାରଣରୁ ସେମାନଙ୍କର ପ୍ରାୟତଃ ଝଗଡ଼ା ହେଉଥିଲା। ପୁଲିସ ଏହି ମାମଲାରେ ସଂଜିତକୁ ଗିରଫ କରିଥିଲା। ନିମ୍ନ ଅଦାଲତ ଏହି ମାମଲାରେ ଗତ ୨୦୨୪ ଜୁଲାଇ ୩୦ ଓ ଅଗଷ୍ଟ୧ ରେ ଦୋଷୀକୁ ଭାରତୀୟ ପିଙ୍ଗଳ କୋଡର ଧାରା ୩୦୨ରେ ମୃତ୍ୟୁ ଦଣ୍ଡ ପ୍ରଦାନ କରିଥିଲେ। ଏହା ବିରୋଧରେ ସେ ହାଇକୋର୍ଟରେ ଅପିଲ କରିଥିଲା।

ବିଦ୍ୟୁତ୍ ସଂସ୍ପର୍ଶରେ ହାତୀ ମୃତ୍ୟୁ ଘଟଣା | ଫରେଷ୍ଟର ନିଲମ୍ବିତ, ସ୍କ୍ୱାଡ୍ ବହିଷ୍କୃତ, ୨ ଗିରଫ

ଢେଙ୍କାନାଳ, ୨୫ ।୮ (ସମିସ) : ଢେଙ୍କାନାଳ ବନଖଣ୍ଡ ଷଡଙ୍ଗୀ ରେଞ୍ଜ ସୀମାନ୍ତପୁର ଗ୍ରାମରେ ବିଦ୍ୟୁତ୍ ତାର ବାଡ ସଂସ୍ପର୍ଶରେ ମାଈ ହାତୀମୃତ୍ୟୁ ଘଟଣାରେ ବନବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି ଘଟଣାରେ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରିବା ସହିତ ଫରେଷ୍ଟରକୁ ନିଲମ୍ବନ କରାଯାଇଛି । ଏହା ସହିତ ସେଠାରେ କାର୍ଯ୍ୟରତ ଜଣେ ହାତୀ ସ୍କାର୍ଡକୁ ବହିଷ୍କୃତ କରାଯାଇଛି । ଷଡ଼ଙ୍ଗୀ ରେଞ୍ଜ ସିମାନ୍ତପୁର ଗ୍ରାମର ମାନା ଗୋୟା ୨୫ ନିଜ ଧାନ ଫସଲକୁ ସୁରକ୍ଷା ବୋକୁ ବେଗା ସଂରକ୍ଷିତ ଜଙ୍ଗଲର ସିମାନ୍ତପୁର ଠାରେଥିବା ଜମିରେ ସୋଲାର ତାର ବାଡ଼ ଲଗାଇଥିଲେ । ସେହି ତାର ବାଡରେ ସୋଲାର ସଂଯୋଗ ନଦେଇ ସେଥିରେ ବିଦ୍ୟୁତ ଲାଇନ ସଂଯୋଗ କରିଦେଇଥିଲେ। ସେହି ତାର ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ଘଟିଛି। ହାତୀ ମରିଥିବା ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ବନବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତକରିଥିଲେ। ମାନା ନିଜ ଜମିକୁ ସୁରକ୍ଷା ଦେବାକୁ ସୋଲାର ତାରରେ ନିଜ ଘରର ବିଦ୍ୟୁତ୍ ତାରକୁ ସଂଯୋଗ କରିଥିଲେ। ସେହି ବିଦ୍ୟୁତ୍ ସଂସ୍ପର୍ଶରେ ଆଜି ହାତୀଟି ମୃତ୍ୟୁ ବରଣ କରିଥିବାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି । ଘଟଣା ସ୍ଥଳରେ ଅନୁଗୁଳ ଆରସିସିଏଫଙ୍କ ସହିତ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ,ଟାଟା ପାୱାରର ନିର୍ବାହୀ ଅଧିକାରୀ, ଇନସପେକ୍ଟରଏବଂ ଜେଟିଏଫ ଟିମ ମିଳିତ ଭାବରେ ପହଞ୍ଚ ତଦନ୍ତ କରିବା ପରେ ଏହି ଘଟଣା ଜଣାପଡିଥିଲା । ପ୍ରାରମ୍ଭିକ ତଦନ୍ତରୁ ଏହା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବାର ଜଣାପଡିଛି । ଏକ ତିନିଜଣିଆ ଡାକ୍ତରୀ ଟିମ ଘଟଣା ସ୍ଥଳରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ କରିବା ସହିତ ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର କୁ ନମୂନା ପଠାଇଛନ୍ତି । ଏହି ଘଟଣାରେ ବନବିଭାଗ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ନିହଲପ୍ରସାଦ ଥାନା ସିମାନ୍ତପୁର ଗ୍ରାମର ବିଧାର ଗୋଲାଙ୍କ ପୁଅ ମାନସ ଗୋଲା ୨୫ ଏବଂ ବିଶ ସୁନ୍ଧୁଙ୍କ ପୁଅ କୁଶ ସିନ୍ଧୁ ୨୫ଙ୍କୁ ଗିରଫ କରିଥିବାର ଜଣାପଡିଛି । ସେହିପରି କାର୍ଯ୍ୟରତ ଫରେଷ୍ଟର ପ୍ରକାଶ କୁମାର ବାରିକଙ୍କୁ ନିଲମ୍ବନ କରାଯାଇଥିବା ବେଳେ ହାତୀ ସ୍କାର୍ଡକୁ କାର୍ଯ୍ୟରୁ ଅନ୍ତର କରାଯାଇଛି ।ଏହି ଘଟଣାରେଜଡିତ ସମସ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି ।

ପିଆଜ କିଲୋ ୭୦ ଟପିଲା

ଭୁବନେଶ୍ୱର,୨୫।୮ (ସମିସ): ରାଜ୍ୟରେ ପିଆଜ ଦର ଆକାଶଛୁଆଁ ହେବାରେ ଲାଗିଛି। କିଛି ଦିନ ତଳେ ଖୁଚୁରା ବଜାରରେ ପିଆଜ କିଲୋ ହଠାତ୍ ୩୫ ଟଙ୍କାରୁ ୫୦ ଟଙ୍କାକୁ ବୃଦ୍ଧି ଘଟି ବର୍ତ୍ତମାନ ୭୦ ଟଙ୍କା ଟପିଯାଇଛି। ସେହିପରି ଗୋଟିଏ ମାସ ମଧ୍ୟରେ କୁଇଣ୍ଟାଲ ପ୍ରତି ପିଆଜର ପାଇକାରୀ ଦର ୨୨ଶହ ଟଙ୍କାରୁ ବୃଦ୍ଧି ପାଇ ୪ହଜାର ଟଙ୍କା ଉପରକୁ ଗଲାଣି। ଓଡ଼ିଶାରେ ବାର୍ଷିକ ପ୍ରାୟ ୬ ଲକ୍ଷ

ଟନ୍ ପିଆଜ ଚାହିଦା ଥିବା ବେଳେ ରାଜ୍ୟରେ ଉତ୍ପାଦନ ଅତି ନଗଣ୍ୟ। ରାଜଧାନୀ ଭୁବନେଶ୍ୱରକୁ ଦୈନିକ ୨୦୦ ଟନ୍ ପିଆଜ ଆବଶ୍ୟକ ହୋଇଥାଏ। ରାଜ୍ୟ ବାହାରୁ ଆବଶ୍ୟକ ପରିମାଣର ଗାଡ଼ି ନ ଆସିବାରୁ ଅଭାବୀ ସ୍ଥିତି ସୃଷ୍ଟି ହୋଇଛି। ବଜାରରେ ବର୍ତ୍ତମାନ ଅଦା ଓ ରସୁଣ କିଲୋ ପିଛା ୨୦୦ ଟଙ୍କା ଉପରେ ରହିଛି। ମହାରାଷ୍ଟ୍ରରେ ପ୍ରବଳ ବର୍ଷା। ଓଡ଼ିଶା ମୁଖ୍ୟତଃ ମହାରାଷ୍ଟ୍ରର ନାସିକ ଏବଂ କର୍ଣ୍ଣାଟକର ବେଙ୍ଗାଲୁରୁ ପିଆଜ ଉପରେ ନିର୍ଭରଶୀଳ। ବନ୍ୟା ଯୋଗୁ ପିଆଜ ଆସିପାରୁନାହିଁ। ଫଳରେ ଯୋଗାଣ ବାଧାପ୍ରାପ୍ତ ହୋଇ ଦର ବୃଦ୍ଧି ପାଇଛି। ଦେଶର କେତେକ ଭାଗରେ ପିଆଜ କିଲୋ ୭୦ ଟଙ୍କା ଛୁଇଁଛି। ତେବେ ବିଦେଶକୁ ବହୁ ପରିମାଣରେ ପିଆଜ ରପ୍ତାନି ଏଭଳି ଦର ବୃଦ୍ଧିର ମୁଖ୍ୟ କାରଣ କୁହାଯାଉଛି। ପୂର୍ବ ବର୍ଷ ତୁଳନାରେ ବଜାରରେ ପିଆଜିଦର ୫୯% ବୃଦ୍ଧି ଘଟିଛି। ଏଭଳି

- ପୂର୍ବ ବର୍ଷ ତୁଳନାରେ ଦର ୫୯% ବଢ଼ିଛି
- ବନ୍ୟା ଯୋଗୁଁ ପିଆଜ ଆମଦାନୀ ପ୍ରଭାବିତ
- ଦିଲ୍ଲୀରେ ୩୫ ଟଙ୍କାରେ ବିକିବେ ସରକାର

ସ୍ଥିତିରେ କେନ୍ଦ୍ର ସରକାର ରାଜଧାନୀ ଦିଲ୍ଲୀରେ କିଲୋ ୩୫ ଟଙ୍କାରେ ପିଆଜ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି।

ରାଜଧାନୀର ପାଇକାରୀ ବଜାରରେ ପିଆଜ କିଲୋ ୪୦ ଟଙ୍କା ଥିବା ବେଳେ ଖୁଚୁରା ବଜାରରେ ବ୍ୟବସାୟୀମାନେ ୬୦ ଟଙ୍କାରେ ବିକ୍ରି କରୁଛନ୍ତି। ଭୁବନେଶ୍ୱର କୁବେରପୁରୀ ଆଇଗିଣିଆ ଡିପୋରେ ଯୋଗାଣ ବିଭାଗ ପକ୍ଷରୁ କଳାବଜାରୀ ରୋକିବା ପାଇଁ ଚଢ଼ାଉ ଜାରି ରହିଛି। ବ୍ୟବସାୟୀ ସଂଘର ସୂଚନା ଅନୁଯାୟୀ, ଆଗାମୀ ନଭେମ୍ବର-ଡିସେମ୍ବର ମାସରେ ନାସିକରୁ ନୂଆ ପିଆଜ ଅମଳ ନ ହେବା ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଆଉ ୩ ରୁ ୪ ମାସ ଲାଗି ରହିପାରେ। ଶ୍ରବାଣ ମାସ ଶେଷ ହେବାକୁ ଯାଉଛି ଏବଂ ପାର୍ବଣ ଋତୁ ପୂର୍ବରୁ, ପିଆଜ ଦର ପୁଣି ଥରେ ବୃଦ୍ଧି ପାଇଛି, ଯାହା ରୋଷେଇ ଘର ବଜେଟ୍ ଉପରେ ପ୍ରଭାବ ପକାଇଛି। କେବଳ ପିଆଜ ନୁହେଁ ବରଂ ପନିପରିବା ଏବଂ ଚାନ୍ ଆମଦାନୀ ମୂଲ୍ୟ ବୃଦ୍ଧି ସାଧାରଣ ଲୋକଙ୍କ ବଜେଟ୍ ଉପରେ ପ୍ରଭାବ ପକାଇଛି। ପିଆଜ ଦର କାହିଁକି ବୃଦ୍ଧି ପାଇଛି ଏହି ପ୍ରଶ୍ନର ଉତ୍ତର ହେଉଛି ଯେ ଏହା ହଠାତ୍ ଚାହିଦା ବୃଦ୍ଧି ଯୋଗୁଁ ନୁହେଁ, ବରଂ ପୁରୁଣା ଷ୍ଟକ୍ ହ୍ରାସ ଏବଂ ଏକ ବଡ଼ ପିଆଜ ଫସଲ ଆସିବାରେ ବିଳମ୍ବ ଯୋଗୁଁ ହୋଇଛି।

ପିଆଜ ହଠାତ୍ ପୁଣି ମହଙ୍ଗା ହେବାର ସବୁଠାରୁ ବଡ଼ କାରଣ ହେଉଛି ପୁରୁଣା ରବି ଫସଲ ଶେଷ ହେଉଛି ଏବଂ ଖରିଫ ଫସଲ ଅପେକ୍ଷା କରାଯାଉଛି। ଭାରତରେ ପିଆଜ ଯୋଗାଣ ଋତୁକାଳୀନ। ମାର୍ଚ୍ଚ-ଏପ୍ରିଲ ପ୍ରାୟ ଅମଳ କରାଯାଉଥିବା ରବି ପିଆଜ ଫସଲ ହେଉଛି ଦେଶର ମୁଖ୍ୟ ସଂରକ୍ଷଣ ଫସଲ ଏବଂ ସାଧାରଣତଃ ଅକ୍ଟୋବର ପର୍ଯ୍ୟନ୍ତ କିଛି ମାସ ପାଇଁ ବଜାରକୁ ଯୋଗାଣ କରେ। କେନ୍ଦ୍ର ସରକାର ପିଆଜର ଏକ ବଫର ଷ୍ଟକ୍ ନିର୍ମାଣ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ପିଆଜ ସଂଗ୍ରହ ସେହି ଅନୁଯାୟୀ ହୋଇନାହିଁ। ସରକାର ଚଳିତ ଋତୁରେ ପିଆଜର ଏହାର ସର୍ବନିମ୍ନ ନିଶ୍ଚିତ କ୍ରୟ ମୂଲ୍ୟ ଥର ବୃଦ୍ଧି କରିଛନ୍ତି। ଏହା ଭାରତର ପିଆଜ ବାଣିଜ୍ୟର ମୁଖ୍ୟ କେନ୍ଦ୍ର ନାସିକରେ ଦ୍ରୁତ ଗତିରେ ବଢୁଥିବା ବଜାର ମୂଲ୍ୟ ଯୋଗୁଁ ହୋଇଛି। ବିଶେଷଜ୍ଞଙ୍କ ମତରେ ନୂଆ ଫସଲ ଆସିବା ଯାଏ ଖୁଚୁରା ବଜାରରେ ପିଆଜ ଦର ଉଚ୍ଚ ରହିବ।

ଦେଶବ୍ୟାପୀ ବଢୁଥିବା ପିଆଜ ଦରକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଦିଲ୍ଲୀରେ କିଲୋ ପିଛା ୩୫ ଟଙ୍କାରେ ସବସିଡି ମୂଲ୍ୟରେ ପିଆଜ ବିକ୍ରି କରିବେ। କାରଣ ବର୍ତ୍ତମାନ ଦିଲ୍ଲୀରେ ପିଆଜ କିଲୋ ୫୫-୬୦ ଟଙ୍କାରେ ବିକ୍ରି ହେଉଛି। "କାଣ୍ଡା ଏକ୍ସପ୍ରେସ" ବୁଧବାର ୮୦୦ ଟନ୍ ପିଆଜର ପ୍ରଥମ କନସାଇନମେଣ୍ଟ ନେଇ ଦିଲ୍ଲୀରେ ପହଞ୍ଚିବ। ଉପଭୋକ୍ତା ବ୍ୟାପାର ସଚିବ ନିଧି ଖାରେ ମଙ୍ଗଳବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ପିଆଜଗୁଡ଼ିକ ନାଫେଡ୍, ଏନ୍‌ସିସିଏଫ୍ ଏବଂ କେନ୍ଦ୍ରୀୟ ଗୋଦାମ ଷ୍ଟୋର ମାଧ୍ୟମରେ ଦିଲ୍ଲୀରେ ବିକ୍ରି କରାଯିବ। ଦେଶର ଚାରୋଟି ପ୍ରମୁଖ କେନ୍ଦ୍ରକୁ ମଧ୍ୟ ଟ୍ରେନରେ ପିଆଜ ପଠାଯାଉଛି। ସବ୍‌ସିଡି ପିଆଜ କେବଳ ଦିଲ୍ଲୀ ନୁହେଁ ବରଂ ଦେଶର ୪ଟି ପ୍ରମୁଖ କେନ୍ଦ୍ରକୁ ମଧ୍ୟ ରେଳ ମାଧ୍ୟମରେ ପଠାଯାଉଛି। ଚେନ୍ନଇ, ଏର୍ଣ୍ଣାକୁଲମ, ମାଦୁରାଇ ଏବଂ ଗୌହାଟି ଆଦି ସହରଗୁଡ଼ିକୁ ପଠାଯାଉଥିବା ପିଆଜ ମହାରାଷ୍ଟ୍ରର ନାସିକରେ ସଂରକ୍ଷିତ ସରକାରୀ ବଫର ଷ୍ଟକରୁ ନିଆଯାଉଛି।

ଦରଦାମ୍ ତାତିରେ ଚା' କପ୍ ତତଲା
ଚା', ଚିନି, କ୍ଷୀର, ଗ୍ୟାସ୍ ସବୁ ମହଙ୍ଗା

ଭୁବନେଶ୍ୱର,୨୫।୮ (ସମିସ): ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ଅଛି ବୋଲି ସରକାର ଦାବି କରୁଛନ୍ତି। ଓଡ଼ିଶାରେ ବିକାଶର ଗଙ୍ଗା ବୋହୁଛି ବୋଲି ଶାସକ ବିଜେପିର ବିଧାୟକମାନେ ଘଣ୍ଟ ପିଟୁଛନ୍ତି। ମାତ୍ର ରାଜ୍ୟରେ ଦରଦାମ ବୃଦ୍ଧି ହାର ସାରା ଦେଶରେ ସବୁଠୁ ଅଧିକ ବୋଲି ଖୋଦ୍ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି।



ଦରଦାମ ବୃଦ୍ଧି ସବୁ ବର୍ଗକୁ ପ୍ରଭାବିତ କରିଛି ଓ ଲୋକଙ୍କ ଦୈନନ୍ଦିନ ଜୀବନ ଆରମ୍ଭ ହେଉଥିବା ଚା' କପ୍ ବି ଏଥିରୁ ବାଦ ପଡ଼ିନାହିଁ। ଚା', ଚିନି, କ୍ଷୀର, ଅଦା, ଗୁଜୁରାତି ଓ ଗ୍ୟାସ ମୂଲ୍ୟ ଏବେ ଦୁଇଗୁଣ ଅତିକ୍ରମ କରିଛି । ସବୁଠାରୁ ବିଡ଼ମ୍ବନା ହେଉଛି ଚା' ସାଙ୍ଗରେ ଗାଁ ଗହଳିର ଲୋକମାନେ ପାଟିରେ ପକାଉଥିବା ଚୁଡ଼ା, ମୁଢ଼ି ଉପରେ ବି ସରକାର କଷିଛନ୍ତି ଜିଏସ୍‌ଟି। ଫଳରେ ତତଲା ଚା' କପ୍ ଲୋକଙ୍କୁ ପାଣିଆ ଓ ନିରସ ଲାଗୁଛି ।

୨୦୨୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚିନି ମୂଲ୍ୟ ୪୫ ଟଙ୍କା ମଧ୍ୟରେ ରହିଥିଲା। ଏବେ ଚିନି ୭୦ଟଙ୍କା ଛୁଇଁଛି। ପ୍ରାୟ ମାସକ ମଧ୍ୟରେ ଚିନି ମୂଲ୍ୟ ୫୦% ବୃଦ୍ଧି ପାଇଛି। ବର୍ଷକ ମଧ୍ୟରେ କ୍ଷୀର ଲିଟର ୪୮ ଟଙ୍କାରୁ ୬୨ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ଚା' କେଜି ମୂଲ୍ୟ ଏବେ ୩୫୦ ଟଙ୍କା ଅତିକ୍ରମ କରିଛି । ଅଦା କିଲୋ ୫୦ ଟଙ୍କାରୁ ବଢ଼ିବଢ଼ି ୨୦୦ ଟଙ୍କାରେ ପହଞ୍ଚିଛି ଓ ଗ୍ୟାସ ମୂଲ୍ୟ ହଜାରେ ଉପରେ। ଏପରି ସ୍ଥିତିରେ ଗରିବ ଲୋକମାନେ ସକାଳୁ ଚା' କପେ ପିଇବାକୁ ବି ସାହସ କରିପାରୁ ନାହାନ୍ତି । ଚା' ଭାରତୀୟ ପରିବାରର ଅଭ୍ୟାସ ମାତ୍ର ନୁହେଁ, ବରଂ ଦିନଚର୍ଯ୍ୟାର ଏକ ଅଂଶ। ଗାଁ ଗହଳିରେ ଚା' ସାଙ୍ଗରେ ମୁଢ଼ି କିମ୍ବା ଚୁଡ଼ା ଖାଇବା ଏକ ସାଧାରଣ ଦୃଶ୍ୟ। ସହରରେ ଚା' ସାଙ୍ଗରେ ବିସ୍କୁଟ ଖାଇବା ମଧ୍ୟବିତ୍ତଙ୍କ ନିତିଦିନିଆ ଅଭ୍ୟାସ। କିନ୍ତୁ ଖାଦ୍ୟ ସାମଗ୍ରୀ ଉପରେ କରର ପ୍ରଭାବ, ପ୍ୟାକେଟ୍ ଖାଦ୍ୟର ଦାମ ବୃଦ୍ଧି ଓ ବଜାର ମୂଲ୍ୟର ଚାପ ଯୋଗୁଁ ଏହି ସାଧାରଣ ଅଭ୍ୟାସ ମଧ୍ୟ ଏବେ ମହଙ୍ଗା ହେବାରେ ଲାଗିଛି। ମହଙ୍ଗା ଚା' ସାଙ୍ଗକୁ ଚୁଡ଼ା, ମୁଢ଼ିରେ ସରକାରଙ୍କ ଜିଏସ୍‌ଟି ଲୋକଙ୍କ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିଦେଇଛି ।

ପୋତି ହେଲାଣି ଡ୍ରେନ୍; ମୁଖ୍ୟରାସ୍ତାରେ ଆବର୍ଜନା ପାଣି

ତାଳଚେର,୨୫।୮ (ସମିସ):

ତାଳଚେର ସହର ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର ରାସ୍ତା ନିର୍ମାଣ ଯୋଗୁଁ ୨ ପାଶ୍ୱର୍ ଡ୍ରେନ୍ ପୋତି ହୋଇଗଲାଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭିନ୍ନ ସ୍ଥାନଗୁଡ଼ିକରେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଅସରାଏ ବର୍ଷାରେ ଏହି ମୁଖ୍ୟ ରାସ୍ତାରେ ପାଣି ଜମି ରହିବା ଦ୍ୱାରା ବିଭିନ୍ନ ଦୋକାନ ଗୃହ ଗ୍ୟାରେଜଗୁଡ଼ିକ ବୁଡ଼ି ରହିଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ଜଣାପଡ଼ିଛି। ତାଳଚେର ଦେଇ ଯାଇଥିବା ଜାତୀୟ ରାଜପଥର ରାସ୍ତା ନିର୍ମାଣ କରୁଥିବା ସଂସ୍ଥା ଉଭୟ ପାଶ୍ୱର୍ରେ ଥିବା ଡ୍ରେନ୍‌ଗୁଡ଼ିକୁ ଭାଙ୍ଗି ପୋତି ଦେଇଥିବା ହେତୁ ସାମାନ୍ୟ ବର୍ଷା ହେବା ଦ୍ୱାରା ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଏ ସଂକ୍ରାନ୍ତରେ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏନ୍‌ଏଚ୍‌ଆଇର ରାସ୍ତା ନିର୍ମାଣ କରୁଥିବା ସଂସ୍ଥା କର୍ଣ୍ଣପାତ କରୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ବର୍ଷା ହେଲେ ଡ୍ରେନ୍‌ରେ ପାଣି ନ ଯାଇ ମୁଖ୍ୟ ରାସ୍ତାରେ ଜମି ରହୁଛି। ସେଭଳି ନବଢାବା ପାଖ ମୁଖ୍ୟରାସ୍ତାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବାଟୋଇ ଏବଂ ବାଇକ୍ ଆରୋହୀ ଯିବା ଆସିବା ସମୟରେ କାଦୁଅ ପାଣି ପଡ଼ି ଅସୁବିଧା ଭୋଗୁଛନ୍ତି। ଡ୍ରେନ୍ ଭାଙ୍ଗି ଯାଇଥିବାରୁ ବିଭିନ୍ନ ସ୍ଥାନରେ ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ପାଣି ଭାସୁଛି। ବର୍ଷା ସମୟରେ ଦୋକାନ ମାଲିକ ଓ ଗ୍ୟାରେଜ ମାଲିକମାନେ ନଥିବା ହଇରାଣ ହେଉଛନ୍ତି। ତେଣୁ, ଜାତୀୟ ରାଜପଥ ବିଭାଗ ପକ୍ଷରୁ ତୁରନ୍ତ ଏହି ରାଜପଥର ଉଭୟ ପାଶ୍ୱର୍ରେ ଡ୍ରେନ୍ ସୁବିଧା କରିବା ସହ ଜମି ରହିଥିବା ବର୍ଷା ପାଣିକୁ ଅତିଶୀଘ୍ର ନିଷ୍କାସନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତ।

ସାର କଳାବଜାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଅନୁଗୋଳ,୨୫।୮ (ସମିସ): ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପୂର୍ବରୁ ସବସିଡିରେ ବିହନ, ସାର, ଔଷଧ ଓ କୃଷି ଯନ୍ତ୍ରପାତି ଯୋଗାଇ ଦେବା, କଳାବଜାରୀ ବ୍ୟବସାୟୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମସ୍ତ ଜଳସେଚନ ଯୋଜନା ଗୁଡ଼ିକକାର୍ଯ୍ୟକାରୀ କରି ଚାଷଜମିକୁ ଜଳ ଯୋଗାଇ ଦେବା, ହାତୀ ମାଙ୍କଡ ଉପଦ୍ରବ ବନ୍ଦ କରି ସାତ ଦିନ

ମଧ୍ୟରେ କ୍ଷତିପୂରଣ ଯୋଗାଇ ଦେଇ ଧନ ଜୀବର ସୁରକ୍ଷା କରିବା, କୃଷି ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କରିବା ଆଦି ୫ଦଫା ଦାବିରେ ଅଲ ଇଣ୍ଡିଆ କିସାନ କ୍ଷେତମଜଦୂର ସଂଗଠନ ଅନୁଗୁଳ ଜିଲ୍ଲା କମିଟି ପକ୍ଷରୁ ଅନୁଗୋଳ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ବାରମ୍ବାର ଚାଷୀମାନେ ଚଢ଼ା ଦରରେ ବିହନ କିଣି କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରତିବର୍ଷ ଭଳି ଚାଷ କାର୍ଯ୍ୟ ପୂର୍ବରୁ ବିହନ, ସାର, ଔଷଧ କୃଷିଯନ୍ତ୍ରପାତି ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଆବଶ୍ୟକ ମୁତାବକ ସାର, ବିହନ, ନପହଞ୍ଚିବାରୁ କଳାବଜାରୀ ବ୍ୟବସାୟୀ ଚଢ଼ା ଦାମରେ ବିକ୍ରିକରି ଚାଷୀଙ୍କୁ ଶୋଷଣ କରୁଛନ୍ତି। ଜିଲ୍ଲାରେ ବହୁ ନଈ ନାଳ ବୋହି ଯାଉଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଏବଂ ଆନ୍ତରିକତା ଅଭାବ ଯୋଗୁଁ ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଉନାହିଁ। ଏହିସବୁ ସମସ୍ୟାର ସମାଧାନ ପାଇଁ ବାସ୍ତବ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନର ଜିଲ୍ଲା ସଭାପତି ସୁବାସ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, ସଂଗଠକ ସଞ୍ଜୟ ସାହୁ, ଉଦୟ ଭୋଇ, କୁମର ସାହୁ, ଗୋକୁଳାନନ୍ଦ ସାହୁ ପ୍ରମୁଖ ଦାବି କରିଛନ୍ତି।

ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ତାଳଚେର,୨୫।୮ (ସମିସ): ପ୍ରାୟ ୧୦ଦିନ ପୂର୍ବରୁ ତାଳଚେର ଟାଉନର ଜଣେ ମହିଳାଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଥିଲେ। ଏହି ଘଟଣା ମନରୁ ନଯାଉଣୁ ପୁଣି ଆଜି ଏହାର ପୁନରାବୃତ୍ତି ଘଟିଛି। ତାଳଚେର ଥାନା ଅନ୍ତର୍ଗତ ଚାଇଁପାଳ ଓଭରବ୍ରିଜ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ହିନ୍ଦୋଳ ଅଞ୍ଚଳର ସାବିତ୍ରୀ ବେହେରାଙ୍କ ଅକାଳ ବିୟୋଗ ଘଟିଛି। ଏଥିସହ ତାଙ୍କ ସ୍ୱାମୀ ଭୂବନ ବେହେରା ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳୁ ତାଙ୍କ ସ୍କୁଟି ଯୋଗେ ନିଜଗ୍ରାମ କଂସରାରୁ କାମାକ୍ଷାନଗରରୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ମେଡିକାଲକୁ ପଠାଇ ଦେଇଥିବା ଜଣାପଡ଼ିଛି। ତେବେ ୧୪୯ନଂ ଜାତୀୟ ରାଜପଥରେ ଦୈନନ୍ଦିନ ଦୁର୍ଘଟଣା ଘଟୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଅନୁଗୋଳ ଜିଲ୍ଲାପାଳ ଦୁର୍ଘଟଣା ଓ ପ୍ରଦୁ୍ୟଷଣକୁ ନଜରରେ ରଖି ଉକ୍ତ ଜାତୀୟ ରାଜପଥରେ ନୋ ଏଣ୍ଟ୍ରି ଲଗାଇବା ସହ ୨୦କିମି ବେଗରେ ଭାରୀଯାନ ଚଳାଚଳ କରିବାକୁ ନିୟମ କରିଥିଲେ। ଏହି ନିୟମକୁ କିଛି ଦିନ କଡ଼ାକଡ଼ି ପାଳନ କରାଯିବା ପରେ ଏବେ କେହି ନିୟମ ମାନୁନଥିବା ଦେଖାଯାଉଛି। ଏ ସମ୍ପର୍କରେ ତାଳଚେର ଉପଜିଲ୍ଲାପାଳ ଆଶିଷରଞ୍ଜନ ସାହୁଙ୍କୁ ପଚାରିବାରୁ ସେ ଏହା ଉପରେ ନଜର ରଖିବେ ବୋଲି କହିଛନ୍ତି।

ଟ୍ରକ ଧକ୍କାରେ ଦଶମ ଶ୍ରେଣୀ ଛାତ୍ର ମୃତ, ଉତ୍ତେଜନା

ଖମାର,୨୫।୮ (ସମିସ): ବସ୍‌କୁ ଅପେକ୍ଷା କରି ରାସ୍ତା କଡ଼ରେ ଠିଆ ହୋଇଥିବା ବେଳେ ଦୁର୍ଘଟଣାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ପାଲଲହଡା ବ୍ଲକ ଖମାର ବଜାର ଛକ ନିକଟରେ ଏଭଳି ଦୁର୍ଘଟଣା ଘଟିଛି। ମୃତକ ହେଲେ ତାଳଚେର ସିଙ୍ଗିଡ଼ା ଗ୍ରାମର ରାହୁଲ ପ୍ରଧାନ। ରାହୁଲ ଉତ୍କଳମଣି ଗୋପବନ୍ଧୁ ସରକାରୀ ହାଇସ୍କୁଲ ଖମାରର ଦଶମ ଶ୍ରେଣୀ ଛାତ୍ର ଥିଲେ। ସେ ହଷ୍ଟେଲରେ ରହି ପାଠ ପଢୁଥିଲେ। ରାଖୀ ପୂର୍ଣ୍ଣିମା ପାଇଁ ଆଗାମୀ ଦୁଇଦିନ ଛୁଟି ଥିବାରୁ

ସେ ନିଜ ଘରକୁ ଫେରିବା ପାଇଁ ବସ୍‌ଷ୍ଟାଣ୍ଡକୁ ଯାଉଥିବାବେଳେ ପାଲଲହଡ଼ା ପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ତାକୁ ସାମ୍ନାପଟୁ ଧକ୍କା ଦେଇଥିଲା। ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଖମାର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଜାତୀୟ ରାଜପଥ ୧୪୯ ର ଦୁଇପାଶ୍ୱର୍ରେ ବହୁ ଗାଡ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହିଥିଲା।

ଦୁଷ୍କର୍ମ ଓ ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ଅନୁଗୋଳ,୨୫।୮ (ସମିସ): ଅନୁଗୋଳର ଆଡ୍-ହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରି ମୁଖ୍ୟ ଅଭିଯୁକ୍ତକୁ କଠୋର ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୫ ମସିହା ମେ' ୪ ତାରିଖରେ ବଣ୍ଡଁରପାଳ, ଥାନାରେ ଦାୟରହୋଇଥିବା ମାମଲାର ବିଚାର କରି ଅଦାଲତ ଅନୁଗୋଳ ସଦର ଥାନା ଅନ୍ତର୍ଗତସାକସିଙ୍ଗା ଗ୍ରାମର ତ୍ରିପୁରା ଗୋଛାୟତଙ୍କ ୨୮ ବର୍ଷୀୟ ପୁତ୍ର ବିଶୁ ଗୋଛାୟାତକୁ ଭାରତୀୟ ନ୍ୟାୟ ସଂହିତା ୩ର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷର ସଶ୍ରମକାରାଦଣ୍ଡ ଭୋଗିବାକୁ ପଡ଼ିବ। ଜରିମାନା ନଦେଲେ ଅଧିକ ୨ ବର୍ଷର ସଶ୍ରମ କାରାଦଣ୍ଡ ଦିଆଯିବ। ବିଏନ୍‌ଏସ୍ ୧୦୩(୧) ଧାରା ପାଇଁ ଅଲଗା ଭାବେ ଆଜୀବନ କାରାବାସସହ ୩୦,୦୦୦ ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ଅଧିକ ୧.୫ (ଦେଢ଼) ବର୍ଷର ସଶ୍ରମ କାରାଦଣ୍ଡର ନିର୍ଦ୍ଦେଶ ଦିଆଯାଇଛି।ଧାରା ୨୩୮ (ବ) ଈଘଝ (ଅପରାଧର ପ୍ରମାଣ ନଷ୍ଟ କରିବା): ଏଥିପାଇଁ ଦୋଷୀକୁ ୫ ବର୍ଷର ସଶ୍ରମକାରାଦଣ୍ଡ ଏବଂ ୧୦,୦୦୦ ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୩ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଏହି ସମସ୍ତ ମୁଖ୍ୟ କାରାଦଣ୍ଡାଦେଶ ଗୁଡ଼ିକ ଏକସଙ୍ଗେ ଚାଲିବ, ଯାହାଫଳରେ ଦୋଷୀକୁ ନିଜର ସାରା ଜୀବନ ଜେଲ୍‌ରେ କାଟିବାକୁ ପଡ଼ିବ।ଏହି ମାମଲାରେ ସରକାରଙ୍କ ପକ୍ଷରୁ ଅନୁଗୋଳର ସରକାରୀ ଓକିଲ ରଞ୍ଜନ ପାତ୍ର ଏବଂ ସହଯୋଗୀଆଇନଜୀବୀ ପ୍ରଶାନ୍ତ କୁମାର ରଥ ମାମଲା ପରିଚାଳନା କରୁଥିବା ବେଳେ ଡି.ଡି.ପି. ଗଣେଶ କୁମାରବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିଚାର ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ପୀଡ଼ିତ ପରିବାରକୁ ସହାୟତା ଓ ଆର୍ଥିକ କ୍ଷତିପୂରଣ ନ୍ୟାୟିକ ଆଦେଶ ଅନୁଯାୟୀ, ଆଦାୟ ହେବାକୁ ଥିବା ସମସ୍ତ ଜରିମାନା ରାଶି ପୀଡ଼ିତାଙ୍କ ନିକଟତମ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବ।

ଟାଇକ୍ୱୋଣ୍ଡୋରେ ଅନୁଗୋଳକୁ ୭ ସ୍ୱର୍ଣ୍ଣ ସହ ୩୬ ପଦକ

ଅନୁଗୋଳ,୨୫।୮ (ସମିସ): ଜାତୀୟସ୍ତରୀୟଟାଇକୋଣ୍ଡୋ ପ୍ରତିଯୋଗିତାରେଅନୁଗୋଳ ଜିଲ୍ଲାର ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ୭ଟି ସ୍ୱର୍ଣ୍ଣ ସହ ମୋଟ ୩୬ଟି ପଦକ ହାସଲ କରିଛନ୍ତି। ଚଳିତ ମାସ ୧୭ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ କୋଲକାତାସ୍ଥିତ ଲିଚୁ ବେଗନ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ୩୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।ସେମାନଙ୍କ ମଧ୍ୟରେ ୩୦ ଜଣ ବାଳିକା ଓ ୪ ଜଣ ବାଳକ ଥିଲେ। ଅନୁଗୋଳ ଦଳ ୭ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ୧୭ଟି ବ୍ରୋଞ୍ଜ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛି।ଦଳର ମୁଖ୍ୟ କୋଚ୍ ଭାବେ ଦୁଷ୍ୟନ୍ତ କୁମାର ନାଥ ଦାୟିତ୍ୱ ତୁଲାଇଥିବାବେଳେ ବାଳିକା ବିଭାଗର କୋଚ୍ ଭାବେ ଏସ୍.ପି. ପଟ୍ଟନାୟକ ରହିଥିଲେ। ମ୍ୟାନେଜର ଭାବେ ପ୍ରୀତମ କୁମାର ସାହୁ, ମୁକେଶ କୁମାର ବେହେରା ଓ ଅଞ୍ଜଳୀ ନାଥ ଦଳକୁ ପରିଚାଳନା କରିଥିଲେ।

ଭିନ୍ନକ୍ଷମ ଚିହ୍ନଟ ଶିବିରରେ ୩୪୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କଣିହାଁ,୨୫।୮ (ସମିସ): କଣିହାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ୧୦ଟା ସମୟରେ "ଭୀମଭୋଇ ଭିନ୍ନକ୍ଷମ

ସାମର୍ଥ୍ୟ ଅଭିଯାନ' ପ୍ରଥମ ପର୍ଯ୍ୟାୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି କଣିହାଁର ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଢେଙ୍କାନାଳ ଲୋକସଭା ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ବିଡିଓ ତ୍ରିବିକ୍ରମ କୁମୁରା, ଏବିଡିଓ ସୃତିଷ୍ମା ମହାପାତ୍ର ପ୍ରମୁଖ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ।ଏହି ଅବସରରେ ଏନଟିପିସି କଣିହାଁର ଜିଏମ୍ (ସିଏସ୍‌ଆର୍) ନବନୀତ କୁମାର, ଏଜିଏମ୍ (ସିଏସ୍‌ଆର୍) ସୁଜିତା ରଥ, ଜୁନିୟର ଅଫିସର ଭୀଷ୍ମଦେବ ନାୟକ, କାର୍ଯ୍ୟକାରୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା, ବ୍ଲକ୍ ପ୍ରୋଗ୍ରାମ ଅଧିକାରୀ ବୁଲୁ ବିଶ୍ୱାଳଙ୍କ ସମେତ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଏଡିଇଓ, ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଶିବିରରେ ବିଭିନ୍ନ ବିଭାଗରେ ମୋଟ ୩୪୮ ଜଣଙ୍କ ପଞ୍ଜୀକରଣ କରାଯାଇ ସେମାନଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଦୁର୍ଲ୍ଲଭ ସାହୁ, ନାକ-କାନ-ଗଳା ବିଭାଗର ଡାକ୍ତର ପି.କେ. ମହାନ୍ତି, ଭେଷଜ ବିଭାଗର ଡାକ୍ତର ଡି.କେ. ଭୋଇ, ଚକ୍ଷୁ ବିଭାଗର ଡାକ୍ତର ଏନ୍. ପ୍ରଧାନ, ଶିଶୁ ବିଭାଗର ଡାକ୍ତର ସ୍ୱାତୀ ସାହୁ ଏବଂ ମାନସିକ ବିଭାଗର ବିଶେଷଜ୍ଞ ଡାକ୍ତର ରଶ୍ମିତା ଭଞ୍ଜଦେଓ ଉପସ୍ଥିତ ରହି ହିତାଧିକାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପରବର୍ତ୍ତୀ ସମୟରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ।ଏନଟିପିସି କଣିହାଁ ପକ୍ଷରୁ ଶିବିରରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ବିଭିନ୍ନ ସହାୟକ ଉପକରଣ ମଧ୍ୟ ପ୍ରଦାନ କରାଯାଇଥିଲା। ୫ ଜଣଙ୍କୁ ତିନିଚକିଆ ସାଇକେଲ, ୪ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୧୨ ଜଣଙ୍କୁ ଚକଲଗା ଚେୟାର ଏବଂ ୧୩ ଜଣଙ୍କୁ ଅନ୍ୟାନ୍ୟ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଶିବିର ମାଧ୍ୟମରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ସରକାରୀ ସୁବିଧା ଓ ସହାୟତା ପ୍ରଦାନ ଦିଗରେ ପ୍ରଶାସନ ଓ ଏନଟିପିସିର ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

ଜେସିଆଇ ପକ୍ଷରୁ ବୁଡ଼ି ଅଞ୍ଚଳରେ ରିଲିଫ ବଣ୍ଟନ

ତାଳଚେର,୨୫।୮ (ସମିସ): ଲଘୁଚାପଜନିତ ବର୍ଷାର ପ୍ରକୋପ ଆଜକୁ ୧ମାସ ହେବ ଲାଗି ରହିଥିବାରୁ ନଦୀନାଳ ପରିପୂର୍ଣ୍ଣ ହେବା ସହିତ ଗାଁ ଘରେ, ରାସ୍ତାଘାଟରେ ପାଣିପଶି ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏହି ଲଗାଣ ବର୍ଷା ଯୋଗୁଁ ଲୋକମାନେ ଘରଛାଡ଼ି କିଏ ରାସ୍ତା ଉପରେ ପାଲଟାଣି ରହୁଛି ତ ଆଉ କିଏ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ତାଳଚେର ଜେସିଆଇ ପକ୍ଷରୁ ୫ ଟ୍ରିପ୍ ରିଲିଫ୍ ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଲୋକଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଏହି ଟ୍ରକ୍‌ଗୁଡ଼ିକୁ ତାଳଚେର ଉପଜିଲ୍ଲାପାଳ ଆଶିରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ମଦନମୋହନ ଧର୍ମଶାଳା ଓ ଜେସିଆଇର ଏହି କାର୍ଯ୍ୟକ୍ରମକୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଜନ୍ମାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ

ବଇଣ୍ଡା,୨୫।୮ (ସମିସ): ବଇଣ୍ଡା ରାଧାକୃଷ୍ଣ ମନ୍ଦିର ନିକଟରେ ଜନ୍ମାଷ୍ଟମୀ ପାଳନ ହେବ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ରବିବାର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ, ପରୀକ୍ଷିତ ସାହୁ, ଶୁଭେନ୍ଦୁ ମୋହନ ସାହୁ, ମାନସ ସାହୁ, ରାଜେନ୍ଦ୍ର ପ୍ରଧାନ, ଲଛମନ ଦାସ, ଜମ୍ବେଶ୍ୱର ସାହୁ, ଗିରିଶ ଚନ୍ଦ୍ର ବେହେରା, ମଦନ ମୋହନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କିପରି ଜନ୍ମାଷ୍ଟମୀ ପାଳନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆଲୋଚନା କରାଯାଇଛି। ସେହିପରି ଗ୍ରାମର କିପରି ବିକାଶ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଖୁବ୍‌ଶୀଘ୍ର ଏକ ଦାବିପତ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଆଲୋଚନା କରାଯାଇଛି।

ସରକାର ଦେବେ ୧ କୋଟି ଟଙ୍କା ପୁରସ୍କାର

ଆଠମଲ୍ଲିକ,୨୫।୮ (ସମିସ): ରାଜ୍ୟରେ ଥିବା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌର ପରିଷଦ ଗୁଡିକ ସେମାନଙ୍କ ନିଜନିଜ ପରିଷଦ ଅଞ୍ଚଳରୁ ଟିକସ ଆଦାୟ କରି ନିଜସ୍ୱ ସମ୍ବଳ ବୃଦ୍ଧି କରିଥାନ୍ତି। ଆଦାୟ ସମ୍ବଳରେ ଅଞ୍ଚଳର ବିକାଶ କରାଯାଇଥାଏ। ଚଳିତବର୍ଷ ରାଜ୍ୟରେ କିଛି ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ନିଜସ୍ୱ ଟିକସ ପାଣ୍ଠି ଆଦାୟ କରି ରାଜ୍ୟ ସରକାର ଙ୍କ ଠାରୁ ପୁରସ୍କୃତ ହେବାକୁ ମନୋନୀତ ହୋଇଛନ୍ତି କ୍ଷ ମନୋନୀତ ହୋଇଥିବା ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡିକ ଆସନ୍ତା ଅଗଷ୍ଟ ୩୧ ତାରିଖ "ସ୍ୱାୟତ୍ତ ଶାସନ ଦିବସ' ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହେବେ। ସେଥିମଧ୍ୟରୁ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟ ପୁରସ୍କୃତ ହେବାପାଇଁ ମନୋନୀତ ହୋଇଛି କ୍ଷ ପୁରସ୍କାର ରାଶି ସ୍ୱରୂପ ୧ କୋଟି ଅର୍ଥ ରାଶି ପାଇବ। ଆଠମଲ୍ଲିକ ଏନଏସିର ଏହି ସଫଳତା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି କ୍ଷ ଏହା ଏନଏସି କର୍ମଚାରୀଙ୍କ ପରିଶ୍ରମ,ଉଦ୍ୟମ,ପ୍ରୟାସ ଓ ଜନସାଧାରଣ ଙ୍କ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ଅଧ୍ୟକ୍ଷା ଆଶାକୁମାରୀ ସାହୁ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ମିଳିତ ଭାବେ ମତ ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଆଠମଲ୍ଲିକ ଏନ୍‌ଏସି ରାଜ୍ୟରେ ପ୍ରଥମ

ଆଠମଲ୍ଲିକ,୨୫।୮ (ସମିସ): ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣରେ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶତକଡ଼ା ୯୦ ଭାଗ କାର୍ଯ୍ୟ ସମାପ୍ତ କରିଥିବା ରାଜ୍ୟର ୧୦ ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରୁ ଆଠମଲ୍ଲିକ ଏନ୍‌ଏସି ଅଞ୍ଚଳରେ ଶତକଡ଼ା ୯୬ଟି ଘର ନିର୍ମାଣ କରି ରାଜ୍ୟରେ ପ୍ରଥମ ହୋଇଛି। ସମୁଦାୟ ୨୦୧୬ ଟି ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ସମାପ୍ତ କରିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦାୟିତ୍ୱରେ ଥିବା ଏନ୍‌ଏସି କର୍ମଚାରୀଙ୍କ ଉଦ୍ୟମ ଓ ଆବାସଗୃହ ପାଇଥିବା ହିତାଧିକାରୀଙ୍କ ସହଯୋଗକ୍ରମେ ଆଠମଲ୍ଲିକ ଏନ୍‌ଏସି ଆଜି ରାଜ୍ୟରେ ପ୍ରଥମ ହୋଇପାରିଛି ବୋଲି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା କହିଛନ୍ତି।

ସୁରକ୍ଷିତ ଶୈଶବ, ଯୌନ ନିର୍ଯାତନା ଏବଂ ଶିଶୁ ଅଧିକାର ସମ୍ପର୍କିତ ସଚେତନତା

ତାଳଚେର,୨୫।୮ (ସମିସ): ସ୍ୱେଚ୍ଛାସେବୀ ସଂଗଠନ ସୋସିଆଲ ଡେଭେଲୋମେଣ୍ଟ ଫାଉଣ୍ଡେସନ୍ ଏବଂ ଡିଏଭି ବାଳିକା ସ୍କୁଲ ଜଗନ୍ନାଥ ତାଳଚେର ପକ୍ଷରୁ ସ୍କୁଲ ତଥା

କାର୍ଯ୍ୟକ୍ଷେତ୍ରରେ ଅଶାଳୀନ ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାମଲ ସ୍ୱାଗତ ଭାଷଣ ପ୍ରଦାନ, ଅତିଥି ପରିଚୟ, ସୁରକ୍ଷିତ ଶୈଶବ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକ୍ରମ ଅଧିକାରୀ ମମତାରାଣୀ ବିଶିମାଝୀ ସୁରକ୍ଷିତ ଶୈଶବ, ଭୟ, ସଙ୍କୋଚ, ବଡ଼ମାନଙ୍କ ଦ୍ୱାରା ଅବିଶ୍ୱାସ ଆଦି ଉପରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହ ଯୌନଗତ ହିଂସା ଆଚରଣ କଲେ କିପରି କାହା ପାଖରେ ଅଭିଯୋଗ କରିବାକୁ ହେବ ଛାତ୍ରୀମାନଙ୍କୁ ବୁଝାଇଥିଲେ।ସେହିପରିଅନ୍ୟତମ ଅତିଥି ଭାବେ ମିସ୍ ସନ୍ଦୀପ୍ତା ବିରବର୍ମା ଯୋଗଦାନ କରି ପ୍ରତିକାର ସଚେତନତା, ଆଇନଗତ ବ୍ୟବସ୍ଥା ଏବଂ ଶିଶୁ ଅଧିକାର ଅଧିନିୟମ ୨୦୧୨ ସହିତ ଉପାଦେୟତା ତଥା ପରିବେଶ ଅନୁକୂଳ କିପରି ସ୍କୁଲ ଗୁଡ଼ିକରେ ସୃଷ୍ଟି ହୋଇପାରିବ ତାଉପରେ ମତାମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମହାଦେବ ଦାସଙ୍କ ସହିତ ଶିକ୍ଷାନୁଷ୍ଠାନର ଲିଖିତ ପରବିନ୍‌ଙ୍କ ସହ ସ୍କୁଲର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ।

ଖୁଲୁଡ଼ି ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ପାଲଲହଡ଼ା,୨୫।୮ (ସମିସ): ସୋମବାର ପବିତ୍ର ଶ୍ରାବଣ ମାସର ଶେଷ ସୋମବାରରେ ପାଲଲହଡ଼ା ଉପଖଣ୍ଡର ବିଭିନ୍ନ ଶୈବପୀଠରେ ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ କରିବା ସହିତ ଜଳାଭିଷେକ କରିଥିଲେ। ପାଲଲହଡ଼ାର ପ୍ରସିଦ୍ଧ ଶୈବ ପୀଠ ଶ୍ୟାମେଶ୍ୱର ମନ୍ଦିର, ଖୁଲୁଡ଼ି ବାବା ଗିରିଶ୍ୱର ମନ୍ଦିର, ତିରିବି ପଚିମେଶ୍ୱର ମନ୍ଦିର, ଝିମିରିପାଲି ରାମେଶ୍ୱର ଶୈବପୀଠ, ମୁକ୍ତାପୁର ଶୈବ ପୀଠ ଶେଷ ସୋମବାରରେ ଚଳଚଞ୍ଚଳ ହୋଇ ଉଠିଥିଲା। ଆଜି ଶେଷ ସୋମବାରରେ ମାଲ୍ୟଗିରି ପର୍ବତ ପାଦଦେଶରେ ଥିବା ପ୍ରସିଦ୍ଧ ଖୁଲୁଡି ବାବା ଗିରିଶ୍ୱର ମନ୍ଦିରରେ ପନ୍ଦର ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ,କାଉଡିଆଙ୍କ ସମାଗମ ହୋଇଥିଲା। ସୋମବାର ଭୋର୍ ସମୟରୁ ଅନୁଗୋଳ, କେନ୍ଦୁଝର, ଦେବଗଡ଼,ସୁନ୍ଦରଗଡ଼ ଆଦି ସିମାନ୍ତ ଜିଲ୍ଲା ଅଞ୍ଚଳରୁ ହଜାର ଶ୍ରଦ୍ଧାଳୁ ଆସି ବାବାଙ୍କ ଦର୍ଶନ କରିବା

ସହିତ ଜଳଲାଗି କରିଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଉଭୟ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରା ଯାଇଥିଲା। ଏହି ଅବସରରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଖୁଲୁଡ଼ି ସ୍ଥିତ ବାବା ଗିରିଶ୍ୱର୍ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ପାଲଲହଡ଼ା ମଣ୍ଡଳ ବିଜେପି ପକ୍ଷରୁ ଭକ୍ତମାନଙ୍କ ପାଇଁ ଆୟୋଜିତ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଥିଲେ। ବିଧାୟକ ଙ୍କ ପକ୍ଷ ରୁ ପୁରୀ କଳାକାର ମାନଙ୍କ ଦ୍ୱାରା ଆୟୋଜିତ ଭଜନ କାର୍ଯ୍ୟ କ୍ରମକୁ ବିଧାୟକ ଶୁଭାରମ୍ଭ କରି ଥିଲେ। ଏହି କାର୍ଯ୍ୟକ୍ରମ ରେ ଭାଜପା କର୍ମୀ, ଅକ୍ସଫୋର୍ଡ ଯୁବ ପରିଷଦ,ଖୁଲୁଡି ଗ୍ରାମବାସୀ, ଦେବୋତ୍ତର ବିଭାଗ ,ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

ଜିଲ୍ଲାରେ ଥମୁନି ଚୋରା ନିଶା କାରବାର

ଅବକାରୀ ଅଧୀକ୍ଷକଙ୍କୁ ମାନୁନାହାନ୍ତି କର୍ମଚାରୀ, ବେପାରୀ

ଅନୁଗୋଳ,୨୫।୮ (ସମିସ):

ଅନୁଗୋଳ ଜିଲ୍ଲା ଅବକାରୀ ବିଭାଗର ମୁଖିଆଙ୍କ ଅପାରଗତା ଯୋଗୁଁ ଜିଲ୍ଲାରେ ଥମୁନି ଅବୈଧ ନିଶା ଦ୍ରବ୍ୟ ଚାଲାଣ। କିଛି ଅସାଧୁ କର୍ମଚାରୀଙ୍କ ଇଙ୍ଗିତରେ ଚୋରା ଚାଲାଣକାରୀ ଅବୈଧ ସାମ୍ରାଜ୍ୟକୁ ବୃଦ୍ଧି କରୁଛନ୍ତି। ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କୁ ଚୋରା ବେପାରୀ ଖାତିର କରୁ ନାହାନ୍ତି କି ନିଜ ତଳିଆ କର୍ମଚାରୀ ମାନୁନାହାନ୍ତି। କେଉଁ କର୍ମଚାରୀ କେଉଁଠି ପୋଷ୍ଟିଂ ହେବ, କେବେ କେଉଁଠି ଚଢ଼ଉ ହେବ, ଅତର୍କିତ ଚଢ଼ଉ ଟିମରେ କେଉଁ କର୍ମଚାରୀ ସାମିଲ ରହିବେ, ଜବତ ଚୋରା ଚାଲାଣ ମାଦକ ଦ୍ରବ୍ୟର ପରିମାଣ ନିର୍ଣ୍ଣୟ ଆଦି ବଡବାବୁଙ୍କ ପରାମର୍ଶରେ ସବୁ ହୋଇଥାଏ। ଏତେ ସବୁ ଦାୟିତ୍ୱ ବଡ଼ ବାବୁ ତୁଲାଇ ଥାଆନ୍ତି କେବଳ ଚୋରା ବେପାରୀଙ୍କ ସୁବିଧା ପାଇଁ ବୋଲି ଅଭିଯୋଗ ହେଉଛି। ବେପାରୀମାନଙ୍କ ସାହିତ ଡାଇରେକ୍ଟ ଡିଲ କରିଥାନ୍ତି ଏହି କରିତକର୍ମା ବଡ଼ ବାବୁ। ଏଭଳି କିଛି ଅଧିକାରୀ କର୍ମଚାରୀଙ୍କ କର୍ମରେ ଉଦାସୀନତା ଓ ସ୍ୱାର୍ଥନ୍ୱେଷୀ ମନୋଭାବ ଯୋଗୁଁ ଯୁବଗୋଷ୍ଠି ନିଶାସକ୍ତ ହୋଇ ବିପଥଗାମୀ ହେଉଛନ୍ତି। ସମାଜରେ ହିଂସା ବଢୁଛି, ଦୁର୍ଘଟଣା ବଢୁଛି। ଏପରିକି ମହିଳା ମାନେ ମଧ୍ୟ ଏ ଚୋରା ବେପାରରେ ଲିପ୍ତ ରହୁଛନ୍ତି। ଚୋରା ବେପାରୀ ଓ ସରକାରୀ ନିୟମ ମଧ୍ୟରେ ଅବକାରୀ ବିଭାଗ କେବଳ ସ୍ୱମନ୍ୱୟ ରକ୍ଷା କରୁଛି। ତାଳଚେର କୋଲିୟରୀ ଥାନା ଅଞ୍ଚଳର କିଛି ନିର୍ଦ୍ଦିଷ୍ଟ ସ୍ଥାନ ବ୍ରାଉନ୍‌ସୁଗର୍ ପାଇଁ ସତେ ଯେମିତି ହବ୍ ପାଲଟିଛି। ଆଉ ଜିଲ୍ଲା ସୀମାନ୍ତ ଆଠମଲ୍ଲିକ ରାଜପଥ ପାଲଟିଛି ଚୋରା ଗଞ୍ଜେଇ ଚାଲାଣର ସୁରକ୍ଷିତ ପଥ। ପଡୋଶୀ ବୌଦ୍ଧ ଜିଲ୍ଲା ରୁ ଏହି ବାଟ ଦେଇ ଚୋରା ଗଞ୍ଜେଇ ଚାଲାଣ ହେଉଛି। ଆଠମଲ୍ଲିକ ଦେଇ ପ୍ରତ୍ୟହ ଚୋରା ଚାଲାଣ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇକୁ କେବେ କେମିତି ଅବକାରୀ ବିଭାଗ ସଫେଇ ଦ୍ୱାରା ଧରପଗଡ଼ରେ ଧରା ପଡ଼ିଗଲେ ପରିମାଣ ସଙ୍କୁଚିତ ହୋଇ କେଜି-କେଜିକୁ ହ୍ରାସ ପାଇଥାଏ କେବଳ ଏହି ଯାଦୁକାରୀ କରିତକର୍ମା ସ୍ୱାର୍ଥବାଦୀ କର୍ମଚାରୀଙ୍କ ପାଇଁ। ଯାହା ଉଲ୍ଲେଖ କରିଥାନ୍ତି ସିଜର ଲିଷ୍ଟରେ। ଆଉ ଏଭଳି କାମ କରି ସେମାନେ ସରକାରଙ୍କୁ ନିନ୍ଦିତ କରିବା ସହିତ ସମାଜରେ ବିଶୃଙ୍ଖଳିତ ଯୁବକ ସୃଷ୍ଟି କରି କେତେ ଯେ ପରିବାର ନଷ୍ଟ କରୁଛନ୍ତି ତାହା ସହଜେ ଅନୁମେୟ।

ଆୟତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ଅପରାହ୍ନ ୪ଟା ପୂର୍ବରୁ ପଡୁଛି ତାଲା, ରୋଗୀ ସେବା ଠପ୍

ରାଜକନିକା,୨୬।୮ (ସମିସ)

ସରକାର ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନାମ ଦେଉଛନ୍ତି। କିନ୍ତୁ ସ୍ଥିତି ଭିନ୍ନ। କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଆୟତନସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ଆୟୁଷ୍ମାନ ଆରୋଗ୍ୟ ମନ୍ଦିର) ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ହୋଇଯାଉଥିବାରୁ ରୋଗୀ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ଆଜି ଅପରାହ୍ନ ୩ ଟା ୫୮ ମିନିଟ ସମୟରେ ନିଆଯାଇଥିବା ଜିପିଏସ ମ୍ୟାପ୍ କ୍ୟାମେରା ଫଟୋରେ ଦେଖାଯାଉଛି ଯେ ଆୟତନ ଆରୋଗ୍ୟ ମନ୍ଦିରର ନୀଳ ରଙ୍ଗର ଦୁଇ ତାଲା କବାଟରେ ତାଲା ଝୁଲୁଛି। ଯଦିଓ ଏହି କେନ୍ଦ୍ର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବା କଥା, କିନ୍ତୁ ୪ଟା ବାଜିବା ଆଗରୁ ହିଁ କେନ୍ଦ୍ର ବନ୍ଦ ହୋଇଯାଇଛି। ଫଳରେ ଦୂରଦୂରାନ୍ତରୁ ଔଷଧ ଓ ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ସ୍ଥାନୀୟ ଲୋକେ କହିଛନ୍ତି, ଆୟତନ ଆୟୁଷମାନ ଆରୋଗ୍ୟ କେନ୍ଦ୍ର ପ୍ରାୟ ସମୟ ବନ୍ଦ ରହୁଛି। ଡାକ୍ତର କିମ୍ବା ନର୍ସ କେହି ସଠିକ ସମୟରେ ଆସୁନାହାନ୍ତି। ସରକାର ୫ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ନିୟମ କରିଛନ୍ତି। କିନ୍ତୁ ଏଠି ୩ଟା ବେଳକୁ ତାଲା ପଡିଯାଉଛି। ଆମେ ଗରିବ ଲୋକ କୁଆଡେ ଯିବୁ? ବର୍ଷା ଓ ବନ୍ୟା ସମୟରେ ଜ୍ୱର, ଝାଡା, ଚର୍ମ ରୋଗ ବଢୁଥିବାବେଳେ ଏଭଳି ସ୍ୱାସ୍ଥ୍ୟ କେନ୍ଦ୍ର ବନ୍ଦ ରହିବା ଚିନ୍ତାର ବିଷୟ। ଏ ନେଇ ସ୍ଥାନୀୟ ବୁଦ୍ଧିଜୀବୀ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ରାଜକନିକା ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ କେନ୍ଦ୍ରକୁ ନିୟମିତ ସମୟରେ ଖୋଲା ରଖିବା ଓ କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

ନାଞ୍ଜୁଡ଼ାରେ ରାଜସ୍ୱ ମେଳା

୩ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା; ୫୩୨ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

ମହାକାଳପଡ଼ା,୨୬।୮ (ସମିସ): ମହାକାଳପଡ଼ା ବ୍ଲକ ନାଞ୍ଜୁଡା ପ୍ରାଥମିକ ସମବାୟ ସମିତି ଲିଃ ପରିସରରେ ମଙ୍ଗଳବାର ଏକ ବୃହତ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଅଞ୍ଚଳର ୩ଟି ଗ୍ରାମକୁ ଆନୁଷ୍ଠାନିକ ଭାବେ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଥିବାବେଳେ ୫୩୨ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ଏଥିସହ ଅନ୍ତ୍ୟୋଦୟ ଗୃହ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀଙ୍କୁ ମଧ୍ୟ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ ଓ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଏ ଅବସରରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜୋନ ସଭାପତି ପବିତ୍ର ଚୌଧୁରୀ, ମାନସ ମହାନ୍ତି, ରୁଦ୍ରନାରାୟଣ ମୁଦୁଲି, ଗୋବିନ୍ଦ ଦାସ ଓ ଚିତ୍ତରଞ୍ଜନ ଜେନାଙ୍କ ସମେତ ବହୁ ଜନପ୍ରତିନିଧି ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଅତିଥିମାନେ ହିତାଧିକାରୀଙ୍କୁ ଜମି ପଟ୍ଟା ଓ ବିଭିନ୍ନ ସରକାରୀ ଯୋଜନାର ସହାୟତା ବଣ୍ଟନ କରିଥିଲେ। ତୃଣମୂଳ ସ୍ତରରେ ସରକାରୀ ସେବା ଓ ଯୋଜନାର ସୁଫଳ ପହଞ୍ଚାଇବା ଏଭଳି ରାଜସ୍ୱ ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ମେଳାରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ସରକାରୀ ସୁବିଧା ଓ ଯୋଜନାର ସୁଫଳ ହାସଲ କରିଥିଲେ।

ଦୁଃଖର ଅନ୍ଧକାର ଭିତରେ ଆଶାର ଆଲୋକ

ନିରାଶ୍ରୟ ଦମୟନ୍ତୀଙ୍କୁ ୨ ଲକ୍ଷର ବୀମା ସହାୟତା

କେନ୍ଦ୍ରାପଡ଼ା,୨୬।୮ (ସମିସ): ଜୀବନରେ ଏକସଙ୍ଗରେ ସ୍ୱାମୀ ଓ ଏକମାତ୍ର ପୁଅଙ୍କୁ ହରାଇ ନିରାଶ୍ରୟ ହୋଇପଡ଼ିଥିବା ଜଣେ ମହିଳାଙ୍କ ଜୀବନରେ ଆଶାର ଆଲୋକ ଆଣିଛି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା। କେନ୍ଦ୍ରାପଡ଼ା ବ୍ଲକ୍ ଜମଧର ପଞ୍ଚାୟତ ଅନ୍ତର୍ଗତ ଯୁଇଦାସପୁର ଗ୍ରାମର ଦମୟନ୍ତୀ ରାଉତଙ୍କୁ ଏହି ଯୋଜନା ଅଧୀନରେ ୨ ଲକ୍ଷର ବୀମା ରାଶି ପ୍ରଦାନ କରାଯାଇଛି। କିଛିଦିନ ପୂର୍ବେ ଦମୟନ୍ତୀଙ୍କ ସ୍ୱାମୀ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କ ବିୟୋଗ ଦୁଃଖରୁ ଦମୟନ୍ତୀ ମୁକୁଳିବା ପୂର୍ବରୁ ଏକ ଦୁର୍ଘଟଣାରେ ଏକମାତ୍ର ପୁଅ ପ୍ରକାଶ ଚନ୍ଦ୍ର ରାଉତ ମଧ୍ୟ ପ୍ରାଣ ହରାଇଥିଲେ। ସ୍ୱାମୀ ଓ ଏକମାତ୍ର ପୁଅଙ୍କୁ ହରାଇ ଦମୟନ୍ତୀ ଏକାକୀ ହୋଇପଡ଼ିଥିଲେ। ଦୁଇ ନିଜ ଲୋକଙ୍କୁ ହରାଇବାର ଦୁଃଖ ସହିତ ଆଗାମୀ ଜୀବନର ଚିନ୍ତା ମଧ୍ୟ ତାଙ୍କୁ ଭାଙ୍ଗିଦେଇଥିଲା। ଏ ସମୟରେ ପ୍ରକାଶଙ୍କ ଦ୍ୱାରା ନିଆଯାଇଥିବା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଦମୟନ୍ତୀଙ୍କ ପାଇଁ ଆର୍ଥିକ ସାହାରା ପାଲଟିଛି। ପ୍ରକାଶଙ୍କ ମୃତ୍ୟୁ ପରେ ଯୋଜନାର ନିୟମାନୁସାରେ ତାଙ୍କ ମାଆ ଦମୟନ୍ତୀଙ୍କୁ ୨ ଲକ୍ଷ ବୀମା ରାଶି ପ୍ରଦାନ କରାଯାଇଛି। ଏସ୍‌ବିଆଇ କଲେଜ ରୋଡ୍ ଶାଖା ପରିଚାଳକ ପ୍ରୀତମ ସାମନ୍ତରାୟ, ଦୁହୁରିଆ ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ଅସିତ୍ ମହାନ୍ତି ଦମୟନ୍ତୀଙ୍କୁ ବୀମା ରାଶି ପ୍ରଦାନ କରିଥିଲେ। ସ୍ୱାମୀ ଓ ପୁଅଙ୍କୁ ହରାଇ ଅସହାୟ ହୋଇପଡ଼ିଥିବା ଦମୟନ୍ତୀଙ୍କ ପାଇଁ ଏହି ଆର୍ଥିକ ସହାୟତା ନିଶ୍ଚିତ ଭାବେ ତାଙ୍କ ଜୀବନର ଦୁଃଖ ଦୂର କରିପାରିବନାହିଁ। କିନ୍ତୁ ଏକାକୀ ଜୀବନରେ ଏହା ତାଙ୍କୁ ଆଗକୁ ବଢ଼ିବାର ଏକ ଆର୍ଥିକ ଆଧାର ଦେଇଛି। ବୀମା ରାଶି ପାଇବା ପରେ ଦମୟନ୍ତୀଙ୍କ ଜୀବନରେ ଦୁଃଖର ଅନ୍ଧକାର ମଧ୍ୟରେ ଆଶାର ଏକ ନୂଆ କିରଣ ଦେଖାଦେଇଛି। ଅଳ୍ପ ପ୍ରିମିୟମ୍‌ରେ ଉପଲବ୍ଧ ଏଭଳି ସାମାଜିକ ସୁରକ୍ଷା ଯୋଜନା ସଙ୍କଟ ସମୟରେ ପରିବାର ପାଇଁ କେତେ ବଡ଼ ଆର୍ଥିକ ସହାୟତା ହୋଇପାରେ।

ପାରେଶ୍ୱରଙ୍କୁ ଝାମ୍ପିନେଲା କୁମ୍ଭୀର, ଖୋଜାଖୋଜି ଜାରି

ରାଜକନିକା,୨୬।୮ (ସମିସ): ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତର ଚାରିପଟେ ନଦୀ ଘେରି ରହିଥିବା ଦ୍ୱୀପଗ୍ରାମ ଗଙ୍ଗାଧରପ୍ରସାଦ ଡିଆ ଗ୍ରାମର ପାରେଶ୍ୱର ବେହେରା (୫୫) ଓରଫ ହଡାଙ୍କୁ ଆଜି ସକାଳେ କୁମ୍ଭୀର ଝାମ୍ପି ନେଇଛି। ଓଡ୍ରାଫ ଟିମ୍ ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ହେଁ ପତ୍ତା ମିଳିନି। ପାରେଶ୍ୱର ଆଜି ସକାଳ ୭. ୪୫ ମିନିଟ ସମୟରେ ସବୁଦିନ ଭଳି ୮ଟାରେ ଛାଡୁଥିବା ଘାଟରେ ନଦୀ ପାର ହୋଇ ଆସିବାକୁ ଘାଟ ଡଙ୍ଗା ନିକଟକୁ ପାଣିରେ ପଶି ଆସିବା ମାତ୍ରେ ସେହି ସ୍ଥାନରେ ଛକି ରହିଥିବା ଏକ କୁମ୍ଭୀର ତାଙ୍କୁ ଝାମ୍ପି ନେଇ ନଦୀ ଭିତରକୁ ପଳାଇଥିଲା। ଏହି ଘାଟ ଡଙ୍ଗାରେ ଚଢ଼ିବାକୁ ପାରେଶ୍ୱରଙ୍କ ପଛରେ ଥିବା ବନମାଳୀ ପ୍ରଧାନ, ଶରତ ବେହେରା ଓ ସୁରେଶ ବେହେରା ଡାକ ପକାଇବାରୁ ଗାଁ ଲୋକେ ସେହି ଘାଟ ଡଙ୍ଗା ନେଇ ନଦୀରେ ଖୋଜିବା ସହ ଓଡ୍ରାଫ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଆଖପାଖ ଅଞ୍ଚଳରେ ଏହି ଖବର ପ୍ରଚାରିତ ହେବା ପରେ ଶହ ଶହ ଲୋକ ଖରସ୍ରୋତା ନଦୀକୂଳରେ ଜମା ହୋଇ କୁମ୍ଭୀର ଉପଦ୍ରବ ଦୃଶ୍ୟ ଆଖିରେ ଦେଖିଥିଲେ। କୁମ୍ଭୀର ନଦୀରେ ପାରେଶ୍ୱରଙ୍କ ଶରୀରକୁ ମଝିରେ ମଝିରେ ଉପରକୁ ଫିଙ୍ଗି ପୁଣି ଧରି ରଖିବା ଦୃଶ୍ୟ ଦେଖିବାକୁ ମିଳିଥିଲା। କୁମ୍ଭୀର ଓ ମଣିଷ ଲଢେଇରେ ବାରମ୍ବାର ମଣିଷ ଜୀବନ ବଳି ପଡୁଥିବାରୁ ଓ ଆଖି ସାମ୍ନାରେ ହିଂସ୍ର ହୋଇଥିବା କୁମ୍ଭୀର ମଣିଷକୁ ଖେଳନା ସଜାଇ ମାରି ଖାଇବାର ଚିତ୍ର ଦେଖି ଆଜି ସାରା ଅଞ୍ଚଳରେ କୁମ୍ଭୀର ଆତଙ୍କ ବନ୍ଦ କରିବାକୁ ଆହ୍ୱାନ ଆସିଛି।

ସକାଳ ୮ରୁ ୧୦ରୁ ଅଧିକ ବୋଟରେ ୩ ଶହରୁ ଅଧିକ ଲୋକ ଖରସ୍ରୋତା ନଦୀରେ ସନ୍ଧ୍ୟା ଯାଏ ଖୋଜାଖୋଜି କରିଥିଲେ ହେଁ କାଟଣା ବାଜପୁର ଯାଏ ସେହି କୁମ୍ଭୀର ପରେଶ୍ୱରଙ୍କ ଶରୀର ଧରି ନଦୀ ସୁଅରେ ଭାସି ଭାସି ଚାଲିଥିଲେ ବି ଶରୀରକୁ ଛାଡି ନ ଥିଲା। ନଦୀରେ ପାରେଶ୍ୱରଙ୍କୁ ଖୋଜାଖୋଜି ଜାରି ରହିଥିବାବେଳେ ରାଜକନିକା ବିଡିଓ, କନିକା ତହସିଲଦାର, ଥାନାଧିକାରୀ ନଦୀରେ ଏହି ସର୍ଚ୍ଚ ଅପରେସନରେ ସାମିଲ ହୋଇଥିଲେ। ପରେଶ୍ୱରଙ୍କୁ ଖୋଜି ନୟାନ୍ତ ହୋଇଥିବା ଗାଁ ଲୋକେ ଆସନ୍ତାକାଲି କଟକ-ଚାନ୍ଦବାଲି ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗାଁ ଲୋକେ ଆଜି ସନ୍ଧ୍ୟାରେ ବୈଠକ କରି ପ୍ରଶାସନକୁ ନିଜର ଜୀବନ ଜୀବିକା ବଞ୍ଚିବା ପାଇଁ ଗୁହାରି କରି ବାରମ୍ବାର ନିରାଶ ହେବା ପରେ ବି ଗାଁକୁ ପୋଲ ନିର୍ମାଣ ପାଇଁ କୌଣସି ପ୍ରସ୍ତାବ ବା ଯୋଜନା ନ କରିବା ଯାଏ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଦେବବ୍ରତ ବେହେରା, ବିଜୟ ବେହେରା, ଦୁଷ୍ମନ୍ତ ବେହେରା ପ୍ରମୁଖ ସୂଚନା ଦେଇଛନ୍ତି।

ପଟ୍ଟାମୁଣ୍ଡାଇ କଲେଜ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ

ପଟ୍ଟାମୁଣ୍ଡାଇ,୨୬।୮ (ସମିସ): ବ୍ରାହ୍ମଣୀ ନଦୀର ତୃତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ପ୍ରଭାବିତ ହେବା ସହିତ ପ୍ରାୟ ୧୫ ହଜାର ଲୋକ ବିପନ୍ନ ହୋଇଛନ୍ତି। ବନ୍ୟା ବିପନ୍ନ ଲୋକଙ୍କୁ ସହାୟତାର ହାତ ବଢ଼ାଇଛି ପଟ୍ଟାମୁଣ୍ଡାଇ କଲେଜ ୱାଇଆରସି, ଏନସିସି ଓ ଏନଏସଏସ। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଗୌର ପ୍ରସାଦ ଷଡ଼ଙ୍ଗୀଙ୍କ ନେତୃତ୍ୱରେ +୩ ୱାଇଆରସି କାଉନସେଲର ଅଧ୍ୟାପକ ସରୋଜକାନ୍ତ ନାୟକ, +୨ ୱାଇଆରସି କାଉନସେଲର ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ, +୩ ଏନ୍‌ଏସଏସ ସଂଯୋଗକ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, +୨ ଏନ୍‌ଏସଏସ ସଂଯୋଗକ ଅଧ୍ୟାପକ ଚିନ୍ମୟ ସାମଲ, ଏନ୍‌ସିସି ଅଧିକାରୀ ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ ଓ ଅଧ୍ୟାପକ ରଞ୍ଜନ ବେହୁରା ଓ ଛାତ୍ରଛାତ୍ରୀ ଡଙ୍ଗାରେ ଯାଇ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୪ନଂ ୱାର୍ଡ ତନୁପୁର ଗ୍ରାମର ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରିଛନ୍ତି।

ରିଲିଫ୍ ବାଣ୍ଟିଲେ ପୂର୍ବତନ ବିଧାୟକ କିଶୋର

ପଟ୍ଟାମୁଣ୍ଡାଇ,୨୬।୮ (ସମିସ): କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ବନ୍ୟା ବିପନ୍ନ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକର ନୀଳକଣ୍ଠପୁର, ବଲୁରିଆ, ସିନ୍ଧବାଲି ଓ ଜଗନ୍ନାଥପୁର ସମେତ ବିଭିନ୍ନ ବନ୍ୟା ବିପନ୍ନ ଅଞ୍ଚଳ ପରିଦର୍ଶନ କରି ବିପନ୍ନ ଲୋକଙ୍କୁ ନିଜସ୍ୱ ରିଲିଫ ଆକାରରେ ଚୁଡା, ବିସ୍କୁଟ, ମହମବତୀ ବଣ୍ଟନ କରିଛନ୍ତି। ପୂର୍ବତନ ବିଧାୟକଙ୍କ ସହିତ ଯୁବନେତା ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ, ପପୁ ଖଣ୍ଡାୟୀ, ସୁକାନ୍ତ ଦାସ, ଅରବିନ୍ଦ ବିଶ୍ୱାଳ ଓ ହେମନ୍ତ ପାତ୍ର ପ୍ରମୁଖ ବନ୍ୟା ବିପନ୍ନ ଅଞ୍ଚଳ ପରିଦର୍ଶନ କରି ରିଲିଫ ବାଣ୍ଟିବାରେ ସହଯୋଗ କରିଥିଲେ। ରାଜ୍ୟ ସରକାର ବନ୍ୟା ବିପନ୍ନ ଲୋକଙ୍କୁ ୧୫ ଦିନ ରିଲିଫ, ରନ୍ଧାଖାଦ୍ୟ, ଗୋଖାଦ୍ୟ, ପିଇବା ପାଣି ଓ ଔଷଧ ଯୋଗାଇ ଦେବାକୁ ପୂର୍ବତନ ବିଧାୟକ ଶ୍ରୀ ତରାଇ ଦାବି କରିଛନ୍ତି।

ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋରେ କେନ୍ଦ୍ରାପଡ଼ାର କମାଲ

୫୦ରୁ ଅଧିକ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ

କେନ୍ଦ୍ରାପଡ଼ା,୨୬।୮ (ସମିସ): କେନ୍ଦ୍ରାପଡ଼ା ଟାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନ ଆନୁକୂଲ୍ୟରେ ୨୧ତମ ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ କ୍ୟୁରୋଗି ଓ ୧୦ମ ପୁମସୀ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସୁପର ସବ୍‌ଜୁନିୟର, ସବ୍‌ଜୁନିୟର, କ୍ୟାଡେଟ୍, ଜୁନିଅର ଓ ସିନିଅର ବର୍ଗରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ୫୦ରୁ ଉର୍ଦ୍ଧ୍ୱ ସ୍ୱର୍ଣ୍ଣପଦକ ଓ ୫୦ରୁ ଉର୍ଦ୍ଧ୍ୱ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୫୦ରୁ ଉର୍ଦ୍ଧ୍ୱ କୃତୀ ଛାତ୍ରଛାତ୍ରୀ ଆଗାମୀ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି ସଫଳତା କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନ ସଭାପତି ବିମଳ ପଣ୍ଡା ମୁଖ୍ୟଅତିଥି ଓ ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ପର୍ଯ୍ୟବେକ୍ଷକ ଜୟକୃଷ୍ଣ ପରିଡ଼ା ଓ ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ କିଶୋର ମହାନ୍ତି ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ପ୍ରତାପ ମାଝୀ, ଇନ୍ଦ୍ରଜିତ ପରିଡ଼ା ଓ ପ୍ରଗତି ପାତ୍ର ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତା ପରିଚାଳନାରେ ଆସୋସିଏସନର ସଦସ୍ୟ ସୁନାକର ବେହେରା, କାର୍ତ୍ତିକ ବେହେରା, କୋଚ୍ ଖଗେଶ୍ୱର ସାହୁ, ପ୍ରୀତିମୟୀ, ଆଶୁତୋଷ ଦାସ ଓ ଦୁଷ୍ମନ୍ତ ମଲିକ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନର ସହସମ୍ପାଦକ ଦିବ୍ୟଜ୍ୟୋତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

୮, ୯, ୧୦ନଂ ୱାର୍ଡରେ ବିଧାୟକଙ୍କ ରିଲିଫ୍ ବଣ୍ଟନ

ପଟ୍ଟାମୁଣ୍ଡାଇ,୨୬।୮ (ସମିସ): ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୮, ୯ ୧୦ନଂ ୱାର୍ଡ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ହାଇଟେକ ହସ୍ପିଟାଲ ଉପାଧ୍ୟକ୍ଷ ମନୋଜ କୁମାର, ନଗର ବିଜେଡି ସଭାପତି ବୁଢା ଲେଙ୍କା, ଯୁବନେତା ରାଜୁ ପାତ୍ର, କାଉନସିଲର ପ୍ରିୟଙ୍କା ସେଠୀ, କାଉନସିଲର ପ୍ରଶାନ୍ତ ବାରିକ, ଯୁବନେତା ଚିତ୍ତରଞ୍ଜନ ସେଠୀ, ବରିଷ୍ଠ ନେତା ସୁରେନ୍ଦ୍ର ଗିରି, ଅନୀଲ ପଣ୍ଡା, ପୁରୁଷୋତ୍ତମ ଗିରି, ବାପି ସାମଲ, ମେଘଶ୍ୟାମ ସାହୁ ପ୍ରମୁଖ ବନ୍ୟା ବିପନ୍ନ ୮, ୯ ଓ ୧୦ନଂ ୱାର୍ଡକୁ ଯାଇ ରିଲିଫ ବଣ୍ଟନ କରିଛନ୍ତି। ରାଜନଗର ବିଧାୟକଙ୍କ ଅନୁରୋଧରେ ଭୁବନେଶ୍ୱର ହାଇଟେକ ହସ୍ପିଟାଲ କର୍ତ୍ତୃପକ୍ଷ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ ସାମଗ୍ରୀ ପଠାଇ ଥିଲେ।

ପଟ୍ଟାମୁଣ୍ଡାଇ ପୌର ପରିଷଦରେ ଏନଫୋର୍ସମେଣ୍ଟ ଅଭିଯାନ

ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢ଼ଉ, ୬୧ ହଜାର ଜରିମାନା ଆଦାୟ

ପଟ୍ଟାମୁଣ୍ଡାଇ,୨୬।୮ (ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନରେ ହୋଟେଲ ଓ ରେଷ୍ଟୁରାଣ୍ଟରେ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି, ବିକ୍ରୟ, ନିଷିଦ୍ଧ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକର ବ୍ୟବହାର ଏବଂ ବେଆଇନ ଭାବେ ଘରୋଇ ଏଲପିଜି ସିଲିଣ୍ଡରର ବ୍ୟବହାର ବିରୋଧରେ ଆଜି ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାସଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ ଅଭିଯାନ କରାଯାଇଛି। ଏଥିରେ କେନ୍ଦ୍ରାପଡ଼ା ଖାଦ୍ୟ ଅଧିକାରୀ, ମାର୍କେଟିଂ ଇନ୍ସପେକ୍ଟର, ରେଭିନ୍ୟୁ ଇନ୍ସପେକ୍ଟର, ଜେଏସ୍‌ଇଙ୍କ ସହିତ ପଟ୍ଟାମୁଣ୍ଡାଇ ପୌର ପରିଷଦର ଏନଫୋର୍ସମେଣ୍ଟ ଟିମ୍ ସାମିଲ ହୋଇ ଏହି ଅଭିଯାନ କରିଥିଲା। ଏହି ଅଭିଯାନ ସମୟରେ ୧୦୩ କିଲୋଗ୍ରାମ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ, ୭ଟି ଘରୋଇ ସିଲିଣ୍ଡର ଜବତ କରାଯିବା ସହିତ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି ଓ ନିୟମ ଉଲ୍ଲଂଘନ ପାଇଁ ୩୬,୦୦୦ ଟଙ୍କା ଓ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବ୍ୟବହାର ପାଇଁ ୨୫,୦୦୦ ଟଙ୍କା ମିଶାଇ ମୋଟ ୬୧,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି, ନିଷିଦ୍ଧ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକର ବ୍ୟବହାର ଓ ବାଣିଜ୍ୟିକ ପ୍ରତିଷ୍ଠାନରେ ଘରୋଇ ଏଲପିଜି ସିଲିଣ୍ଡରର ଅନଧିକୃତ ବ୍ୟବହାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଏନଫୋର୍ସମେଣ୍ଟ ଅଭିଯାନ ଜାରି ରହିବ ବୋଲି ସୂଚନା ମିଳିଛି।

ଏସ୍‌ଆଇଆର୍‌ରେ ଯୋଗ୍ୟ ଭୋଟର ବାଦ୍ ପଡ଼ିଥିବା ଅଭିଯୋଗ

ମହାକାଳପଡ଼ାରେ ୩୦,୨୮୫ ନାମ କଟିଛି, ଜିଲ୍ଲାପାଳଙ୍କୁ ବିଜେଡିର ଦାବିପତ୍ର

କେନ୍ଦ୍ରାପଡ଼ା,୨୬।୮ (ସମିସ)

ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ପୁନଃନିରୀକ୍ଷଣ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ ରାଜନୈତିକ ତାପମାତ୍ରା ବଢ଼ିଛି। ଯୋଗ୍ୟ ଓ ଜୀବିତ ଭୋଟରଙ୍କ ନାମ ଭୁଲ୍ ଭାବେ ବାଦ ଦିଆଯାଉଥିବା ଅଭିଯୋଗ କରିଛି କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି। ଏ ନେଇ ଦଳ ପକ୍ଷରୁ ଗରାପୁରସ୍ଥ ଏକ ଘରୋଇ ମଣ୍ଡପରେ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକ ଅଭିଯୋଗ କରିଛନ୍ତି ଯେ, ରାଜନୈତିକ ଅଭିସନ୍ଧି ରଖି ଏସ୍‌ଆଇଆର୍ ପ୍ରକ୍ରିୟାରେ ମନମୁଖୀ ଭାବେ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକର ଏଏସ୍‌ଡିଡି ତାଲିକାରୁ ବହୁ ଯୋଗ୍ୟ ଭୋଟରଙ୍କ ନାମ ବାଦ ପଡ଼ିଥିବା ସେ ଦାବି କରିଛନ୍ତି। ବର୍ଷ ବର୍ଷ ଧରି ନିଜ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ମୃତ କିମ୍ବା ସ୍ଥାନାନ୍ତରିତ ଦର୍ଶାଇ ତାଲିକାରୁ ବାଦ ଦିଆଯାଇଥିବା ଅଭିଯୋଗ ମଧ୍ୟ ହୋଇଛି।

ଶ୍ରୀ ନାୟକଙ୍କ ଦାବି ଅନୁସାରେ, କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୬୦ ହଜାର ଭୋଟରଙ୍କ ନାମ ବାଦ୍ ପଡ଼ିଥିବାବେଳେ ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ ଏହି ସଂଖ୍ୟା ୩୦,୨୮୫। ସେହିପରି ଜିଲ୍ଲାରେ ଅନୁପସ୍ଥିତ କିମ୍ବା ସ୍ଥାନାନ୍ତରିତ ଦର୍ଶାଇ ପ୍ରାୟ ୨୭ ହଜାର ନାମ ବାଦ ଦିଆଯାଇଥିବାବେଳେ ମହାକାଳପଡ଼ାରେ ଏହି ସଂଖ୍ୟା ୯, ୯୩୧ ବୋଲି ସେ କହିଛନ୍ତି। ବିଜେଡି ପକ୍ଷରୁ ଆହୁରି ଅଭିଯୋଗ କରାଯାଇଛି ଯେ, କେତେକ ସ୍ଥାନରେ ବିଏଲ୍‌ଓଙ୍କ ଉପରେ ଚାପ ପକାଇ ଫର୍ମ-୭ ମାଧ୍ୟମରେ ଯୋଗ୍ୟ ଭୋଟରଙ୍କ ନାମ କାଟିବା ପାଇଁ ଆବେଦନ କରାଯାଉଛି। ମହାକାଳପଡ଼ା ବ୍ଲକର ବଡ଼ଦାଣ୍ଡୁଆ ପଞ୍ଚାୟତର ବଗଗହନ, ରାଜଗଡ଼ ପଞ୍ଚାୟତ ଓ ମାର୍ଶାଘାଇ ବ୍ଲକର ହିନ୍ଦୁଳିଆ ପଞ୍ଚାୟତରେ ଏଭଳି ଅନିୟମିତତା ହୋଇଥିବା ଦଳ ଅଭିଯୋଗ କରିଛି। ଏହାର ପ୍ରମାଣ ଓ ଦସ୍ତାବିଜ ରହିଥିବା ଶ୍ରୀ ନାୟକ କହିଛନ୍ତି। ଏହି ଅଭିଯୋଗକୁ ନେଇ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଜିଲ୍ଲାପାଳଙ୍କୁ ସମ୍ପୃକ୍ତ ଦସ୍ତାବିଜ ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗର ନିରପେକ୍ଷ ତଦନ୍ତ, ବିଏଲ୍‌ଓଙ୍କୁ ଚାପମୁକ୍ତ କରିବା ଓ ପ୍ରକୃତ ଯୋଗ୍ୟ ଭୋଟରଙ୍କ ନାମ ଯାଞ୍ଚ କରି ତାଲିକାରେ ସାମିଲ କରିବାକୁ ଦଳ ଦାବି କରିଛି। ଅନ୍ୟାୟ ଭାବେ କୌଣସି ଯୋଗ୍ୟ ନାଗରିକଙ୍କ ନାମ ବାଦ ନ ପଡ଼ିବା ସହ ସଠିକ୍ ଭୋଟର ତାଲିକା ପ୍ରକାଶ ପାଇଁ ମଧ୍ୟ ଦାବି ହୋଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ବରିଷ୍ଠ ନେତା ବିଜୟ କୁମାର ଜେନାଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଓ ଦଳୀୟ ନେତା, କର୍ମୀ ଉପସ୍ଥିତ ଥିଲେ।

ସକାଳ
THE SAKALA

ସମ୍ପାଦକୀୟ

ମହାକାଶ ଯାତ୍ରାର ସଫଳତା ତୁଳନାରେ ଲକ୍ଷ୍ୟ ହାସଲ ଅଧିକ ଗୁରୁତ୍ୱପୂର୍ଣ୍ଣ।
-କଳ୍ପନା ଚାୱଲା

ଏଆଇର ନୂତନ ପନ୍ଥା

ଉପଭୋକ୍ତାଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରଥମ ଉଦ୍ୟୋକ୍ତା 'ଓପନ୍ ଏଆଇ' ୧୩ ବର୍ଷରୁ କମ୍ ବୟସର ବ୍ୟବହାରକାରୀଙ୍କ ପାଇଁ 'ଚାଟ୍‌ଜିପିଟି'ର ନୂତନ ସଂସ୍କରଣ ବଜାରକୁ ଛାଡ଼ିଛି। ପ୍ରତି ୧୦ ଜଣ 'ଚାଟ୍‌ଜିପିଟି' ବ୍ୟବହାରକାରୀଙ୍କ ମଧ୍ୟରୁ ୯ ଜଣ ଅପ୍ରାପ୍ତବୟସ୍କ ହୋଇଥିବାରୁ ସେମାନଙ୍କ ପାଇଁ ନୂତନ ସଂସ୍କରଣ ସୁବିଧାଜନକ ହେବ ବୋଲି 'ଓପନ୍ ଏଆଇ' କହିଛି। କିନ୍ତୁ 'ଚାଟ୍‌ଜିପିଟି' ବୟସ ନିର୍ଦ୍ଧାରଣ ପ୍ରକ୍ରିୟାରେ କେତେ ସଫଳ ହେବ ତାହାକୁ ନେଇ ବିଶେଷଜ୍ଞମାନଙ୍କ ଗୋଟିଏ ମହଲ ପ୍ରଶ୍ନ ଉଠାଇଥିବା ବେଳେ ଆଉ ଏକ ମହଲ ନୂତନ ସଂସ୍କରଣକୁ ଆଦୌ ଗ୍ରହଣ କରିପାରିନାହାନ୍ତି। ନୂତନ ସଂସ୍କରଣକୁ ବିରୋଧ କରୁଥିବା ବିଶେଷଜ୍ଞଙ୍କ ମତରେ ସମ୍ପ୍ରତି ଏଆଇର ପ୍ରତିକୂଳ ପ୍ରଭାବରୁ ଶିଶୁମାନଙ୍କୁ ସୁରକ୍ଷା ଦେବାକୁ ସଚେତନତା ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ 'ଓପନ୍ ଏଆଇ'ର ଏହି ନୂଆ ବ୍ୟବସାୟିକ ଅଭିସନ୍ଧି ତାହାକୁ ଗୁରୁତର ପ୍ରଭାବିତ କରିବ।

ଏକଦା ଅନ୍‌ଲାଇନ୍ ବା ଇଣ୍ଟରନେଟ୍ ଭିତ୍ତିକ ଜ୍ଞାନଆହରଣ ଓ ଶିକ୍ଷାଦାନରେ ଅଗ୍ରଣୀ ବିକଶିତ ଦେଶମାନେ ଏବେ ନିଜନିଜର ତ୍ରୁଟି ସୁଧାରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଶିଶୁ ମନସ୍ତତ୍ତ୍ୱ, ଶୈଶବସ୍ତରୀୟ ବୌଦ୍ଧିକ ବିକାଶରେ ଇଣ୍ଟରନେଟ୍(ଏଆଇ)ର ପ୍ରତିକୂଳ ପ୍ରଭାବ ଅନୁଭୂତ ହେବା ପରେ ଉକ୍ତଦେଶମାନଙ୍କରେ ପୁଣି ଥରେ ପାରମ୍ପରିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରାଯାଉଛି। ଅଷ୍ଟ୍ରେଲିଆ, ୟୁକେ ଆଦି ଦେଶରେ କିଶୋରମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଆମ ଦେଶର ଅଗ୍ରଣୀ ରାଜ୍ୟ ଭାବେ କର୍ଣ୍ଣାଟକ ସାହସିକ ପଦକ୍ଷେପ ନେଇ ୧୬ ବର୍ଷରୁ କମ ବୟସର ଛାତ୍ରଛାତ୍ରୀଙ୍କ ପାଇଁ କେବଳ ୧ ଘଣ୍ଟା ମୋବାଇଲ୍ ସ୍କ୍ରିନ୍ ବ୍ୟବହାର କରିବାକୁ ଅନୁମତି ଦେଇଛି। ସନ୍ଧ୍ୟା ୭ଟା ପରେ ଯେପରି ମୋବାଇଲ୍‌ରେ ସାମାଜିକ ଗଣମାଧ୍ୟମର ସ୍କ୍ରିନ୍ ଆପେ ବନ୍ଦ ହୋଇଯିବ ସେଥିପାଇଁ ଆଇଟି ବିଭାଗକୁ କର୍ଣ୍ଣାଟକ ସରକାର ବିହିତ ନିର୍ଦ୍ଦେଶ ଦେଇଛନ୍ତି। ଏହି ପୃଷ୍ଠଭୂମିରେ 'ଓପନ୍ ଏଆଇ'ର ନୂତନ ଶିଶୁକେନ୍ଦ୍ରିକ ସଂସ୍କରଣକୁ ନେଇ ଆପତ୍ତି ଉଠିବା ସ୍ୱାଭାବିକ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଇଣ୍ଟରନେଟ୍ ଅଧୁନା ଆମ ଜୀବନରେ ଅପରିହାର୍ଯ୍ୟ ହୋଇପଡ଼ିଛି। କିନ୍ତୁ ଏହାର ବ୍ୟବହାରରେ ଯଥାସମ୍ଭବ ସଂଯମ ଅବଲମ୍ବନ କରିବା ଆବଶ୍ୟକ। ବିଶେଷକରି ଶିଶୁମାନଙ୍କୁ ଏଥିରୁ ଦୂରେଇ ନ ରଖିଲେ ଭବିଷ୍ୟତରେ ସେମାନଙ୍କ ସୃଜନଶୀଳତା ହ୍ରାସ ପାଇବ ବୋଲି ବିଶେଷଜ୍ଞମାନଙ୍କ ମତକୁ ହାଲ୍‌କା ଭାବେ ନେବା ଉଚିତ ହେବ ନାହିଁ। ଏ ଦିଗରେ ଅଭିଭାବକ, ବିଦ୍ୟାଳୟ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ସର୍ବୋପରି ଜନମଙ୍ଗଳ ସରକାରଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଅଧିକ ରହିଛି। ପିଲାମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରିବା ପାଇଁ କର୍ଣ୍ଣାଟକ ସରକାରଙ୍କ ପଦକ୍ଷେପ ଅନୁସରଣୀୟ।

ଖାଦ୍ୟରେ ବିଷ

ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଭେଜାଲ୍ ପନିର ଜବତ ହୋଇଛି ଏବଂ ଏହି ଚଢ଼ଉ ଜାରି ରହିଛି। ଆଉ ଦୁଇପାଦ ଆଗକୁ ଯାଇ କର୍ଣ୍ଣାଟକ ସରକାର ଅନ୍‌ଲାଇନ୍ ଫୁଡ୍ ଡେଲିଭରି ବା ଇଣ୍ଟରନେଟ୍ ଜରିଆରେ ନିର୍ଦ୍ଦେଶ ଆଧାରରେ ଉପଭୋକ୍ତାଙ୍କ ପାଖରେ ଖାଦ୍ୟ ପହଞ୍ଚାଉଥିବା ଆମାଜନ୍, ସ୍ୱିଗି, ବିଗ୍‌ବାସ୍କେଟ୍ ପରି ସଂସ୍ଥାମାନଙ୍କ ସେବାରେ କଟକଣା ଜାରି କରିଛନ୍ତି। କିଛିଦିନ ପୂର୍ବରୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ) ଖାଦ୍ୟସାମଗ୍ରୀ ସମ୍ପର୍କିତ ବିଜ୍ଞାପନ ପ୍ରଚାର ପ୍ରସାର କରୁଥିବା ପ୍ରାୟ ଦେଢ଼ଶହ ସଂସ୍ଥାଙ୍କୁ ଅନୁରୂପ କଟକଣା ଜାରି କରିଥିଲେ। କର୍ଣ୍ଣାଟକ ଖାଦ୍ୟ ସୁରକ୍ଷା ବିଭାଗର ସୂଚନା ଅନୁଯାୟୀ ଉପରୋକ୍ତ ସଂସ୍ଥାମାନଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା କେତେକ ଖାଦ୍ୟ ସାମଗ୍ରୀରେ ବିଷାକ୍ତ ଉପାଦାନ ଠାବ ହୋଇଛି, ଯାହା ମାନବ ଶରୀର ପ୍ରତି ଗୁରୁତର ହାନିକାରକ। ଏହା ଜଣାପଡ଼ିବା ପରେ ସେହିସବୁ ସଂସ୍ଥାମାନଙ୍କର ଖାଦ୍ୟ ବିତରଣ ଅନୁମତି ବାତିଲ୍ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ଖାଦ୍ୟ ଉତ୍ପାଦନ ଓ ବିତରଣରେ ଅନ୍‌ଲାଇନ୍ ସଂସ୍ଥାମାନଙ୍କ ଭାରତରେ ଆବିର୍ଭାବ ଘଟିବା ବହୁପୂର୍ବରୁ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ ହୋଇସାରିଥିବାରୁ ତାହାର ସାମ୍ପ୍ରତିକ ବୈଧତା ନେଇ ପ୍ରଶ୍ନ ଉଠିଛି। ଏହି ଆଳରେ ଅନ୍‌ଲାଇନ୍ ସଂସ୍ଥାମାନେ ନିଜକୁ ସୁରକ୍ଷିତ ରଖିବାର ଗଳାବାଟ ଖୋଜୁଛନ୍ତି, ଯାହା ଖାଦ୍ୟ ସୁରକ୍ଷା ଅଧିକାର କ୍ଷେତ୍ରରେ ନୂଆ ଆହ୍ୱାନ ସୃଷ୍ଟି କରିଛି।

ଖାଦ୍ୟ ସୁରକ୍ଷା ଓ ମାନଙ୍କ ଆଇନ - ୨୦୦୬ ଅନୁଯାୟୀ ଯେକୌଣସି ଖାଦ୍ୟ ଉତ୍ପାଦନ, ବିତରଣ, ବିକ୍ରି ଉପରେ ସତର୍କ ନଜର ରଖାଯାଇପାରିବ ଏବଂ କୌଣସି ସାମଗ୍ରୀ ଜନସ୍ୱାସ୍ଥ୍ୟ ପାଇଁ ଆପତ୍ତିଜନକ ବୋଲି ଜଣାପଡ଼ିଲେ ତାହାର ଉତ୍ପାଦନ, ବିକ୍ରି ଓ ବିତରଣକୁ ନିଷେଧ କରାଯିବ। ଅନ୍‌ଲାଇନ୍ ସଂସ୍ଥାମାନେ ଖାଦ୍ୟ ବିକ୍ରି ସେବା ପ୍ରଦାନ କରୁଥିବାରୁ ସେମାନେ ମଧ୍ୟ ଉପରୋକ୍ତ ଆଇନ ଅଧୀନରେ ଆସୁଛନ୍ତି ଏବଂ ଖାଦ୍ୟ ସୁରକ୍ଷା ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ। ତେଣୁ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ସଂସ୍ଥାମାନଙ୍କୁ ଲାଇସେନ୍ସ ଦେବା ପାଇଁ କ୍ଷମତାପ୍ରାପ୍ତ ସେଣ୍ଟ୍ରାଲ୍ ଲାଇସେନ୍ସ ଅଥରିଟିଙ୍କ ପାଖକୁ କର୍ଣ୍ଣାଟକ ସରକରା ପତ୍ର ଲେଖି ଉପରୋକ୍ତ ଅନ୍‌ଲାଇନ୍ ସଂସ୍ଥାମାନଙ୍କର ଲାଇସେନ୍ସ ଅନ୍ୟାଦେଶ ପର୍ଯ୍ୟନ୍ତ ବାତିଲ୍ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅନ୍‌ଲାଇନ୍ ସଂସ୍ଥାଙ୍କୁ ଯୋଗାଣ କରୁଥିବା ସମ୍ପୃକ୍ତ ବ୍ୟବସାୟୀମାନଙ୍କ ଲାଇସେନ୍ସ ବାତିଲ୍ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି।

ଆଜିର ଖାଦ୍ୟ ବଜାରର ବିଡ଼ମ୍ବନା ହେଉଛି ଏଭଳି କୌଣସି ସାମଗ୍ରୀ ନାହିଁ ଯାହା ଶତପ୍ରତିଶତ ଖାଣ୍ଟି ବୋଲି ନିଶ୍ଚିତ କରିହେବ। ଖାଦ୍ୟରେ ବିଷମିଶାଇବା ମାନସିକତା ଏକ ପ୍ରତିଯୋଗିତାରେ ପରିଣତ ହୋଇଛି। ବ୍ୟବସାୟୀମାନଙ୍କର ଲାଭଖୋର ମନୋବୃତ୍ତି ସେମାନଙ୍କ ମାନବିକତାକୁ ନଷ୍ଟ କରିସାରିଲାଣି। କିନ୍ତୁ ସେମାନେ ବୁଝିପାରୁନାହାନ୍ତି ଯେ ସେମାନେ ପ୍ରସ୍ତୁତ କରୁଥିବା ବିଷମିଶ୍ରିତ ଖାଦ୍ୟ ସେମାନଙ୍କ ସମ୍ପର୍କୀୟ ଓ ବଂଶଧରମାନେ ମଧ୍ୟ ବ୍ୟବହାର କରୁଛନ୍ତି। ଏହି ପ୍ରତିଯୋଗିତାକୁ ନିରୁତ୍ସାହିତ କରିବାକୁ ହେଲେ ଭେଜାଲ୍‌କାରୀଙ୍କ ବିରୋଧରେ କଠୋର ଦଣ୍ଡ ପ୍ରଣୟନ ହେବା ଉଚିତ।

ଆମେ କେଉଁପିଢ଼ି ଗଢ଼ୁଛୁ?

ଜ୍ୟୋତିପୁଷ୍ପା ଦାସ

କୌଣସି ସମାଜର ପତନ ହଠାତ୍ ଘଟେନାହିଁ। ଯେତେବେଳେ ସାମାଜିକ ଏବଂ ବ୍ୟକ୍ତିଗତ ସ୍ତରରେ ମୂଲ୍ୟବୋଧର ସ୍ଥାନ ବସ୍ତୁବାଦ ନେଇଯାଏ, ଯେତେବେଳେ ଶିକ୍ଷାର ଲକ୍ଷ୍ୟ ମଣିଷ ଗଢ଼ିବାରୁ ଦୂରେଇ କେବଳ ସଫଳତା ଅର୍ଜନରେ ସୀମିତ ହୋଇଯାଏ, ଏବଂ ଯେତେବେଳେ ଜୀବନଠାରୁ ଅଧିକ ମୂଲ୍ୟବାନ ହୋଇଉଠେ ଅହଙ୍କାର ଓ ମୁହୂର୍ତ୍ତକର ଲୋକପ୍ରିୟତା, ସେତେବେଳେ ଅଜାଣତରେ ସାମାଜିକ ଜୀବନ ନିଜର ପତନ ଦେଖେ। ଗତ କିଛିଦିନ ମଧ୍ୟରେ ଦେଶର ତିନୋଟି ଭିନ୍ନପ୍ରାନ୍ତରୁ ଆସିଥିବା ତିନୋଟି ଘଟଣା ଆମକୁ ଏହି ଅସହଜ ସତ୍ୟ ସାମ୍ନାରେ ଛିଡ଼ା କରିଦେଇଛି।

ମହାରାଷ୍ଟ୍ରରେ ଜଣେ ଅଠର-ଉଣେଇଶ ବର୍ଷର ଯୁବକ ନିଜ ଆଇଫୋନର ଇଏମଆଇକୁ କେନ୍ଦ୍ର କରି ପିତାମାତାଙ୍କ ସହ ଝଗଡ଼ା କରି ଘର ଛାଡ଼ି ପାହାଡ଼ ଉପରକୁ ଚାଲିଗଲେ। ରାଗରେ ସେ ନିଜ ଜୀବନ ଶେଷ କରିବାକୁ ଉଦ୍ୟମ କଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସହିତ ପିତା ମଧ୍ୟ ଖସିପଡ଼ିଲେ, ପୁଣି ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ପତ୍ନୀ ମଧ୍ୟ ପ୍ରାଣ ହରାଇଲେ। ଏକ ମୋବାଇଲ୍ ଫୋନର କିସ୍ତି ଶୋଧକୁ କେନ୍ଦ୍ର କରି ଗୋଟିଏ ପରିବାରର ସମଗ୍ର ଅସ୍ତିତ୍ୱ ମୁହୂର୍ତ୍ତକ ମଧ୍ୟରେ ଲୋପ ପାଇଗଲା। ଶହଶହ ଲୋକ ସେଠାରେ ଏହାକୁ ଦେଖୁଥିଲେ ମଧ୍ୟ କେହି କିଛି କରିପାରିଲେ ନାହିଁ। ଏ ସମଗ୍ର ହୃଦୟ ବିଦାରକ ଘଟଣାଟି ମୋବାଇଲ୍‌ଫୋନ୍‌ରେ ରେକର୍ଡ ହୋଇ ସବୁଠି ଆବର୍ଣ୍ଣିତ ହେଉଛି। ପ୍ରଶ୍ନ ହେଉଛି - ଏହା କେବଳ ଗୋଟିଏ ଦୁର୍ଘଟଣା ନା ଆମର ମୂଲ୍ୟବୋଧର ଦେବାଳିଆପଣର ନିର୍ମମ ପ୍ରମାଣ?

ଦ୍ୱିତୀୟ ଘଟଣାଟି ହାଇଦ୍ରାବାଦର। ଏକ ସମୃଦ୍ଧ ବିଦ୍ୟାଳୟର ଅଧ୍ୟକ୍ଷା ହଷ୍ଟେଲରେ ରହୁଥିବା ଚଉଦ ବର୍ଷର ଛାତ୍ରମାନଙ୍କ ପାଖରୁ ବେଆଇନ ଭାବେ ରଖାଯାଇଥିବା ମୋବାଇଲ୍ ଓ ଆପତ୍ତିଜନକ ସାମଗ୍ରୀ ଜବତ କରି ସେମାନଙ୍କୁ ହଷ୍ଟେଲରୁ ବହିଷ୍କାର କରିଥିଲେ। ଏହାର ପ୍ରତିକ୍ରିୟାରେ ସେହି ଛାତ୍ରମାନେ ତାଙ୍କ ଘରକୁ ପଶି ଛୁରିରେ ସତେଇଶ ଥର ଆଘାତ କରି ହତ୍ୟା କଲେ ଏବଂ ଘରେ ଥିବା ଅଢ଼େଇଲକ୍ଷ ଟଙ୍କା ନେଇ ଚାଲିଗଲେ। ଅପରାଧ ପରେ ସେମାନଙ୍କ ମନରେ ଅନୁତାପର ଛାୟା ମଧ୍ୟ ନଥିଲା; ବରଂ ସେହି ଟଙ୍କାରେ ସାଙ୍ଗମାନଙ୍କୁ ପାର୍ଟି ଦେଉଥିଲେ। ଯେଉଁ ବୟସରେ ବିବେକ ଜାଗ୍ରତ ହେବା କଥା, ସେଠାରେ ବିବେକର ମୃତ୍ୟୁ ହେଲା ଏବଂ ନୃଶଂସତାର ଚରମ ସୀମାରେ ସେମାନେ ପହଞ୍ଚି ସାରିଥିଲେ। ତୃତୀୟ ଘଟଣା ଆମ ବାଲେଶ୍ୱରର। ବନ୍ୟା ଓ ବର୍ଷାର ବିପଦପୂର୍ଣ୍ଣ ପରିସ୍ଥିତି, ସରକାରୀ ସତର୍କ ସୂଚନା ଏବଂ ସବୁପ୍ରକାର କଟକଣା ସତ୍ତ୍ୱେ କିଛି ଛାତ୍ର ନୀଳଗିରିର ବ୍ଲୁ ଲେକକୁ ଭ୍ଲଗିଂ କରିବାକୁ ଯାଇଥିଲେ। ସେମାନେ ପାଣିରେ ପଶିଲେ, ଆଉ ଭାଇରାଲ୍ ଭିଡିଓର ସ୍ୱପ୍ନ ଦୁଇଟି ଜୀବନକୁ ଚିରଦିନ ପାଇଁ ଗିଳିନେଲା। ସେହି ଦୁଇପିଲାଙ୍କ ପରିବାର ସଦସ୍ୟଙ୍କ ଦୁଃଖ ପ୍ରତ୍ୟକ୍ଷଦର୍ଶୀ ଦେଖି ସହି ପାରିବେ ନାହିଁ।

ଏହି ତିନୋଟି ଘଟଣା ପରସ୍ପରଠାରୁ ଭିନ୍ନ ହେଲେ ମଧ୍ୟ ସେମାନଙ୍କ ମୂଳ ଏକ। ଆଜିର ପିଢ଼ି ମନେହୁଏ ଜୀବନକୁ ବଞ୍ଚିବା ପାଇଁ ନୁହେଁ, ଦେଖାଇବା ପାଇଁ ବଞ୍ଚୁଛି। ଏହା କେବଳ କିଛି ଯୁବକଙ୍କ ଭୁଲ୍ ନୁହେଁ; ଏହା ଆମ ସମାଜର ନିରବ ବିଫଳତା। ଆମେ ସନ୍ତାନମାନଙ୍କୁ ସବୁକିଛି ଦେଉଛୁ। ଦାମୀ ମୋବାଇଲ୍, ଅତ୍ୟାଧୁନିକ ବିଦ୍ୟାଳୟ, ଆରାମଦାୟକ ଜୀବନ, ପ୍ରତିଯୋଗିତାରେ ଆଗକୁ ବଢ଼ିବାର ସମସ୍ତ ସୁଯୋଗ। କିନ୍ତୁ ଆମେ ସେମାନଙ୍କୁ କ'ଣ ଶିଖାଉଛୁ? 'ପାଇବା'ର କଳା, ନା 'ହରାଇବା'ର ସାହସ? ସଫଳତାର ସଂଜ୍ଞା, ନା ଜୀବନର ମୂଲ୍ୟ? ଆମ ଶିକ୍ଷା ବ୍ୟବସ୍ଥା ବୁଦ୍ଧି ବିକାଶ କରୁଛି, କିନ୍ତୁ ବିବେକ ନୁହେଁ। ଆମ ଘରଗୁଡ଼ିକ ସୁବିଧାରେ ପରିପୂର୍ଣ୍ଣ, କିନ୍ତୁ ସଂଳାପରେ ଶୂନ୍ୟ। ପିଲାମାନଙ୍କ ହାତରେ ସ୍ମାର୍ଟଫୋନ୍ ଅଛି, କିନ୍ତୁ ହୃଦୟରେ ସହାନୁଭୂତି କ୍ରମଶଃ କ୍ଷୀଣ ହେଉଛି। ଆମେ ସେମାନଙ୍କୁ ବିଶ୍ୱ ଜିତିବାକୁ ଶିଖାଉଛୁ, କିନ୍ତୁ ନିଜ କ୍ରୋଧ, ଲୋଭ ଓ ଅହଙ୍କାରକୁ ଜିତିବାର ଶିକ୍ଷା ଦେଉନାହୁଁ। ସମାଜର ସବୁଠାରୁ ବଡ଼ ବିପର୍ଯ୍ୟୟ ସେତେବେଳେ ଘଟେ, ଯେତେବେଳେ ଚରିତ୍ରଠାରୁ କ୍ୟାରିୟର ବଡ଼ ହୋଇଯାଏ, ବିବେକଠାରୁ ବ୍ରାଣ୍ଡ ମୂଲ୍ୟ ବଢ଼ିଯାଏ ଏବଂ ମଣିଷଠାରୁ ବସ୍ତୁର ଦାମ ଅଧିକ ହୋଇଯାଏ, ସେତେବେଳେ ମୋବାଇଲ୍ ପାଇଁ ପରିବାର ମରେ, ଶୃଙ୍ଖଳା ପାଇଁ ଶିକ୍ଷକ ହତ୍ୟା ହୁଅନ୍ତି ଏବଂ କିଛି 'ଲାଇକ୍' ପାଇଁ ଯୁବକମାନେ ମୃତ୍ୟୁକୁ ଆଲିଙ୍ଗନ କରନ୍ତି।

ନୂତନ ପାଠ୍ୟକ୍ରମ ଅପେକ୍ଷା ଆଜିର ପିଢ଼ି ପାଇଁ ଆବଶ୍ୟକତା ଅଛି ନୂଆ ଚେତନାର।

ପିଲାମାନଙ୍କୁ ଗଣିତ, ବିଜ୍ଞାନ ଓ ପ୍ରଯୁକ୍ତି ସହିତ ସଂଯମ, କୃତଜ୍ଞତା, କରୁଣା, ବିଫଳତାକୁ ସ୍ୱୀକାର କରିବାର ସାହସ ଏବଂ ଜୀବନ ପ୍ରତି ସମ୍ମାନ ମଧ୍ୟ ଶିଖାଇବାକୁ ପଡ଼ିବ। ଏହା କେବଳ ଶିକ୍ଷକ ବା ବିଦ୍ୟାଳୟ ଉପରେ ଛାଡ଼ିଦେଲେ ହେବନାହିଁ। କାରଣ ଦଣ୍ଡମୁକ୍ତ ହେଲା ପରେ ଏବଂ ରାଜନୈତିକ କମିଟି ଗଠନ ହେଲା ପରେ ପ୍ରାୟ ବିଦ୍ୟାଳୟମାନଙ୍କରେ ଶିକ୍ଷକସମାଜର ହାତ ଓ ମୁହଁ ବନ୍ଧା। ଏପରିକି ଘରୋଇ ବିଦ୍ୟାଳୟରେ ମଧ୍ୟ ଯେତେବେଳେ ପିଲାମାନେ ଭୁଲ କରନ୍ତି ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ଡାକି ଏ ବିଷୟରେ ଜଣାହୁଏ, ନବେଭାଗ ଅଭିଭାବକ ନିଜ ପିଲାର ଭୁଲ ସ୍ୱୀକାର କରିବା ପାଇଁ ରାଜି ହୁଅନ୍ତି ନାହିଁ। ଓଲଟି ସେମାନେ ଶିକ୍ଷକ ବା ଶୃଙ୍ଖଳା ବିଭାଗକୁ ଦୋଷ ଦିଅନ୍ତି। ନାମଲେଖା ସମୟରେ ସବୁପ୍ରକାର ନିୟମ, ଶୃଙ୍ଖଳା ବାରମ୍ବାର ବୁଝା ହୋଇଥିଲେ ମଧ୍ୟ ପିଲାମାନଙ୍କ ଅପେକ୍ଷା ଅଭିଭାବକ ଅଧିକ ନିୟମ ଭାଙ୍ଗନ୍ତି ଏବଂ ଓଲଟି ଯୁକ୍ତିତର୍କ କରନ୍ତି। ଅନେକ ସମୟରେ ପରିବେଶ ଏବଂ ପରିସ୍ଥିତିକୁ ଆଖିରେ ରଖି ଚୁପ୍ ରହିବାକୁ ପଡ଼େ। କିନ୍ତୁ ଏପରି କରି ସେମାନେ ନିଜ ପିଲାମାନଙ୍କୁ ହିଁ କୁପଥରେ ଟାଣି ନେଉଛନ୍ତି। ଏହାର ଶହଶହ ଉଦାହରଣ ପ୍ରତ୍ୟେକ ଶିକ୍ଷାବିତ୍ ଦେଖି ଆସୁଛନ୍ତି।

ଆମ ଶିକ୍ଷା ବିଭାଗରେ ନୈତିକ ଶିକ୍ଷା, ଶୃଙ୍ଖଳା ତାଲିମ୍ ଏବଂ ବସ୍ତୁବାଦ ଓ ଆତ୍ମବାଦର ପ୍ରଚଳନ ନାହିଁ କହିଲେ ଚଳେ। ପାଠ୍ୟକ୍ରମ ବାହାରେ ଯାଇ ଯଦି କେହି ଚେଷ୍ଟା ବି କରନ୍ତି ପିଲାଙ୍କୁ ଭଲ ଉପଦେଶ କି ବିବେକ ଅନୁମୋଦିତ ଜ୍ଞାନ ଦେବା ପାଇଁ, ତାଙ୍କୁ ନିରାଶ ହେବାକୁ ପଡ଼େ। ଅନେକ ସମୟରେ ତାଙ୍କ ନାମରେ ଅଭିଯୋଗ ଆସେ ପାଠଛାଡ଼ି ଅଯଥା କଥା କହୁଛନ୍ତି ବୋଲି। ଏଣୁ ଏଠାରେ ନୈତିକ ମୂଲ୍ୟବୋଧ, ସହନଶୀଳତା, ପରିସ୍ଥିତିକୁ ମୁକାବିଲା କରିବାର ସଂଯମ ପିଲାଟିଏ ଶିଖିବାର ଗୁରୁଦାୟିତ୍ୱ ସର୍ବପ୍ରଥମେ ଅଭିଭାବକଙ୍କ ଉପରେ ରହୁଛି। ଆମେ ପିଲାମାନଙ୍କୁ ଭଲ ମୋବାଇଲ୍, ଦାମୀ ପୋଷାକ, ଆଧୁନିକ ସୁବିଧା ଓ ଉଚ୍ଚଶିକ୍ଷା ଦେଉଛୁ; କିନ୍ତୁ ଜୀବନର ମୂଲ୍ୟ, ସଂଯମ, ଦାୟିତ୍ୱବୋଧ, କୃତଜ୍ଞତା ଓ ମାନବିକତା ଶିଖାଇବାରେ ଆମେ ଧୀରେଧୀରେ ବିଫଳ ହେଉଛୁ। ସେମାନେ 'କ'ଣ ପାଇଲେ ସଫଳ' ତାହା ଶିଖୁଛନ୍ତି, କିନ୍ତୁ 'କେମିତି ମଣିଷ ହେବେ' ତାହା ଶିଖୁନାହାନ୍ତି। ମାର୍କଶିଟ୍‌ରେ ନମ୍ବର ବଢ଼ୁଛି; କିନ୍ତୁ ଚରିତ୍ରରେ ଗଭୀରତା କମୁଛି। ଭୌତିକ ସଫଳତାର ଦୌଡ଼ରେ ନୈତିକତା ପଛରେ ପଡ଼ିଯାଉଛି। ପରିବାରରେ କଥାବାର୍ତ୍ତା କମୁଛି, ମୋବାଇଲ୍ ସ୍କ୍ରିନ୍ ବଢ଼ୁଛି। ଗୁରୁଜନଙ୍କ ପ୍ରତି ସମ୍ମାନ ସ୍ଥାନରେ ଅହଙ୍କାର, ଧୈର୍ଯ୍ୟ ସ୍ଥାନରେ ଅଧୈର୍ଯ୍ୟ, ମୂଲ୍ୟବୋଧ ସ୍ଥାନରେ ଭୋଗବାଦ ଆସି ବସିଛି।

ଏହା କେବଳ ପିଲାମାନଙ୍କର ବିଫଳତା ନୁହେଁ; ଏହା ପରିବାର, ବିଦ୍ୟାଳୟ ଓ ସମାଜର ମଧ୍ୟ ବିଫଳତା। ଯଦି ଆମେ କେବଳ ସଫଳ ପେଶାଜୀବୀ ଗଢ଼ିବାରେ ବ୍ୟସ୍ତ ରହିବା ଏବଂ ଭଲ ମଣିଷ ଗଢ଼ିବାକୁ ଭୁଲିଯିବା, ତେବେ ଏପରି ଘଟଣା ଆଗକୁ ମଧ୍ୟ ଦେଖିବାକୁ ପଡ଼ିବ। ପିଲାମାନଙ୍କୁ କେବଳ ଦାମୀ ଜିନିଷ ନୁହେଁ, ସଠିକ୍ ଚିନ୍ତାଧାରା ଦିଅନ୍ତୁ। କେବଳ ପ୍ରତିଯୋଗିତା ନୁହେଁ, ସହାନୁଭୂତି ଶିଖାନ୍ତୁ। ସଫଳତାର ସ୍ୱପ୍ନ ନୁହେଁ, ବିଫଳତାକୁ ସାମ୍ନା କରିବାର ସାହସ ଶିଖାନ୍ତୁ। କାରଣ ଏକ ସମାଜର ଭବିଷ୍ୟତ ତାହାର ପିଲାମାନଙ୍କ ହାତରେ ରହେ; ଆଉ ପିଲାମାନଙ୍କ ଭବିଷ୍ୟତ ଆମର ମୂଲ୍ୟବୋଧ ଉପରେ ନିର୍ଭର କରେ। ଆମେ କେବଳ ସନ୍ତାନ ଜନ୍ମ ଦେଲେ ଚାଲିବ ନାହିଁ; ମଣିଷ ମଧ୍ୟ ଗଢ଼ିବାକୁ ପଡ଼ିବ। ନଚେତ୍ ଆଗାମୀ ଦିନରେ ଇତିହାସ ଆମକୁ କ୍ଷମା କରିବ ନାହିଁ।

ବାରିପଦା,
ମୋ: ୯୧୮ ୯୮୪୬୨୧୯୧୦

ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି!

ନିଶିକାନ୍ତ ବଳ

ଗଣତାନ୍ତ୍ରିକ ରାଷ୍ଟ୍ର କିମ୍ବା ପ୍ରଗତିଶୀଳ ରାଜ୍ୟର ପ୍ରକୃତ ସମ୍ପଦ ହେଉଛନ୍ତି ତାହାର ଯୁବଶକ୍ତି। ଯେଉଁ ଦେଶରେ ଯୁବସମାଜର ମେଧା, ଉତ୍ସାହ ଓ ନୂତନ ଚିନ୍ତାଧାରାକୁ ସଠିକ୍ ଦିଗଦର୍ଶନ ମିଳିଥାଏ, ସେହି ଦେଶ ବିକାଶର ଶୀର୍ଷରେ ପହଞ୍ଚିଥାଏ। ମାତ୍ର ଅଭିଶପ୍ତ ଭାରତବର୍ଷରେ ତାହା ସମ୍ପୂର୍ଣ୍ଣ ଭିନ୍ନ। ଶିକ୍ଷାନୁଷ୍ଠାନର ଚାରିକାନ୍ଥ ଭିତରେ ଦିନରାତି ଏକ କରି ଭବିଷ୍ୟତର ସ୍ୱପ୍ନ ବୁଣୁଥିବା ଛାତ୍ରଛାତ୍ରୀ ଓ ଉଚ୍ଚଶିକ୍ଷିତ ଯୁବପିଢ଼ି ଆଜି ନିଜର ମୌଳିକ ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛନ୍ତି। ପରୀକ୍ଷା ଦେବାଠାରୁ ଆରମ୍ଭ କରି ସ୍ଥାୟୀ ନିଯୁକ୍ତି ପାଇବା ପର୍ଯ୍ୟନ୍ତ ପ୍ରତ୍ୟେକ ସୋପାନରେ ସେମାନଙ୍କୁ କେବଳ ପ୍ରତାରଣା, ସଂଘର୍ଷ ଓ ନିରାଶାର ସମ୍ମୁଖୀନ ହେବାକୁ ପଡୁଛି।

ଏ ଦିଗରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଦେଖିଲେ ଚିତ୍ରଟି ଆହୁରି ସଙ୍ଗିନ ମନେହୁଏ। ରାଜ୍ୟର ହଜାରହଜାର ସ୍କୁଲ ଓ କଲେଜରେ ଅଧ୍ୟାପକ ଓ ଶିକ୍ଷକ ପଦବୀ ଫାଙ୍କା ପଡ଼ିଛି। ପାଠପଢ଼ା ବ୍ୟାହତ ହେଉଛି। କିନ୍ତୁ ନୂତନ ବିଜ୍ଞାପନ ବାହାର କରିବା ପରିବର୍ତ୍ତେ ସରକାରୀ ସ୍ତରରେ ନିରବତା ଅବଲମ୍ବନ କରାଯାଉଛି। ପୂର୍ବରୁ ରାଜ୍ୟର ୪୮୮ ବର୍ଗ ଏବଂ ଅନ୍ୟାନ୍ୟ ବେସରକାରୀ/ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ନୂତନ ଡିଗ୍ରୀଧାରୀ (ଏମ୍.ଫିଲ୍, ପିଏଚ୍.ଡି, ନେଟ୍ କ୍ୱାଲିଫାଇଡ୍) ଯୁବକଯୁବତୀଙ୍କୁ 'ଅତିଥି ଅଧ୍ୟାପକ' ଭାବେ ନିଯୁକ୍ତି ମିଳୁଥିଲା। ଏହାଦ୍ୱାରା ନବୀନ ଶିକ୍ଷିତ ଯୁବପିଢ଼ିକୁ ଆଂଶିକ ରୋଜଗାର ମିଳିବା ସହ ଶିକ୍ଷାଦାନର ବାସ୍ତବ ଅଭିଜ୍ଞତା ହାସଲ କରିବାର ସୁଯୋଗ ମିଳୁଥିଲା। ମାତ୍ର ବର୍ତ୍ତମାନ ଏହି ବ୍ୟବସ୍ଥାକୁ ସଙ୍କୁଚିତ ବା ବନ୍ଦ କରି ନୂଆ ଯୁବପିଢ଼ିଙ୍କ ବଦଳରେ ଅବସରପ୍ରାପ୍ତ ଅଧ୍ୟାପକ ଓ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଉଛି।

ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ବିଡ଼ମ୍ବନାର ବିଷୟ ହେଉଛି ପୂର୍ବରୁ ଅବସରପ୍ରାପ୍ତ ଶିକ୍ଷକଙ୍କ ପୁନଃନିଯୁକ୍ତି ପାଇଁ ଯେଉଁ ବୟସସୀମା ଥିଲା, ତାହାକୁ ଏବେ ବୃଦ୍ଧି କରାଯାଇ ୭୦ ରୁ ୭୫ ବର୍ଷ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଅର୍ଥାତ୍, ୭୫ ବର୍ଷ ବୟସର ଅବସରପ୍ରାପ୍ତ ବ୍ୟକ୍ତିମାନେ ପୁଣିଥରେ ଶ୍ରେଣୀଗୃହକୁ ଫେରିବେ। ଜଣେ ଅବସରପ୍ରାପ୍ତ କର୍ମଚାରୀ ଗୋଟିଏ ପଟେ ସରକାରଙ୍କଠାରୁ ମୋଟା ଅଙ୍କର ପେନ୍‌ସନ୍ ନେଉଛନ୍ତି, ଅନ୍ୟପଟେ ପୁନଃନିଯୁକ୍ତି ମାଧ୍ୟମରେ କାର୍ଯ୍ୟ କରି ପୁନର୍ବାର ଦରମା ବା ପାରିଶ୍ରମିକ ନେଉଛନ୍ତି। ଏହାଦ୍ୱାରା ସରକାରୀ କୋଷାଗାରରୁ ଦୁଇଗୁଣା ଅର୍ଥ ଖର୍ଚ୍ଚ ହେଉଛି। ଏପଟେ ପ୍ରକୃତ ଚିତ୍ରଟି ଅତ୍ୟନ୍ତ କରୁଣ। ଓଡ଼ିଶାର ମେଧାବୀ, ଉଚ୍ଚଶିକ୍ଷିତ ଯୁବକଯୁବତୀମାନେ ଏମ୍.ଫିଲ୍, ପିଏଚ୍.ଡି, ବି.ଏଡ୍, ଓ ଏମ୍.ଇ/ଏମ୍.ଟେକ୍ ଭଳି ଉଚ୍ଚ ଡିଗ୍ରୀ ହାତରେ ଧରି ଚାରିଆଡ଼େ ହା-ହତାଶ ହୋଇ ବୁଲୁଛନ୍ତି। ପରିବାରର ବୋଝ ବୋହିବା ଏବଂ ନିଜର ପେଟ ପୋଷିବା ପାଇଁ ସେମାନେ ନିଜର ଯୋଗ୍ୟତାଠାରୁ ଅନେକ ନିମ୍ନମାନର କାମ କରିବାକୁ ବାଧ୍ୟ ହେଉଛନ୍ତି। କିଏ କୌଣସି ହୋଟେଲ ବା ରେଷ୍ଟୁରାଣ୍ଟରେ କାମ କରୁଛି, କିଏ ବାଇକ୍-ଟ୍ୟାକ୍ସି ଚଲାଉଛି, ତ ଆଉ କିଏ ଦାଦନ ଖଟିବା ପାଇଁ ସୁଦୂର ସୁରଟ କିମ୍ବା ବାଙ୍ଗାଲୋର୍ ଯାଉଛି ତ ପୁଣି କିଏ ବିଭିନ୍ନ ଅସାଧୁ କାର୍ଯ୍ୟପ୍ରଣାଳୀ ଅବଲମ୍ବନ କରୁଛି।



ଯେଉଁ ହାତରେ ସ୍ୱାକ୍ଷର କରି ଗୋଟିଏ ପିଢ଼ିର ଭବିଷ୍ୟତ ଗଢ଼ିବାର କ୍ଷମତା ଥିଲା, ସେହି ହାତ ଆଜି ରାଇଡର୍ ଭାବେ ବାଇକ୍ ହ୍ୟାଣ୍ଡେଲ୍ ଧରିଛି କିମ୍ବା ହୋଟେଲର ଥାଳି ଉଠାଉଛି। ଏହାଠାରୁ ବଳି ଦୁର୍ଭାଗ୍ୟଜନକ ସାମାଜିକ ଚିତ୍ର ଆଉ କ'ଣ ହୋଇପାରେ?

ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଅଭିଜ୍ଞତା ଓ ଜ୍ଞାନ ପ୍ରତି ସମାଜର ପୂର୍ଣ୍ଣ ସମ୍ମାନ ରହିଛି। ମାତ୍ର ପ୍ରଶ୍ନ ଉଠୁଛି, ଯେଉଁ ବୟସରେ ଜଣେ ବ୍ୟକ୍ତି ଶାରୀରିକ ଓ ମାନସିକ ବିଶ୍ରାମ ନେବା କଥା, ସେହି ୭୦ ରୁ ୭୫ ବର୍ଷ ବୟସରେ ସେମାନଙ୍କୁ ପୁନର୍ବାର ସେବାରେ ନିୟୋଜିତ କରି ନୂତନ ଯୁବପିଢ଼ିର ଭବିଷ୍ୟତକୁ ବଳି ପକାଯିବା କେଉଁ ପ୍ରକାରର ନ୍ୟାୟ? ୭୦-୭୫ ବର୍ଷର ଜଣେ ବୃଦ୍ଧଙ୍କଠାରୁ ଆଜିର ଆଧୁନିକ, ଡିଜିଟାଲ୍ ଓ ନୂତନ ଶିକ୍ଷାଦାନ କୌଶଳ କେତେ ଦୂର ଆଶା କରାଯାଇପାରେ? ଶ୍ରେଣୀଗୃହରେ ଯେଉଁ ନୂତନ ଉତ୍ସାହ, ଶାରୀରିକ ସକ୍ରିୟତା, ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ନୂତନ ଚିନ୍ତାଧାରାର ଆବଶ୍ୟକତା ରହିଛି, ତାହା କେବଳ ଜଣେ ନବୀନ, ଶକ୍ତିଶାଳୀ ଓ ଉତ୍ସାହୀ ଯୁବକ ହିଁ ଦେଇପାରିବ। ସରକାର ବିଭିନ୍ନ ସଭାସମିତିରେ '୨୦୩୬ ବିକଶିତ ଓଡ଼ିଶା' କିମ୍ବା '୨୦୪୭ ବିକଶିତ ଭାରତ'ର ରୋଚକ ନାରା ଦେଉଛନ୍ତି। କାଗଜପତ୍ର ବା ନାରାବାଜିରେ ଦେଶ କିମ୍ବା ରାଜ୍ୟ ବିକଶିତ ହୁଏନାହିଁ। ଯେଉଁ ଦେଶରେ ନିଜର ଯୁବଶକ୍ତିକୁ ଅବହେଳିତ କରି ରଖାଯାଏ, ସେମାନଙ୍କର ମେଧାକୁ ଉଚିତ୍ ପ୍ରାଧାନ୍ୟ ଦିଆଯାଏ ନାହିଁ, ସେହି ଦେଶର ବିକାଶ କେବଳ ଏକ ମରୀଚିକା ହୋଇ ରହିଯାଏ। ଯୁବସମାଜକୁ ବେକାର ରଖି, ସେମାନଙ୍କ ଆଖିରୁ ସ୍ୱପ୍ନକୁ ଛଡ଼ାଇ ନେଇ କୌଣସି ରାଜ୍ୟ କେବେ ବି ପ୍ରଗତିର ପଥରେ ଆଗେଇ ପାରିବ ନାହିଁ।

ଅବସରପ୍ରାପ୍ତଙ୍କୁ ନେଇ 'ବିକଶିତ ଓଡ଼ିଶା' ଗଢ଼ିବାର ସ୍ୱପ୍ନ କେବଳ ଅପରିଣାମଦର୍ଶୀ ନୁହେଁ, ବରଂ ଶିକ୍ଷା ବ୍ୟବସ୍ଥା ପାଇଁ ଆତ୍ମଘାତୀ। ସରକାରୀ ସ୍ତରରେ ଏହି ପ୍ରଶାସନିକ ନୀତିର ତୁରନ୍ତ ପୁନର୍ବିଚାର ହେବା ଜରୁରୀ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଫାଙ୍କା ପଡ଼ିଥିବା ସମସ୍ତ ପଦବୀରେ ସ୍ଥାୟୀ ନିଯୁକ୍ତି ପାଇଁ ନୂତନ ବିଜ୍ଞାପନ ପ୍ରକାଶ ପାଉ ଏବଂ ଅତିଥି ଅଧ୍ୟାପକ ଭାବେ ନୂତନ ଡିଗ୍ରୀଧାରୀଙ୍କୁ ପୂର୍ବପରି ସୁଯୋଗ ଦିଆଯାଉ। ଯୁବସମାଜକୁ ସେମାନଙ୍କର ପ୍ରାପ୍ୟ ଓ ସମ୍ମାନ ନ ମିଳିଲେ ଏହି ନିରାଶା ଆଗାମୀ ଦିନରେ ଏକ ବିଶାଳ ସାମାଜିକ ବିପ୍ଳବର ରୂପ ନେଇପାରେ।

କିର୍ମିରା(ଝାରସୁଗୁଡ଼ା),
ମୋ: ୬୩୭୦୧୯୫୯୩୩୬

ବଡ଼ଦେଉଳରେ ତେଲିଙ୍ଗି ବାଇଦ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଗଜପତି ଦ୍ୱିତୀୟ ଥର କାଞ୍ଚି ବିରୁଦ୍ଧରେ ଯୁଦ୍ଧଯାତ୍ରା କରିବା ପୂର୍ବରୁ ମହାପ୍ରଭୁଙ୍କ ପାଖରେ ଅଧିଆ ପଡ଼ି ଯୁଦ୍ଧରେ ସହାୟକ ହେବା ପାଇଁ ପ୍ରାର୍ଥନା କଲେ। ମହାପ୍ରଭୁ ତାଙ୍କ ପ୍ରଥମ ସେବକର ପ୍ରାର୍ଥନା ଶୁଣିଲେ। ଦୁଇଭାଇ କଳା-ଧଳା ଘୋଡ଼ା ଚଢ଼ି ସୈନିକ ରୂପରେ ଯୁଦ୍ଧରେ ଯୋଗଦେଲେ। ଗଜପତି ବିଜୟ ଲାଭ କଲେ ଏବଂ ରାଜକନ୍ୟା ମୁକାମ୍ବିକା(ପଦ୍ମାବତୀ), କାଞ୍ଚି ରାଜାଙ୍କ ଆରାଧ୍ୟ ଗଣେଶ ବିଗ୍ରହ ଏବଂ ମାଆ ତାରିଣୀଙ୍କ ବିଗ୍ରହ ସହ ସଗର୍ବେ ଉତ୍କଳ ପ୍ରତ୍ୟାବର୍ତ୍ତନ କଲେ। ରାଜ ଓ ପାରିଷଦମାନେ ଦିନସାରା ଚାଲୁଥିଲେ ଏବଂ ସନ୍ଧ୍ୟା ହେଲେ କୌଣସି ଏକ ଗାଆଁ ନିକଟରେ ଶିବିର ପକେଇ ରହୁଥିଲେ। ପ୍ରାୟ ସବୁଦିନ ରାତିରେ ବିଜୟ ଉଲ୍ଲାସରେ ଭୋଜିଭାତର ଆୟୋଜନ ହେଉଥିଲା। ଏହିପରି ଆସିବା ବାଟରେ ଦିନେ ଅଧୁନା ଗଞ୍ଜାମ ଜିଲ୍ଲାର ମନ୍ତ୍ରିଡ଼ି ଗାଆଁରେ ଶିବିର ପଡ଼ିଲା। ସେତେବେଳକୁ ଭୋଜିଭାତରେ ସେମାନଙ୍କ ପାଖରେ ଥିବା ଖାଦ୍ୟ ସାମଗ୍ରୀ ପ୍ରାୟ ସରି ଯାଇଥିଲା। ଏତେ ବଡ଼ ସେନାବାହିନୀ ପାଇଁ ଖାଦ୍ୟ ଯୋଗାଡ଼ କରିବା କିଛି ସହଜ କଥା ନ ଥିଲା। ମନ୍ତ୍ରୀ କହିଲେ, 'ମଣିମା! ନୌବାଣିଜ୍ୟରୁ ପ୍ରଚୁର ଧନସମ୍ପତ୍ତି ରୋଜଗାର କରିଥିବା ଅନେକ ସାହୁକାର ଏ ଗାଆଁରେ ଅଛନ୍ତି। ଆପଣ ଅନୁମତି ଦେଲେ ଧାରସୂତ୍ରରେ ଅର୍ଥ ଓ ସାମଗ୍ରୀ ପାଇଁ ସେମାନଙ୍କୁ ଅନୁରୋଧ କରାଯାଇପାରନ୍ତା।' ଏ କଥାରେ ରାଜି ହେବା ବ୍ୟତୀତ ରାଜାଙ୍କ ପାଖରେ ଅନ୍ୟ ଉପାୟ ନ ଥିଲା।

ମନ୍ତ୍ରୀ ସାହୁକାରମାନଙ୍କୁ ଗାଆଁ ମଣ୍ଡପକୁ ଡକେଇ ଆଲୋଚନା କଲେ। ଚୌଧୁରୀ ନାମକ ଜଣେ ସାହୁକାର ରାଜି ହେବାରୁ ମନ୍ତ୍ରୀ ତାଙ୍କୁ ଧରି ଗଜପତିଙ୍କ ପାଖରେ ପହଞ୍ଚିଲେ। ରାଜା କହିଲେ, ' ତୁମର ସାହାଯ୍ୟ ଆମ୍ଭଙ୍କୁ କୃତଜ୍ଞ କରିବ। ଆମ୍ଭେ ତୁମଠାରୁ ନେଇଥିବା ଅର୍ଥ ଓ ସାମଗ୍ରୀ କଡ଼ାକଡ଼ା କରି ଫେରସ୍ତ କରିଦେବୁ।' ସାହୁକାର କହିଲେ, 'ମଣିମା ରାଜଧାନୀରେ ପହଞ୍ଚିବା ପରେ ରାଜକାମରେ ବ୍ୟସ୍ତ ରହି ମୋ କଥା ଭୁଲି ଯାଇପାରନ୍ତି। ତେଣୁ ମଣିମା ଆପଣ ମୋତେ କିଛି ଗୋଟେ ସନ୍ତକ ଦିଅନ୍ତୁ, ଯାହାକୁ ଦେଖିଲେ ମୋତେ ଚିହ୍ନିବାରେ କିଛି ଅସୁବିଧା ହେବ ନାହିଁ।' କ'ଣ ସନ୍ତକ ଦେଲେ ଠିକ ହେବ - ସେ କଥା ଚିନ୍ତା କରୁଥିବା ବେଳେ ଉଦ୍ଦେଶ୍ୟହୀନ ଭାବେ ରାଜା ନିଜ ମୁହଁରେ ହାତ ବୁଲେଇ ଆଣିଲେ। ତା' ପରେ ହାତ ପାପୁଲିକୁ ଚାହିଁ ଦେଖିଲେ ଯେ ତାଙ୍କ ନିଶର ଗୋଟେ ବାଳ ଉପୁଡ଼ି ହାତରେ ଲାଗିଛି। ନିଶ ଓ ମୁକୁଟକୁ ରାଜାଙ୍କର ସମ୍ମାନର ପ୍ରତୀକ ବୋଲି ଧରାଯାଉଥିଲା। ତେଣୁ ରାଜା ନିଶବାଳଟିକୁ ସନ୍ତକ ଭାବେ ଦେଲେ। ସାହୁକାର ଯତ୍ନର ସହ ପାଟକନାରେ ଗୁଡ଼େଇ ନେଇଗଲେ ଏବଂ ଆବଶ୍ୟକୀୟ ଅର୍ଥ ଓ ସାମଗ୍ରୀ ଦେଇଦେଲେ।

ଏ ଘଟଣାର ଅନେକଦିନ ପରେ ସାହୁକାର ମହାପ୍ରଭୁଙ୍କ ଦର୍ଶନ ପାଇଁ ବାହାରିଲେ। ସାତସମୁଦ୍ର ପାର ହୋଇ ନୌବାଣିଜ୍ୟ କଲା ବେଳେ ସାଧବମାନଙ୍କର ବିଶ୍ୱାସ ଥିଲା ଯେ ମହାପ୍ରଭୁଙ୍କ କରୁଣାରୁ ସେମାନେ ବିପଦପୂର୍ଣ୍ଣ ସମୁଦ୍ରରେ ନିର୍ବିଘ୍ନରେ ଯାତାୟତ କରୁଥିଲେ। ଚୌଧୁରୀ ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଥମ ଦିନର ତ୍ରିସନ୍ଧ୍ୟାରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଏବଂ ପରଦିନ ରାଜାଙ୍କ ଦରବାରକୁ ଯାଇ ସାକ୍ଷାତ କଲେ। ସତକୁ ସତ ଗଜପତି ସାହୁକାରକୁ ଚିହ୍ନି ପାରିଲେନି। ପ୍ରମାଣ ସ୍ୱରୂପ ସାହୁକାର ପାଟ କନା ଭିତରୁ ଗଜପତିଙ୍କ ନିଶ ବାଳଟି ବାହାର କରି ରାଜାଙ୍କ ହାତକୁ ଦେବା ପରେ ତାଙ୍କର ସବୁ କଥା ଗୋଟି ଗୋଟି କରି ମନେ ପଡ଼ିଗଲା। ସାହୁକାରଙ୍କୁ ରାଜସଭାରେ ସମ୍ବର୍ଦ୍ଧିତ କରାଗଲା। ତା'ପରେ ଗଜପତି ସାହୁକାରଙ୍କଠାରୁ ଆଣିଥିବା ଅର୍ଥ ଓ ସାମଗ୍ରୀ ଫେରେଇ ଦେବା ପାଇଁ ଆଦେଶ ଦେଲେ। କିନ୍ତୁ ସାହୁକାର ନିବେଦନ କଲେ, 'ମଣିମା! ମହାପ୍ରଭୁଙ୍କ ଦୟାରୁ ମୁଁ ମୋ ଜୀବନକାଳରେ ବହୁତ ଧନସମ୍ପତ୍ତି ରୋଜଗାର କରିଛି। ମୁଁ ଧାର ଅର୍ଥ ଓ ସାମଗ୍ରୀ ଫେରେଇ ନେବା ପାଇଁ ଚାହେଁନାହିଁ। କାଲି ମୁଁ ଦେଖିଲି ଯେ ମହାପ୍ରଭୁଙ୍କ ନୀତିକାନ୍ତି ନିଃଶବ୍ଦରେ ସମ୍ପାଦନ କରାଯାଉଛି। ମୁଁ ମହାପ୍ରଭୁଙ୍କ ଆଗରେ ସଙ୍କଳ୍ପ କରିଛି ଯେ ମୁଁ ଆପଣଙ୍କୁ ଦେଇଥିବା ଅର୍ଥ ସେହି କାମରେ ବିନିଯୋଗ କରାଯିବ। ଆମ ଦକ୍ଷିଣ ଅଞ୍ଚଳରେ ଶୁଭକାମରେ ତେଲିଙ୍ଗି ବାଇଦ ଓ ମହୁରୀ ବାଜିବାର ପରମ୍ପରା ଅଛି। ମୋର ଅନୁରୋଧ ରକ୍ଷା କରି ଆପଣ ଠାକୁରଙ୍କ ନୀତି ଓ ବାହାର ବିଜେ ବେଳେ ସେହି ପରମ୍ପରା ଆରମ୍ଭ କରିବା ପାଇଁ ଆଦେଶ ପ୍ରଦାନ କରନ୍ତୁ। ଏହା ମଧ୍ୟ ମହାପ୍ରଭୁଙ୍କ ସହ ଆମ ଅଞ୍ଚଳର ସଂପୃକ୍ତି ଅହରହ ଘୋଷଣା କରିବ।' ରାଜାଜ୍ଞା ଘୋଷଣା କରାଗଲା। ସେହିଦିନଠାରୁ ମହାପ୍ରଭୁଙ୍କ ନୀତି ଓ ବାହାର ବଜେ ସମୟରେ ତେଲିଙ୍ଗି ବାଇଦ ଓ ମହୁରୀ ବାଜିବାର ପରମ୍ପରା ଆରମ୍ଭ ହୋଇ ଆଜିଯାଏଁ ଚାଲିଆସିଛି।

ମୋ: ୯୯୦୦୦୮୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଘରୋଇକରଣ ପ୍ରସଙ୍ଗ

ରାଜ୍ୟର ସମ୍ପଦ ଲୁଟ୍ ହେଉଥିବା ବେଳେ ପାଟି ଖୋଲୁନାହାନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୨୫।୮(ସମିସ): ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍ ଦେଇ ଘରୋଇକରଣ କରାଇବାକୁ ବିଜେପି ସରକାର ପ୍ରୟାସ କରିଛନ୍ତି। ରାଜ୍ୟର ସମ୍ପଦ ଲୁଟ୍ ହେଉଥିବା ବେଳେ ରାଜ୍ୟ ସରକାର ଏନେଇ ପାଟି ଖୋଲୁନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ବିଜେପି ସରକାର ଉପରେ ବର୍ଷିଛନ୍ତି।

ଡ. ସାମନ୍ତସିଂହାର କହିଛନ୍ତି ଯେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ବିଜେପି ସରକାର ଅନୁମୋଦନ କରିଛନ୍ତି। ଯାହାକି ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ କରିବା ସଦୃଶ୍ୟ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ନାମରେ ନାମିତ ଉକ୍ତ ବିମାନ ବନ୍ଦର ଦେଶର ପ୍ରମୁଖ ଓ ଲାଭଜନକ ବିମାନ ବନ୍ଦର। ବର୍ଷକୁ ୨୦୦କୋଟିରୁ ଉର୍ଦ୍ଧ୍ୱ ଲାଭ ହେବା ସହ ପ୍ରାୟ ୫୦ଲକ୍ଷ ଲୋକେ ଯାତାୟାତ

କରିଥାନ୍ତି। ତେବେ ଏହାକୁ ଘରୋଇ କରଣ କରିବା କେତେ ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ସରକାର ଇଂରେଜ ମାନଙ୍କ ଭଳି ଶାସନ କରି ରାଜ୍ୟର ସମ୍ପତ୍ତିକୁ ବିକ୍ରି କରିବାକୁ ଯୋଜନା କରୁଛନ୍ତି। ଡବଲ ଇଞ୍ଜିନ ସରକାର ଓଡ଼ିଶା ପାଇଁ କାଳ ସାଜିଛନ୍ତି। ରାଜ୍ୟର ସମସ୍ତ ସମ୍ପଦକୁ ଲୁଟିବା ପାଇଁ କେନ୍ଦ୍ରର ବିଜେପି ସରକାର ଯୋଜନା କରୁଥିବା ବେଳେ ରାଜ୍ୟର ବିଜେପି ସରକାର ଏଜେଣ୍ଟ ସାଜି ତାହାକୁ ସମର୍ଥନ ଜଣାଉଛନ୍ତି। ଓଡ଼ିଶାର ଅନେକ କ୍ଷତି ହେଉଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ସମ୍ମୁଖରେ ରାଜ୍ୟ ସରକାର ଚୁପ ରହୁଛନ୍ତି। ଏମଏମଡିଆର ଆଇନ ଯୋଗେ ରାଜ୍ୟର ଖଣିକୁ ବିକ୍ରି କରିଛନ୍ତି। ବିଭିନ୍ନ ବନ୍ଦର ଗୁଡିକ ଘରୋଇ କମ୍ପାନୀ ମାନଙ୍କ ହାତକୁ ଟେକି ଦେଇଛନ୍ତି। ଜାତୀୟ ରାଜପଥ ଗୁଡ଼ିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହାପରେ ବିଜେପି ସରକାରଙ୍କ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଲୋଲୁପ ଦୃଷ୍ଟି ପଡ଼ିଛି।

ଜାତିଗତ ଜନଗଣନା ପ୍ରଶ୍ନାବଳୀ ରଦ୍ଦ ପାଇଁ ମୋଦୀଙ୍କୁ ରାହୁଲ-ଖଡ଼ଗେଙ୍କ ଚିଠି

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଆଗାମୀ ଜନଗଣନାରେ ଜାତି ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ କରିଥିବା ପ୍ରଶ୍ନାବଳୀକୁ କଂଗ୍ରେସ ତୀବ୍ର ବିରୋଧ କରିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ମିଳିତ ହିନ୍ଦୀ ଚିଠି ଲେଖିଛନ୍ତି। ସେଥିରେ ବର୍ତ୍ତମାନର ଓପନ୍-ଏଣ୍ଡେଡ୍ (ଖୋଲା ଉତ୍ତର ଆଧାରିତ) ଜାତି ପ୍ରଶ୍ନ ଫର୍ମାଟକୁ ସମ୍ପୂର୍ଣ୍ଣ ରଦ୍ଦ କରିବାକୁ ଦାବି କରିଛନ୍ତି। ଦୁଇ ନେତାଙ୍କ ଅଭିଯୋଗ ଅନୁଯାୟୀ, ବିନା କୌଣସି ପୂର୍ବନିର୍ଦ୍ଧାରିତ ମାନକ ତାଲିକାରେ ଉତ୍ତରଦାତାଙ୍କ ଜାତି ନାମ ସେମାନଙ୍କ କହିବା ଅନୁସାରେ ଲିପିବଦ୍ଧ ହେଲେ ବିଭ୍ରାଟ ସୃଷ୍ଟି ହେବ। ଭାରତର ଗୋଟିଏ ଜାତି ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ନାମ ବା ଉପଜାତି ଭାବେ ଜଣାଶୁଣା। ଏହି ଓପନ୍-ଏଣ୍ଡେଡ୍ ଢାଞ୍ଚା ଯୋଗୁଁ ଗୋଟିଏ ସମ୍ପ୍ରଦାୟ ହଜାର ହଜାର ଭାଗରେ ବିଭକ୍ତ ହୋଇଯିବ। ଫଳରେ ଜନସଂଖ୍ୟା ଗଣନାରେ ଜାତି ଭିତ୍ତିକ ତଥ୍ୟ ଭୁଲ୍ ଆସିବ। ସେମାନେ ଚେତାବନୀ ଦେଇଛନ୍ତି ଯେ ଏହାଫଳରେ ଓବିସି, ଅତି ପଛୁଆ ଓ ଅବହେଳିତ ବର୍ଗଙ୍କ କଲ୍ୟାଣ, ଶିକ୍ଷା ଓ ସାମାଜିକ ନ୍ୟାୟ ନୀତି ଗୁରୁତର ଭାବେ ପ୍ରଭାବିତ ହେବ। କଂଗ୍ରେସ ନେତୃତ୍ୱ ପ୍ରସ୍ତାବ ଦେଇଛନ୍ତି ଯେ ବିହାର (୨୦୨୨) ଓ ତେଲେଙ୍ଗାନା (୨୦୨୪) ଜାତି ସର୍ବେକ୍ଷଣ ଭଳି ଏକ ସ୍ଥିର ମାନକ ଜାତି ତାଲିକା ବ୍ୟବହାର କରାଯାଉ। ପ୍ରସ୍ତାବିତ ୪୦ଟି ପ୍ରଶ୍ନ ମଧ୍ୟରୁ କେବଳ ଗୋଟିଏ ଜାତି ସହ ଜଡ଼ିତ ଏବଂ ଏଥିରେ ପଛୁଆ ବର୍ଗ ଶବ୍ଦର ଅନୁପସ୍ଥିତିକୁ ନେଇ ମଧ୍ୟ ସେମାନେ ଆପତ୍ତି ଉଠାଇଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ ଏହି ଜନଗଣନା ପ୍ରକ୍ରିୟାକୁ ପ୍ରହସନ କହିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀଙ୍କୁ ପଠାଯାଇଥିବା ତୃତୀୟ ଚିଠିର ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ ବୋଲି ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ରାଜନୈତିକ ଦଳ, ବିଶେଷଜ୍ଞ ଓ ଜନସାଧାରଣଙ୍କ ସହ ଆଲୋଚନା କରି ଏକ ନୂଆ ସଠିକ୍ ପ୍ରଶ୍ନାବଳୀ ପ୍ରସ୍ତୁତ କରିବାକୁ ଚିଠିରେ ଦାବି କରାଯାଇଛି।

Office of the Principal

SANTHA KABI BHIMA BHOI MAHIMA +3 MAHAVIDYALAYA, CHAKARKEND

AT/PO-CHAKARKEND VIA-SOHELA, PS/DIST-BARGARH, PIN-768033
e-mail-skbbm3ckd@gmail.com, Mob-No-8328932842, 7377549302

Walk- in-interview

A walk-in interview will be held on dated.09.09.2026 at 10.00am in the office of the undersigned for the post of lecturers in ECONOMICS-1, HISTORY-1 & SNASKRIT-1 (2nd Post).

Candidates with minimum 55% marks at PG level(M.Phil & PhD will be Preferable) in respective subjects for lecturers are invited to report themselves with all relevant documents and resume before 10.00am on the stipulated date.

The undersigned reserves the right to cancel the interview without showing any reason thereof.

N.B:- No TA/DA will be paid.

Sd/-Principal
S.K.B.B.M +3 Mahavidyalaya,Chakarkend

OFFICE OF THE DIVISIONAL FOREST OFFICER
CHILIKA WILDLIFE DIVISION, BALUGAON
At/Po- Gopinathpur, Balugaon, Dist- Khordha-Pin-752030
Email:- dfo.chilikawl@odisha.gov.in
8001/278/2627

INVITATION FOR BIDS THROUGH e-Procurement
Bid Identification No. 01 / 2026-27

1.	Name of the work	:	Construction of 2nd Floor Divisional ECRICC and Sea Grass Project Management Centre
2.	Total no of Works	:	One
3.	Estimated cost	:	Rs. 15,79,217.00 (Approx)
4.	Class of Contractor	:	As Per DTCN
5.	Period of Completion	:	3 (Three Calendar Months)
6.	Type of tender	:	Single Cover Tender
7.	Date and Time of availability of Bid documents in the portal	:	From dtd 28.08.2026 to 17.00 hrs of dtd. 09.09.2026
8.	Last date/Time for receipt of bids in the portal	:	Dtd. 09.09.2026 upto 17.00 hrs
9.	Submission of Original documents (TP cost, EMD, Affidavit etc as per DTCN)	:	During office hours from 10.30 A.M. on dtd. 09.09.2026 to dtd. 10.09.2026 up to 17.00 hrs in the office of the undersigned.
10.	Date of opening of Bid through online	:	Dtd. 11.09.2026 at 11.30 hrs in the office of the undersigned.
11.	Name & address of the O.I.T (Officer Inviting tender)	:	Divisional Forest Officer, Chilika Wildlife Division, Balugaon.

Further details can be seen from the e-procurement portal https://tendersodisha.gov.in.
N.B. Subsequent corrigendum/addendum if required shall be available in the website as indicated above.

Sd/-
Divisional Forest Officer
Chilika Wildlife Division, Balugaon

OIPR-8001/8015/1/26-27/0002

ଧାନ ସଂଗ୍ରହରୁ ଏସ୍ଏଚ୍‌ଜି ବାଦ୍ ମାମଲା

କୃଷକ ପଞ୍ଜୀକରଣ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୫।୮(ସମିସ): ଖରିଫ ଋତୁର ଧାନ ସଂଗ୍ରହ ପ୍ରକ୍ରିୟାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବଞ୍ଚିତ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ଧାନ ସଂଗ୍ରହ ପାଇଁ ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକରେ ଧାନ ବିକ୍ରି ପାଇଁ କୃଷକ ପଞ୍ଜୀକରଣ କରିବାକୁ ଆଜି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବିଭିନ୍ନ ଏସଏଚଜି ପକ୍ଷରୁ ଦାୟର ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୨୬-୨୭ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାରୁ କାହିଁକି ଆବେଦନକାରୀ ଏସଏଚଜିଗୁଡିକୁ ବାଦ ଦିଆଯାଇଛି ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ପୂର୍ବରୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ଅନ୍ୟପଟରେ ଆବେଦନକାରୀ ଏସଏଚଜିଗୁଡିକରେ ଏଥର ଧାନ ବିକ୍ରି ପାଇଁ କୃଷକ ପଞ୍ଜୀକରଣ କରାଯାଉନାହିଁ। ଆସନ୍ତା ଅଗଷ୍ଟ ୩୧ତାରିଖ ପଞ୍ଜୀକରଣ ଶେଷ ହେଉଥିବାରୁ ଏଥିପାଇଁ କୃଷକ ପଞ୍ଜୀକରଣ କରାଯାଉ ବୋଲି ହାଇକୋର୍ଟରେ ଅନ୍ତରୀଣ ଆବେଦନ କରାଯାଇଥିଲା।

ମାମଲାରୁ ପ୍ରକାଶ ଯେ କେତେକ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଦାୟର ମୂଳ ରିଟ୍ ଆବେଦନରେ ଦର୍ଶାଯାଇଥିଲା ଯେ ୨୦୧୯ରୁ ଏହି ଗୋଷ୍ଠୀଗୁଡ଼ିକ ନିରବଚ୍ଛିନ୍ନ ଭାବେ ଧାନ ସଂଗ୍ରହ କାର୍ଯ୍ୟରେ ସଫଳତାର ସହ ଜଡ଼ିତ ଅଛନ୍ତି। ସେମାନଙ୍କ ବିରୋଧରେ କୌଣସି ଅଭିଯୋଗ ନ ଥିଲା କିମ୍ବା ଭିତ୍ତିଭୂମିର ଅଭାବ ନେଇ କୌଣସି ତଦନ୍ତ କିମ୍ବା ଜିଲ୍ଲାପାଳଙ୍କ ପକ୍ଷରୁ ସୂଚନା ଦିଆଯାଇ ନ ଥିଲା। ବିନା ସୁଯୋଗ ଓ ବିନା କାରଣ ଦର୍ଶାଅ ନୋଟିସରେ ହଠାତ୍ ସେମାନଙ୍କୁ ପ୍ରକ୍ରିୟାରୁ ବାଦ କରିଦେବା ସମ୍ବିଧାନର ଧାରା ୧୪, ୧୯ ଓ ୨୧ର ଉଲ୍ଲଙ୍ଘନ ଅଟେ ବୋଲି ଅଭିଯୋଗ କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୭ରୁ ଆରମ୍ଭ ହେଉଥିବା ସପ୍ତାହରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁକାନ୍ତ କୁମାର ଦଳେଇ ମାମଲା ପରିଚାଳନା କରୁଛନ୍ତି।

ଏସ୍‌କେ ନିଜାମୁଦ୍ଦିନ ବିଜେଡି ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ

୩୦ ଜିଲ୍ଲାରେ ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ

ଦିଲ୍ଲୀପ ତିର୍କୀ, ମୁନ୍ନା ଖାଁ, ସସ୍ମିତ ପାତ୍ର ଉପଦେଷ୍ଟା

ଭୁବନେଶ୍ୱର,୨୫।୮(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ସଂଖ୍ୟାଲଘୁ ସେଲର ପୁନର୍ଗଠନ କରିଛନ୍ତି। ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ଭାବେ ଏସକେ ନିଜାମୁଦ୍ଦିନଙ୍କୁ ନିଯୁକ୍ତି ମିଳିଛି। ସେଲରେ ମୋଟ ୧୪୪ ଜଣ ସଂଖ୍ୟାଲଘୁ ନେତାଙ୍କୁ ସ୍ଥାନ ମିଳିଛି। ଏନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏହାସହ ୩୦ଟି ଜିଲ୍ଲାରେ ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଛନ୍ତି। ବିଜେଡି ସଂଖ୍ୟାଲଘୁ ସେଲରେ ୩ ଜଣ ବରିଷ୍ଠ ନେତାଙ୍କୁ ଉପଦେଷ୍ଟା ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ହେଲେ ଡ. ଦିଲ୍ଲୀପ ତିର୍କୀ, ମୁଜିବୁଲ୍ଲା ଖାନ୍ ଓ ଡ. ସସ୍ମିତ ପାତ୍ର। ସେହିପରି କାର୍ଯ୍ୟକାରୀ ସଭାପତି ଭାବରେ ରୋହିତ୍ ଯୋଶେଫ ତିର୍କୀ, ରିଜୱାନା ବେଗମ ଏବଂ ଡ. ଅମଜାଦ୍ ଖାନଙ୍କୁ ସ୍ଥାନ ମିଳିଛି। ଏହାବ୍ୟତୀତ ସେଲରେ ୨୮ ଜଣ ଉପସଭାପତି, ୩୧ ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୩୨ ଜଣ ସାଧାରଣ ସମ୍ପାଦକ, ୨୫ ଜଣ ସମ୍ପାଦକ ଏବଂ ୨୧ ଜଣ ଯୁଗ୍ମ ସମ୍ପାଦକ ରହିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ସୁଯୋଗ, ବିଶ୍ୱାସ...

ବିପର୍ଯ୍ୟୟ ପରିଚାଳନା ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିଛି ବୋଲି ରାଜ୍ୟପାଳ କହିଛନ୍ତି।

ଏହି ଅବସରରେ ରାଜ୍ୟପାଳ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଉତ୍ଥାନକୁ ପ୍ରଶଂସା କରିବା ସହ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଯୁବପିଢ଼ିକୁ କେବଳ ଚାକିରି ପାଇଁ ନୁହେଁ, ଚାକିରି ସୁଯୋଗ ସୃଷ୍ଟି କରିବା ପାଇଁ ମଧ୍ୟ ପ୍ରସ୍ତୁତ କରାଯିବା ଆବଶ୍ୟକ। ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ସଂକ୍ରାନ୍ତ ଖବର କେବଳ ସୂଚନା ଦିଏନାହିଁ, ସାଧାରଣ ଲୋକଙ୍କୁ ଅନୁପ୍ରେରିତ, ଉତ୍ସାହିତ କରିବା ସହ ପରିବର୍ତ୍ତନ ସୃଷ୍ଟି ନିମନ୍ତେ ମଧ୍ୟ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ତେଣୁ ଗଣମାଧ୍ୟମ ଏହି ଖବରଗୁଡ଼ିକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ 'ସକାଳ' ଓ 'ନନ୍ଦିଘୋଷ' ଟିଭିର ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଯୋଗ ଦେଇ ବର୍ତ୍ତମାନ ସମୟରେ ଗଣମାଧ୍ୟମ ସମ୍ମୁଖୀନ ହୋଇଥିବା ସମସ୍ୟା ଓ ଆହ୍ୱାନ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ ଗଣମାଧ୍ୟମ ଏକ ବ୍ୟବସାୟ ନୁହେଁ; ଏହା ଏକ ସାମାଜିକ ଉତ୍ତରଦାୟିତ୍ୱ। ସାମ୍ପ୍ରତିକ ସମୟରେ ଗଣମାଧ୍ୟମ ଏକ ସ୍ପର୍ଶକାତର ସ୍ଥିତି ଦେଇ ଗତିକରୁଛି। ଆଜି ପ୍ରତ୍ୟେକ ମୋବାଇଲ୍ ଫୋନ୍ ଏକ ନ୍ୟୁଜରୁମ୍। ପ୍ରତ୍ୟେକ ସୋସିଆଲ ମିଡିଆ ଆକାଉଣ୍ଟ ଏକ ପ୍ରକାଶନ ସଂସ୍ଥା। ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ମାଧ୍ୟମରେ ଖବର ଉପଭୋଗ କରିବାର ପ୍ରବୃତ୍ତି ଲୋକଙ୍କ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇଛି। ଏଆଇ ଜେନେରେଟେଡ୍ ଫଟୋ, ଡିପ୍ ଫେକ୍ ଜରିଆରେ ପ୍ରସ୍ତୁତ ନିମ୍ନରୁଚିର ଖବରକୁ ଲୋକମାନେ ତତ୍‌କ୍ଷଣାତ୍ ବିଶ୍ୱାସ କରୁଛନ୍ତି। ମାତ୍ର ସତ୍ୟ ଆଲୋକକୁ ଆସିବା ବେଳକୁ ବେଶ୍ ବିଳମ୍ବ ହୋଇ ଯାଉଛି। ଏହା ଉପରେ ନୀତି ନିର୍ଦ୍ଧାରଣ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପୁନଶ୍ଚ ସାମ୍ପ୍ରତିକ ସମୟରେ ସରକାରଙ୍କ ପୃଷ୍ଠପୋଷକତା ଓ ବିଜ୍ଞାପନରୁ 'ସକାଳ' ଓ 'ନନ୍ଦିଘୋଷ' ଟିଭି ବଞ୍ଚିତ ହୋଇଥିବାରୁ ସେ ନିରାଶା ବ୍ୟକ୍ତ କରିଛନ୍ତି। ଗଣତନ୍ତ୍ରକୁ ସତ୍ୟ ସୁଦୃଢ଼ କରେ ଓ ଗଣମାଧ୍ୟମ ତାକୁ ସୁନିଶ୍ଚିତ କରିଥାଏ। 'ସକାଳ' ଓ 'ନନ୍ଦିଘୋଷ ଟିଭି' ସେହି ସିଦ୍ଧାନ୍ତର ଅନୁଧାବନ କରୁଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନନ୍ଦିଘୋଷ ଟିଭିର ସିଓଓ ଜବର ସିଂହ ପାନୱାର ସ୍ୱାଗତ ଭାଷଣ ଦେଇଥିବା ବେଳେ 'ସକାଳ'ର ପ୍ରକାଶକ ଓ ମୁଦ୍ରାକର ଅମିତ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ 'ନନ୍ଦିଘୋଷ' ଟିଭିର ମୁଖ୍ୟ ସମ୍ପାଦକ ସମରେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ଦିନ ତମାମ ୪ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ୪ ଟି ଅଧିବେଶନରେ ମାନସ ମନ୍ଥନ କରିଥିଲେ।

ସେପ୍ଟେମ୍ବର ୨୨ରୁ...

ବିଧାନସଭା ଛୁଟି ରହିବ। ୨୮, ୨୯, ୩୦ ଓ ଅକ୍ଟୋବର ୧ ତାରିଖରେ ଗୃହକାର୍ଯ୍ୟ ଚାଲିବ ଓ ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଛୁଟି ରହିବ। ୩ ତାରିଖରେ ଗୃହକାର୍ଯ୍ୟ ଅନୁଷ୍ଠିତ ହେବା ସହ ଅଧିବେଶନ ବିଧିବଦ୍ଧ ଭାବେ ସମାପ୍ତ ହେବ। ବର୍ତ୍ତମାନ ସମୟରେ ରାଜ୍ୟ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ନିଶାଣରେ ରହିଛନ୍ତି। ବିଶେଷକରି ଏମଏମଡିଆର ଆଇନରେ ସଂଶୋଧନକୁ ନେଇ ରାଜ୍ୟବ୍ୟାପୀ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏନେଇ ବିରୋଧୀ ସରକାରଙ୍କ ଉପରେ ବର୍ଷୁଛନ୍ତି। ଏହି ସଂଶୋଧିତ ଆଇନ କାରଣରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟ ପାଇବାକୁ ଥିବା ୧.୨ ଲକ୍ଷ କୋଟିର ବକେୟା ରାଜସ୍ୱ ହରାଇବ ଏବଂ ଏହାବ୍ୟତୀତ ବାର୍ଷିକ ୧୨ ହଜାର କୋଟିର କ୍ଷତି ସହିବ। ଏନେଇ ବିରୋଧୀ ଗୃହରେ ସରକାରଙ୍କୁ ଘେରିବାକୁ ଏକ ପ୍ରକାର ସ୍ଥିର କରିସାରିଛନ୍ତି। ସେହିପରି ବନ୍ୟା ପରିଚାଳନାରେ ଚରମ ବିଫଳତା, ପୁସ୍ତକ ମୁଦ୍ରଣ ଜନିତ ତ୍ରୁଟି ଓ ସଂଶୋଧିତ ପୁସ୍ତକ ପ୍ରଦାନରେ ଟାଳଟୁଳ ନୀତି, ଚାଷୀ ପଞ୍ଜୀକରଣରେ ନାନାଦି ସମସ୍ୟା, ବିଜୁ ପଟ୍ଟନାୟକ ବିମାନ ବନ୍ଦରର ଘରୋଇ କରଣ ଆଦିକୁ ପ୍ରସଙ୍ଗକୁ ନେଇ ସରକାର ନିଶ୍ଚିତ ଭାବେ ଗୃହରେ ଅଡୁଆ ପରିସ୍ଥିତିର ସାମ୍ନା କରିବେ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

ଘରୋଇ କମ୍ପାନୀକୁ...

ପୂର୍ବରୁ ଅନେକ ପ୍ରତିରକ୍ଷା ପ୍ରଣାଳୀର ଉତ୍ପାଦନରେ କେବଳ ସରକାରୀ ପ୍ରତିଷ୍ଠାନର ଭୂମିକା ପ୍ରମୁଖ ଥିଲା। କିନ୍ତୁ ନୂଆ ନୀତି ଅନୁସାରେ ବେସରକାରୀ ପ୍ରତିରକ୍ଷା କମ୍ପାନିମାନେ ମଧ୍ୟ ଡିଆରଡିଓର ବିକଶିତ ପ୍ରଯୁକ୍ତିକୁ ବ୍ୟବହାର କରି ଉତ୍ପାଦନ କ୍ଷମତା ବୃଦ୍ଧି କରିପାରିବେ ବୋଲି କୁହାଯାଉଛି। ପ୍ରତିରକ୍ଷା ଉପକରଣ ଓ କ୍ଷେପଣାସ୍ତ୍ର ସମ୍ବନ୍ଧୀୟ ବ୍ୟବସ୍ଥାର ସ୍ୱଦେଶୀ ଉତ୍ପାଦନ ବୃଦ୍ଧି ସହ ଆମଦାନୀ ଉପରେ ନିର୍ଭରଶୀଳତା ଓ ସାମରିକ ସାମଗ୍ରୀ କ୍ରୟ ପାଇଁ ହେଉଥିବା ବିପୁଳ ବ୍ୟୟକୁ ମଧ୍ୟ ହ୍ରାସ କରିବାରେ ଏହି ପଦକ୍ଷେପ ସହାୟକ ହେବ ବୋଲି କେନ୍ଦ୍ର ସରକାର ମନେ କରୁଛନ୍ତି। 'ଆତ୍ମନିର୍ଭର ଭାରତ' ଓ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଅନ୍ତର୍ଗତ ପ୍ରତିରକ୍ଷା କ୍ଷେତ୍ରକୁ ସ୍ୱଦେଶୀକରଣ କରିବା ଲକ୍ଷ୍ୟରେ ସରକାର ବେସରକାରୀ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେଇଆସୁଛନ୍ତି। ଡିଆରଡିଓର ମିସାଇଲ ପ୍ରଯୁକ୍ତିକୁ ଦେଶୀୟ ଶିଳ୍ପକୁ ହସ୍ତାନ୍ତର କରିବା ନିଷ୍ପତ୍ତିକୁ ଏହି ନୀତିର ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି।

ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ

ସଂଶୋଧନ ବିଜ୍ଞପ୍ତି
ଇ-ଟେଣ୍ଡର ବିଜ୍ଞପ୍ତି

• ଟେଣ୍ଡର ନଂ.: EL-2025-26-26R2 • କାର୍ଯ୍ୟର ନାମ: ରତଲାମ ଡିଭିଜନ୍: ରତଲାମ ଏବଂ ଇନ୍ଦୋର – ରତଲାମ ଷ୍ଟେସନର ପ୍ଲାଟଫର୍ମ ନଂ. ୦୪ ଏବଂ ୦୭ରେ ୦୬ଟି ଏସ୍କାଲେଟର୍ ଏବଂ ଇନ୍ଦୋର ଷ୍ଟେସନର PF-୦୫/୦୬ର ସର୍କୁଲେଟିଂ ଏରିଆରେ ୦୧ଟି ଏସ୍କାଲେଟର୍ ବ୍ୟବସ୍ଥା କରିବା (ଇଲେକ୍ଟ୍ରିକାଲ୍ + ସିଭିଲ୍)। • ଟେଣ୍ଡର ବନ୍ଦ ତାରିଖ/ସମୟ: ୦୮/୦୯/୨୦୨୬ ଦିନ ୧୫:୦୦ ଘଣ୍ଟା। CRY/221

Like us on: facebook.com/WesternRly

VEHICLE FOR SALE

3-WHEELER PAIGGIO APE E-XTRA EX, ELECTRIC, MODEL 2025,Regn. No -OD-07-BA-0978 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph:0680-2290703, MOB - 94375 77759, within 7 days.

VEHICLE FOR SALE

PIAGGIO APE XTRA LDX+. DIESEL, MODEL 2023, Regn. No -OD-07-AR-6296 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph: 0680- 2290703, MOB-9437577759, within 7 days.

VEHICLE FOR SALE

MAHINDRA 475 DI XP PLUS DIESEL, MODEL 2024, Regn. No -OD-07-AV-6515 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph: 0680- 2290703, MOB-9437577759, within 7 days.

AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1116, dated 19.08.2026, I, GYAN LILIYAN PARICHHA, Daughter of - Kishor Chandra Parichha, permanent resident of Village - Bamanaguda, PO - Manchagaon, PS - Khatiguda, Dist - Nabarangpur, Odisha, Pin - 764070, declare that I have changed my name from GANLIAN PARICHHA to GYAN LILIYAN PARICHHA. Henceforth, I shall be known as **GYAN LILIYAN PARICHHA** for all purposes.
Sd/- Gyan Liliyan Parichha

AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 950, dated 17-08-2026, I, NADU BHATRA, S/o - Sonu Bhatra, permanent resident of Village - Tentuliguda, PO - Chatahandi, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Daughter from DASUDHA BHATRA to JANAKA BHATRA. Henceforth, she shall be known as **JANAKA BHATRA** for all purposes.
Sd/- Nadu Bhatra

AFFIDAVIT

By virtue of an affidavit sworn before the Executive Magistrate, Athagarh, dated-19.08.2026 C.F No-2268, I Upama Naik W/o Raghunath Patra of Village-Sujagad Kaithagadia, Po-Kaithagadia, Ps-Khaira, Dist-Baleswar declare that I have changed my minor son's name from Ritesh Naik to Ritesh Patra in Aadhar card. Henceforth, he shall be known as **Ritesh Patra** for all purposes.

AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1112, dated 18.08.2026, I, DEULA CHANDRA NAYAK, Son of - Hari Nayak, permanent resident of Village - Manigam, PO - Manigam, PS - Dabugam, Dist - Nabarangpur, Odisha, Pin - 764072, declare that I have changed my name from DEULA CHANDRA PUJARI to DEULA CHANDRA NAYAK. Henceforth, I shall be known as **DEULA CHANDRA NAYAK** for all purposes.
Sd/- Deula Chandra Nayak

AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1114, dated 19-08-2026, I, SARADU BHATRA, S/o - Madhu Bhatra, permanent resident of Village - Khutiguda, PO - Jatabal, PS - Papadahandi, Dist - Nabarangpur, Odisha, Pin - 764071, declare that I have changed the name of my Daughter from CHUMKI BHATRA to MAHALAXMI BHATRA. Henceforth, she shall be known as **MAHALAXMI BHATRA** for all purposes.
Sd/- Saradu Bhatra

AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1115, dated 19-08-2026, I, DINABANDHU MAJHI, S/o - Hari Majhi, permanent resident of Village/PO/PS - Khatiguda, Dist - Nabarangpur, Odisha, Pin - 764085, declare that my Daughter's name has been wrongly recorded as "PRABHASINI MAJHI" instead of "PUNAM PRIYA MAJHI" in the Birth Registration Certificate Vide Registration No. 3992/2016, dated: 13.10.2016. Henceforth, the correct name of my Daughter shall be known as **"PUNAM PRIYA MAJHI"** for all purposes.
Sd/- Dinabandhu Majhi

AFFIDAVIT

I, Rohit Kumar Agrawal, aged about 42 years, S/o-Gajanand Agrawal, resident of Kundangali, Titlagarh, Po- Titilagarh, Ps- Titilagarh, Dist-Balangir, Odisha, PIN-767033, do hereby declare by this affidavit No. 1743, dtd-25.08.2026, that now onwards I shall be known as **ROHIT AGRAWAL** for all future purposes.

SHRIRAM GENERAL INSURANCE COMPANY LIMITED

This is to inform you that we are shifting our Jajpur Branch located at Chorda by Pas Road, Jajpur Road, Jajpur, ODISHA-755019 to following address:

Shriram General Insurance Co.Ltd.
Plot NO. 380/28, 2nd floor,
santara, PO-Byasanagar,
Dist- Jajpur, Odisha-755019

IRDAI Reg. No.137
CIN No. U66010RJ2006PLC029979

34001/651/2627
E-mail ID: eepwd765017@gmail.com
Phone-(06856)233066

Government of Odisha
"E" Procurement Notice

OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II

Bid Identification No: RC (RANDB) RGD No-II 08/2026-27 (Online tender)

No 2348 Dated 12/08/26

1. Total No. of the works :- 02 no Work **(Double cover System)**
2. Approximate estimated Cost: - Rs **84.61** Lakhs to 84.72 lakhs
3. Period of completion :- **02 (Two)** Calendar months
4. Date & Time of availability of bid document in the portal:- **11.00 Hrs.** of dated 28.08.2026 to **17.00 Hrs.** of dated 10.09.2026 for online bidding.
5. Last date/Time for receipt of bids in the portal: - Up to **17.00 Hrs.** of dated **10.09.2026**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. Date of opening of Technical Bid at **11.00 Hours** on dated **11.09.2026**
8. Further details can be seen from the e-Procurement portal: **www.tendersodisha.gov.in**.
9. Further Addendum/Corrigendum if any will be hosted in the above website only.

Superintending Engineer
Rayagada (R&B) Division No-II
Dated 12/08/26

OIPR-34001/34139/1/26-27/0007

PANCHAYAT SAMITI OFFICE, NUAGAON
INVITATION FOR BIDS
Bid Identification No. BDO/NGN/01/2026-27
Letter No. 1987 / Dt. 21.08.2026 19001/214/2627

The PANCHAYAT SAMITI OFFICE, NUAGAON on behalf of the Govt. of Odisha invites **Percentage Rate** bids in **Double cover system** on online Mode. Bid Identification No. **BDO/NGN/01/2026-27** for 01 nos. Civil work with value of **Rs. 70.64 Lakh.**

1. Bid documents will be available in website www.tendersorissa.gov.in from 21.08.2026.
2. Bids must be submitted on "online" on or before 17.09.2026 by 17:00 hours.
3. Bids shall be opened at 11:00 hours on 18.09.2026 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Block Development Officer
Nuagaon

OIPR-19001/19358/1/26-27/0001

25001/1023/2627

OFFICE OF THE SUPERINTENDING ENGINEER, RWS&S DIVISION, BARAGADA

Infront of Government ITI, Baragada-768028
Ph-06646-233220 (O) 234626 (FAX)
E-mail:- eerwss_bgh@nic.in
eerwssBaragada@gmail.com

No. 2268 Date 20.08.2026

Quotation Call Notice

The Superintending Engineer, RWS&S Division, Baragada on behalf of the Governor of Odisha invites sealed Quotation from the Reputed Firms/Agencies/Manufacturer for Supplying, Erection, Testing & Commissioning of R.O Based Defluoridation & Water Treatment Drinking Water Station Capacity 2M³/Hour including one year Maintenance cost on Trunkey basis in different places of different villages under Baragada District as per Annexure "A", "B", "C" and "D" for finalization of rate.

1. **Date of receipt of the Quotation (Tender Box /Postal):- Dt. 28.08.2026** to **Dt. 17.09.2026** up to 5.00 P.M
2. **Last Date of receipt of the Quotation (Tender Box /Postal):- Dt. 17.09.2026** up to 5.00 P.M
3. **Date & time of Opening of Quotation: - Dt. 18.09.2026 at 11.00 A.M.**
4. **Estimated Cost for Single Unit is 18.83 Lakhs (Approximate)**
5. **Name and address of the Officer Inviting Quotation: -** Superintending Engineer, RWS&S Division, Baragada, District:- Baragada.

Further details (Annexure A, B, C & D) can be collected from office of the Superintending Engineer, RWS&S Division Baragada. The authority reserves the right to reject any or all the tenders without assigning any reason thereof.

Superintending Engineer
RWS&S Division, Baragada

OIPR-25001/25018/1/26-27/0006

OFFICE OF THE SUPERINTENDING ENGINEER 34001/699/2627
DEBAGADA (R&B) DIVISION, DEBAGADA

Letter No. 3085 Date. 24.08.2026

1st Corrigendum

Tender Reference No. SE PWD DGR No. 05 of 2026-27

1. The availability of bid documents in of the mentioned below works will be from **Dt. 03.09.2026 to 17.00 PM of 17.09.2026** instead of **Dt. 24.08.2026** to 17.00 Hours of **07.09.2026.**
2. The technical bids will be opened at **11.30 Hours of 18.09.2026** instead of **08.09.2026.**

Sl No	Name of Work	Name of the road with details chainages	Approximate value of work (In Lakhs)	Amount of Bid security	Cost of Bid document	Period of completion	Class of Bidder
1	2	3	4	5	6	7	8
01	Short Term Maintenance Contract (STMC) work for 03 Nos. road for a length 24.866 Km under Debagada (R&B) Division (Package-1)	Kundheigola to Baghabar road via, Kurodposhi-Jharaberni, Tugamal from Ch. 0/000 Km to 4/500 Km Kundheigola to Utunia road via Khandadhuan from 0/000 Km to 12/183 Km Aunli to Tutabariroad from 0/000 Km to 8/183 km	Rs. 74.46	Rs.74,500.00	Rs. 10,000/-	12 (Twelve) Calendar months	"B" Class Contractor

Superintending Engineer
Debagada (R&B) Division

OIPR-34001/34061/1/26-27/0006

ସକାଳ
THE SAKALA

ଶେଷ ହୋଇଛି ଅବଧି
ସରୁନି ଡେରାବିଶ ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ କାମ

ଡେରାବିଶ, ୨୬।୮ (ସମିସ)

ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗାସ୍ଥ ଆଦର୍ଶ ବିଦ୍ୟାଳୟର ଦୁରବସ୍ଥା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୯୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଛନ୍ତି। ଦୂରଦୂରାନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ ନିର୍ମାଣ ଚାଲିଛି। ନିର୍ମାଣ ଅବଧି ଶେଷ ହୋଇଥିଲେ ହେଁ କାମ ସରି ନ ଥିବାରୁ ଦୂରରୁ ଆସୁଥିବା ଛାତ୍ରଛାତ୍ରୀ ବହୁ ସମସ୍ୟା ଭୋଗ କରୁଥିବା ଅଭିଯୋଗ ହେଉଛି।

କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ-୨ ପକ୍ଷରୁ ବାଳକ ଓ ବାଳିକା ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ ପାଇଁ ଦୁଇଜଣ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଛାତ୍ରାବାସ ପାଇଁ ୨ କୋଟି ୮୮ ଲକ୍ଷ ଓ ଛାତ୍ରୀ ନିବାସ ପାଇଁ ୨ କୋଟି ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି କାର୍ଯ୍ୟର ଅବଧି ଶେଷ ହୋଇଥିଲେ ମଧ୍ୟ ୨ଟି ଯାକ ଛାତ୍ରାବାସ ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ପକାଇ ଠିକାଦାର ଦ୍ୱୟ ଉଭାନ ହୋଇଯାଇଛନ୍ତି। ପ୍ରତ୍ୟେକ ଛାତ୍ରାବାସରେ ୧୦୦ ଛାତ୍ରଛାତ୍ରୀଙ୍କ ରହିବାର ବ୍ୟବସ୍ଥା କରାଯିବାକୁ ଥିଲେ ସୁଦ୍ଧା ବର୍ତ୍ତମାନ ବହୁ ଛାତ୍ରଛାତ୍ରୀ ବିଦ୍ୟାଳୟ ନିକଟସ୍ଥ ଗ୍ରାମରେ ଭଡାଘରେ ରହି ଅଯଥା ଖର୍ଚ୍ଚାନ୍ତ ହେଉଥିବାରୁ ଏହା ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଛାତ୍ରାବାସ ଦ୍ୱୟର ତୁରନ୍ତ ନିର୍ମାଣ ଶେଷ କରିବା ପାଇଁ ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭୋଇ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅଧ୍ୟାପକ ମହାଭୋଇଙ୍କ ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ଅତି ଉଚ୍ଚକୋଟୀର ରହିଥିବା, ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରି ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଭାବେ ଜିଲ୍ଲାପାଳ ରହିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ମୌଳିକ ସମସ୍ୟା ପାଲଟିଥିବା ଏହି ଅର୍ଦ୍ଧନିର୍ମିତ ଛାତ୍ରାବାସ କିପରି ତୁରନ୍ତ ପୂର୍ଣ୍ଣାଙ୍ଗ ହୋଇପାରିବ, ସେ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି। ଅପରପକ୍ଷରେ ଏ ବିଷୟରେ ଦାୟିତ୍ୱରେ ବିଭାଗୀୟ ଯନ୍ତ୍ରୀ ଅଜୟ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ତୁରନ୍ତ ଏହି ଛାତ୍ରାବାସ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଉଭୟ ଠିକାଦାରଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଦୁଇ ବିଦ୍ୟାଳୟରେ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ରାଜନଗର, ୨୬।୮ (ସମିସ): ରାଜନଗର ବ୍ଲକ ଅନ୍ତର୍ଗତ ବାଲିସାହିପାଟଣା ପଞ୍ଚାୟତର ବାଲିସାହିପାଟଣା ଓ ମଧୁପୁର ପ୍ରାଥମିକ ବିଦ୍ୟାଳୟରେ କୋମଳମତି ଶିଶୁଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ ସ୍ଥାପନ କରାଯାଇଛି। ପଞ୍ଚାୟତ ସମିତି ଅନୁଦାନ ପାଣ୍ଠିରୁ ଥଣ୍ଡା ଗରମ ପାନୀୟ ଜଳ ପ୍ରକଳ୍ପର ଉଦଘାଟିତ ଆଜି ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଗ୍ରହଣରେ ପଞ୍ଚାୟତ ସମିତି ସଭ୍ୟ ପ୍ରଶାନ୍ତ ରାଉତଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତ୍ନାକର ପ୍ରଧାନ, ଯୁବ ସମାଜସେବୀ ସୁଶୀଲ ପ୍ରଧାନ, କମିନ ରଞ୍ଜନ ପ୍ରଧାନ, ସୁଦର୍ଶନ ପ୍ରଧାନ, ମଳୟ ପରିଡ଼ା, ଯୁବରାଜ ପ୍ରଧାନ, ରମାକାନ୍ତ ପ୍ରଧାନ, ସମୀର ପାତ୍ର, ରମାକାନ୍ତ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶଙ୍କୁ ଶୁଭେଚ୍ଛା

ଗରଦପୁର, ୨୬।୮ (ସମିସ): ପାଟକୁରାର ଯୁବ ନେତୃତ୍ୱ ଓ ଯୁବକଙ୍କ ଆଇକନ ରାଜେଶ ଦାସ ଓରଫ୍ ରାଜା ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ପୁର୍ନବାର ମନୋନୀତ ହେବା ପରେ ତାଙ୍କୁ ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡି ନେତା, କର୍ମୀ ଓ ଜନସାଧାରଣ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ରାଜା ଚଳିତଥର ପାଇଁ ସଭାପତି ଥିବାବେଳେ ତାଙ୍କୁ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରିଥିବାରୁ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ପୂର୍ବତନ ଅଧ୍ୟକ୍ଷ ତଥା ଆମ୍ବିର ପୂର୍ବତନ ଅଧ୍ୟକ୍ଷ ବାସୁଦେବ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସିଂ, ଜିଲ୍ଲା ପରିଷଦ ସତ୍ୟାନନ୍ଦ ରାଉତ, ଜିଲ୍ଲା ପରିଷଦ ସଭ୍ୟା ଏଲିଜା ସ୍ୱାଇଁ, ସରପଞ୍ଚ ସନ୍ତୋଷ ମାହାଳୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ମହାନ୍ତି, ରବୀନ୍ଦ୍ର ମହାପାତ୍ର, ଶୈଳେନ୍ଦ୍ର ମହାନ୍ତି, ଅରୁଣ ନାୟକ, ପୂର୍ବତନ ସମିତି ସଭ୍ୟ ଅଟଳ ଜେନା, ଅମୀୟ ପରିଜା, ପୂର୍ବତନ ସମିତି ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ଦିଲ୍ଲୀପ ସେଠୀ, ବିଜେଡି ସାମାଜିକ ଗଣମାଧ୍ୟମ ସଂଯୋଜକ ଆଲୋକ ମାହାଳୀ, ରାକେଶ ସେଠୀଙ୍କ ସମେତ ସରୋଜକାନ୍ତ ନାୟକ, ମାର୍ଶାଘାଇ ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରଥ ଡେରାବିଶ ବ୍ଲକର ଅରବିନ୍ଦ ମଲ୍ଲିକ, ପ୍ରମୋଦ ସାମଲ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି। ରାଜେଶଙ୍କ ରାଜନୈତିକ କ୍ୟାରିୟର ବହୁତ ଲମ୍ବା। ଛାତ୍ର ରାଜନୀତିରୁ ଜଣେ ଦୃଢ଼ ସଂଗଠକ ଭାବେ ପରିଚିତ। ପାଟକୁରାର ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ପଟ୍ଟଶିଷ୍ୟ ଭାବେ ଜଣାଶୁଣା ହେବା ପରେ ସେ ଛାତ୍ର ବିଜେଡିର ରାଜ୍ୟସ୍ତରୀୟ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ତାଙ୍କର ସାବଲୀଳ ଠାଣି ଓ ଅମାୟିକ ସରଳ ବ୍ୟକ୍ତିତ୍ୱ ପାଇଁ ସେ ପାଟକୁରାରେ ପରିଚିତ। ପୂର୍ବତନ ବିଧାୟକ ସ୍ୱର୍ଗତ ଅଗ୍ରୱାଲଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇ ନିଜ ପଦବୀ ତୁଲାଇଥିଲେ। ପରେ ପାଟକୁରାରେ ନିଜର ପ୍ରସିଦ୍ଧି ଲାଭ ପରେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଗରଦପୁର ବ୍ଲକ ପାଖଡ ପଞ୍ଚାୟତର ସମିତି ସଭ୍ୟ ଓ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ତିକନପୁର ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ପ୍ରଶଂସା ସାଉଁଟିଥିଲେ। ତେବେ ଜଣେ ଦୃଢ଼ ସଂଗଠକ ଭାବେ ପରିଚାଳନା ଦକ୍ଷତା ବୃଦ୍ଧି ପାଇବା ପରେ ବିଜେଡି ବିଧାୟକ ଅରବିନ୍ଦ ମହାପାତ୍ର ନିଲମ୍ବିତ ହେବା ପରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଥିଲା, ସେତେବେଳେ ରାଜେଶ୍ ହିଁ ଦଳୀୟ କର୍ମୀଙ୍କୁ ଭରସା ଦେଇ ଦଳକୁ ମଜବୁତ କରିଥିଲେ। ଏହି ଦକ୍ଷତା ବଳରେ ଦଳର ବିଶ୍ୱାସଭାଜନ ହୋଇ କେନ୍ଦ୍ରାପଡ଼ା ଜିଲ୍ଲାର ଯୁବ ବିଜେଡି ସଭାପତି ଭାବେ ମନୋନୀତ ହୋଇଛନ୍ତି। ରାଜେଶଙ୍କୁ ପୁନର୍ବାର ଦାୟିତ୍ୱ ମିଳିଲା ପରେ ପାଟକୁରା ରାଜନୀତିରେ ଏବେ ହଲଚଲ ସୃଷ୍ଟି ହୋଇଛି। ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ରାଜେଶ ଦାସଙ୍କ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଲୋଚନା ହେଉଛି।

● ପୂର୍ଣ୍ଣ ଅନୁଦାନପ୍ରାପ୍ତ ମଙ୍ଗଳେଶ୍ୱର ବିଦ୍ୟାପୀଠରେ ଶିକ୍ଷକ ମରୁଡ଼ି
ନାହାନ୍ତି ବିଜ୍ଞାନ, କଳା, ହିନ୍ଦୀ, ଖେଳ ଶିକ୍ଷକ

ପଞ୍ଚୁପାଣ୍ଡବ, ୨୬।୮ (ସମିସ): ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମରେ ଥିବା ମଙ୍ଗଳେଶ୍ୱର ବିଦ୍ୟାପୀଠରେ ନବମ ଓ ଦଶମ ଶ୍ରେଣୀରେ ୯୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକଙ୍କୁ ମିଶାଇ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ସାହୁ ବିଦ୍ୟାଳୟର ସମସ୍ତ ପ୍ରକାରର ଦାୟିତ୍ୱ ବହନ କରିବା ସହ ପଢ଼ାଉ ଥିଲେ। ଉକ୍ତ ବିଦ୍ୟାଳୟରେ ବିଜ୍ଞାନ, କଳା, ହିନ୍ଦୀ ଓ ଖେଳ ଶିକ୍ଷକ ନ ଥିବାବେଳେ କ୍ଲର୍କ ଓ ପିଅନ ପଦ ଖାଲିପଡ଼ିଛି। ଫଳରେ ବିଦ୍ୟାଳୟରେ ପାଠପଢ଼ା ବ୍ୟାହତ ହେଉଛି।

୧୯୮୧ରେ ସ୍ଥାପିତ ହୋଇ ଥିବା ଏହି ବିଦ୍ୟାଳୟରେ ୩୦ ଜଣ କର୍ମଚାରୀ କାର୍ଯ୍ୟ ତୁଲାଇଥିଲେ। ଜଣେ ଜଣେ କରି ସମସ୍ତେ ଅବସର ନେବାପରେ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ସାହୁ ଏକୁଟିଆ ରହି ବିଦ୍ୟାଳୟର ଦାୟିତ୍ୱ ତୁଲାଉଛନ୍ତି। ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଛାତ୍ରଛାତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ସୁଦ୍ଧା କାହାର ଦୃଷ୍ଟି ପଡୁନାହିଁ ବୋଲି କମିଟି ସଦସ୍ୟ ଅଭିଯୋଗ କରିଛନ୍ତି। ଶିକ୍ଷକ ଅଭାବରୁ ମଝିରେ ମଝିରେ ଅତିଥି ଶିକ୍ଷକ ଆସି ପଢ଼ାଉଛନ୍ତି। ବିଦ୍ୟାଳୟରେ ଦୁଇଜଣ କଳା ଶିକ୍ଷକ, ଦୁଇଜଣ ହିନ୍ଦୀ ଶିକ୍ଷକ, ଖେଳ ଶିକ୍ଷକ ଆବଶ୍ୟକ ଥିବାବେଳେ କ୍ଲର୍କ ଓ ପିଅନ ବି ନାହାନ୍ତି। ଏହି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଥିବାବେଳେ ସରକାରଙ୍କ ଅବହେଳା ପାଇଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଥିବା ଅଭିଯୋଗ ହେଉଛି। ପ୍ରଧାନଶିକ୍ଷକ ଗୌରାଙ୍ଗ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ଏ ବିଷୟରେ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିବାବେଳେ ଆମର ପୂର୍ବତନ ପରିଚାଳନା କମିଟି ସଭାପତି କୁଳମଣି ପରିଡ଼ା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇନାହିଁ। ଉପରିସ୍ଥ ଅଧିକାରୀ ତଦନ୍ତ କରି ବିଦ୍ୟାଳୟକୁ ଆବଶ୍ୟକ ଶିକ୍ଷକ ଦେବା ପାଇଁ ପୁରାତନ ଛାତ୍ର ଦାବି କରିଛନ୍ତି।

ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷା ବନ୍ଧନ ଉତ୍ସବ

ରାଜନଗର, ୨୬।୮ (ସମିସ): ରାଜନଗରସ୍ଥ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଧ୍ୟାନ କକ୍ଷରେ ମୁଖ୍ୟ ସଞ୍ଚାଳିକା ବି. କେ. ନିର୍ମଳା ଭଉଣୀଙ୍କ ପୌରୋହିତ୍ୟ ଓ ବି.କେ. ଜଗଦୀଶ ଭାଇଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଜଗତସିଂହପୁର ଜିଲ୍ଲାର ମୁଖ୍ୟ ସଞ୍ଚାଳିକା ବି. କେ. ସାଗରିକା ଭଉଣୀ ରକ୍ଷା ବନ୍ଧନ ବୌଦ୍ଧିକ ଭାବଧାରା ଉପରେ ଦୀକ୍ଷାନ୍ତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସତ୍ୟପ୍ରକାଶ ସାହୁ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୀୟ ଦାସ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ରାଉତ, ପ୍ରେସ କ୍ଲବ ସଭାପତି ଭାସ୍କର ରାଉତରାୟ, ବି.କେ. ପ୍ରସନ୍ନ ଭାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବି. କେ. ମାନସ ଭାଇ, ସନ୍ତୋଷ ଭାଇ, ନମିତା ଭଉଣୀ, ଶୋଭା ଭଉଣୀ, ପ୍ରଭାସିନୀ ଭଉଣୀ, ଗୀତା ଭଉଣୀ ପ୍ରମୁଖ ପରିଚାଳନା କରିଥିଲେ। ରାଜନଗର, ପଟ୍ଟାମୁଣ୍ଡାଇ, ଆଳି, କନିକା, କେନ୍ଦ୍ରାପଡ଼ା ଅଞ୍ଚଳରୁ ଭାଇ ଭଉଣୀ ଯୋଗ ଦେଇଥିଲେ।

ଜାତୀୟ ହାତୀ ଦିବସ କୁଇଜ୍ ପ୍ରତିଯୋଗିତାରେ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ଡେରାବିଶ, ୨୬।୮ (ସମିସ): ଜାତୀୟ ହାତୀ ଦିବସ ଅବସରରେ ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନସ୍ଥ ଭୁବନେଶ୍ୱର ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଲିଖିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୁରୁଜଙ୍ଗାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗଦେଇ କୃତିତ୍ୱ ଅର୍ଜନ କରିଛନ୍ତି। ନବମ ଶ୍ରେଣୀ ଛାତ୍ରୀ ଦିବ୍ୟାଶ୍ରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ନବମ ଶ୍ରେଣୀ ଛାତ୍ର ଜଗଦୀଶ ଭୂୟାଁ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପଛରେ ବିଦ୍ୟାଳୟର ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ସୁଭଦ୍ରା ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନ ଉଲ୍ଲେଖନୀୟ। ସେ ଛାତ୍ରଛାତ୍ରୀଙ୍କୁ ହାତୀ ସଂରକ୍ଷଣ, ବନ୍ୟଜନ୍ତୁ ସୁରକ୍ଷା, ଜୈବବିବିଧତା, ଜଙ୍ଗଲ ଓ ପରିବେଶର ସୁରକ୍ଷା ଭଳି ବିଭିନ୍ନ ବିଷୟରେ ନିୟମିତ ଅଭ୍ୟାସ କରାଇବା ସହ କୁଇଜ୍ ପ୍ରତିଯୋଗିତା ପାଇଁ ଆବଶ୍ୟକ ଜ୍ଞାନ ଓ ଆତ୍ମବିଶ୍ୱାସ ବୃଦ୍ଧି କରିଥିବା ଛାତ୍ରୀ ଦିବ୍ୟାଶ୍ରୀ ଓ ଛାତ୍ର ଜଗଦୀଶ କହିଛନ୍ତି। ଉଭୟ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ସ୍ୱାଇଁଙ୍କ ସଭାପତିତ୍ୱ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

● ଯଦୁମଣିଙ୍କ ଗଛ ପ୍ରେମ
ବରୁଣା ସ୍କୁଲ ପରିସରରେ ଲଗାଇଛନ୍ତି ବିଭିନ୍ନ ଗଛ

ରାଜକନିକା, ୨୬।୮ (ସମିସ): ଯୁଆଡ଼େ ଦେଖିବେ ସେଆଡେ ଭଳିକି ଭଳି ଗଛ ଆଉ ଗଛ। ସ୍କୁଲର ପାଚେରି କଡ଼ଠାରୁ ଆରମ୍ଭ ସ୍କୁଲ ପ୍ରାଙ୍ଗଣ ଓ ସମ୍ମୁଖ ସବୁଠି ଛାଇଯାଇଛି ଯଦୁମଣିଙ୍କ ହାତର ଯାଦୁ। ବର, ଅଶ୍ୱଥ, ବରକୋଳି, ଝାଉଁ, ଚନ୍ଦନ, କଦଳୀ, ମାଟି ଆଳୁ, କଖାରୁ, ପୋଇ, ବାଇଗଣ, କାକୁଡି, କଲରାଠାରୁ ଆରମ୍ଭ କରି ପନିପରିବାରେ ଭରି ରହିଛି ସ୍କୁଲ ପରିସର। ଏଭଳି ଏକ ପ୍ରାକୃତିକ ପରିବେଶକୁ ଆପଣାଇ ନିଜର ସ୍ୱତନ୍ତ୍ର ସବୁଜ ପ୍ରତିଷ୍ଠା ଅର୍ଜନ କରି ଗାରିମା ଆପଣେଇଛି ବରୁଣା ନୋଡାଲ ହାଇସ୍କୁଲ। ଏଭଳି ସବୁଜିମା ସମ୍ଭବ ହୋଇଛି ଏହି ସ୍କୁଲର ରାତ୍ର ଜଗୁଆଳି ଥିବା ଯଦୁମଣି ବେହେରାଙ୍କ ହାତର ଯାଦୁରେ। ଚାକିରି ସିନା ରାତି ଜଗୁଆଳି କାମ। କିନ୍ତୁ ସ୍କୁଲର ସଦାବେଳିଆ ପହରାଦାର ପାଲଟି ନିଜ ଜୀବନର ସବୁ କିଛି ସାମର୍ଥ୍ୟକୁ ଅଜାଡି ଦେବାକୁ ମଧ୍ୟ ବଦ୍ଧପରିକର ଯଦୁମଣି ବେହେରା (୫୮)। ଗତ ୪ ବର୍ଷ ହେବ ବିଦ୍ୟାଳୟରେ ୫ଟି ସ୍କିମରେ ରାତ୍ର ଜଗୁଆଳି ଭାବେ ନିଯୁକ୍ତ ହୋଇଛନ୍ତି। ଯଦୁମଣି ଜୀବନର ୨୩ ବର୍ଷ ତାମିଲନାଡୁରେ ଶ୍ରମିକ ଭାବେ ନିୟୋଜିତ ରହି ଗୋଟିଏ ପୁଅ ଓ ଝିଅଙ୍କୁ ପଢ଼ାଇ ମଣିଷ କରିବାକୁ ନିଜର ଶ୍ରମକୁ ଅଜାଡି ଦେଇଥିଲେ। ଏକମାତ୍ର ପୁଅ ଅଭିଷେକ ବେହେରା (୨୨) +୩ ପାଶ କରି ଚାକିରି ଅନ୍ୱେଷଣରେ ଥିବାବେଳେ ଗତ ୩ ବର୍ଷ ହେବ ଅକାଳରେ ମୃତ୍ୟୁବରଣ କରିବା ପରେ ଯଦୁମଣି ନିର୍ବାକ ହୋଇଯାଇଥିଲେ। ପୁଅକୁ ହରାଇ ଜୀବନର ସତ୍ୟକୁ ବେଶ ଭଲ ଭାବରେ ବୁଝିଥିବା ଯଦୁମଣି ଏବେ ଆଉ କାହାରି ପାଇଁ ବ୍ୟସ୍ତ ନ ହୋଇ କେବଳ ପ୍ରକୃତି ଓ ପରିବେଶର ସେବାରେ ନିଜକୁ ଉତ୍ସର୍ଗ କରିବାର ଶପଥ ନେଇଛନ୍ତି। ହାତରେ କୋଦାଳ, ଅଣ୍ଟାରେ ଗାମୁଛା ଗୁଡେଇ ଅହରହ ଗଛ ଲଗାଇବା, ପରିବା ଚାଷ କରିବା, ଫୁଲଗଛ ଲଗାଇବାରେ ମଜ୍ଜି ରହିଛନ୍ତି। ଏମିତି ଜଣେ ନିଆରା ମାଟିମନସ୍କ ଯଦୁମଣି ବେହେରାଙ୍କ ଘର ରାଜକନିକା ବରୁଣା ପଞ୍ଚାୟତର ବରୁଣା ଗାଁରେ। ଘରେ ସ୍ତ୍ରୀ ଓ ଝିଅ ଅଛନ୍ତି। ଝିଅ ସ୍ନାତକ ପାଶ କରି ଏବେ ବିଇଡି କରୁଥିବାବେଳେ ଯଦୁମଣିଙ୍କ ପାଇଁ ଏବେ ପରିବାର ଚିନ୍ତାଠାରୁ ପରିବେଶର ଚିନ୍ତା ଅଧିକ। ଜୀବନର ସବୁ ସ୍ୱପ୍ନକୁ ସବୁଜିମାରେ ପରିବର୍ତ୍ତନ କରିବାକୁ ବଦ୍ଧପରିକର ଯଦୁମଣିଙ୍କ ସବୁଜ ଆହ୍ୱାନ ବାସ୍ତବିକ ପ୍ରେରଣାଦାୟୀ।

ଯବାନଙ୍କ ନିକଟକୁ ପଠାଗଲା ରାକ୍ଷୀ

ରାଜନଗର, ୨୬।୮ (ସମିସ): ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ରକ୍ଷା ବନ୍ଧନ ଅବସରରେ ଦେଶର ବୀର ଯବାନଙ୍କ ପାଇଁ ରାକ୍ଷୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ସୀମାରେ ରହି ଦେଶକୁ ସୁରକ୍ଷା ଦେଉଥିବା ବୀର ଯବାନଙ୍କ ପାଇଁ ରାକ୍ଷୀ ପଠାଇଛନ୍ତି। ସୀମା ସୁରକ୍ଷାରେ ଥିବା ଦେଶର ବୀର ଯବାନ ସବୁ ପର୍ବପର୍ବାଣୀକୁ ତ୍ୟାଗ କରିଥା'ନ୍ତି। ଘରଠୁ ଦୂରରେ ଥିଲେ ବି ଯବାନଙ୍କ ପାଇଁ ଏହି ଶ୍ରଦ୍ଧାର ରାକ୍ଷୀ ବାନ୍ଧି ନିଜ ଭଉଣୀର ଅନୁପସ୍ଥିତକୁ ଭୁଲାଇ ପାରିବେ ବୋଲି ବିଦ୍ୟାର୍ଥୀ ପରିଷଦର ମହିଳା କାର୍ଯ୍ୟକର୍ତ୍ତା କହିଛନ୍ତି। ପ୍ରତ୍ୟେକ ବର୍ଷ ବୀର ଯବାନଙ୍କ ପାଇଁ ଏହି ରାକ୍ଷୀ ପଠାଇଥା'ନ୍ତି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାର୍ଥୀ ପରିଷଦର ଶୁଭଶ୍ରୀ ବାଗ, ସିଦ୍ଧାନ୍ତ ସାହୁ, ସୋନାଲି ନରେନ୍ଦ୍ର, ପ୍ରିୟଙ୍କା ବିଶ୍ୱାଳ, ଲିପିକା ନାୟକ ପ୍ରମୁଖ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଡାକ ଯୋଗେ ସୀମାକୁ ରାକ୍ଷୀ ପଠାଇଛନ୍ତି।

କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ସ୍ମୃତିସଭା

ରାଜନଗର, ୨୬।୮ (ସମିସ): ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରବଣ ପଟ୍ଟନାୟକଙ୍କ ସ୍ମୃତିସଭା ଆୟୋଜିତ ହୋଇଛି। ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରତିଷ୍ଠାତା ସମ୍ପାଦକ ଶତ୍ରୁଘ୍ନ ତରାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ସତ୍ୟବାଦୀ ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଜୟ ଜେନା, ସମାଜସେବୀ କୃପାସିନ୍ଧୁ ସାମଲ, ବାବାଜୀ ଧଳ, କବି ଭବାନୀ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଣବ ପଟ୍ଟନାୟକ ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ ବହୁ ଖ୍ୟାତି ଅର୍ଜନ କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ମଧ୍ୟ ପାଇଛନ୍ତି। ସଙ୍ଗୀତ କ୍ଷେତ୍ରରେ ଡକ୍ଟରେଟ ଉପାଧି ପାଇଥିଲେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ସଚିନ ଦାସ ସଙ୍ଗୀତ 'ମାଝିରେ' ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ରାଉତ, ପୂଜାରାଣୀ ରାଉତ, ଶୁଭଶ୍ରୀ ବେହେରା, ଚିଦାନନ୍ଦ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

ଛୋଟି ମଣ୍ଡଳ ପକ୍ଷରୁ ଅରବିନ୍ଦଙ୍କ କୁଶପୁତ୍ତଳିକା ଦାହ

ପଞ୍ଚୁପାଣ୍ଡବ, ୨୬।୮ (ସମିସ): ପାଟକୁରା ନିର୍ବାଚନମଣ୍ଡଳୀ ୧୩ ନମ୍ବର ଜୋନ୍ ଛୋଟି ମଣ୍ଡଳ ବିଜେପି ପକ୍ଷରୁ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିରୋଧରେ ତୀବ୍ର ପ୍ରତିବାଦ କରାଯାଇଛି। ଡେରାବିଶ ବ୍ଲକ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ବିଜେପି କର୍ମୀଙ୍କ ପ୍ରତି ଅରବିନ୍ଦ ମହାପାତ୍ରଙ୍କ ଅଶାଳୀନ ମନ୍ତବ୍ୟକୁ ନେଇ ଡେରାବିଶ ବ୍ଲକରେ ବିଜେପି କର୍ମୀଙ୍କ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ଠାକୁରହାଟଠାରୁ ଡେରାବିଶ ବ୍ଲକ ପର୍ଯ୍ୟନ୍ତ ବିଜେପି କର୍ମୀଙ୍କ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ପରେ ଡେରାବିଶ ବ୍ଲକ ନିକଟରେ ଅରବିନ୍ଦ ମହାପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇ ତାଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରାଯାଇଥିଲା। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକର ବିଜେପି କର୍ମୀ ମଞ୍ଜୁଲତା ମଲିକ, ମାନିନୀ ଷଡଙ୍ଗୀ, ପ୍ରିୟରଞ୍ଜନ କର, ପ୍ରେମ ମହାନ୍ତି, ରଘୁନାଥ ଜେନା, ଶ୍ରୀନିବାସ ମିଶ୍ର, ଅଜୟ ପ୍ରଧାନ, ହେମନ୍ତ ଦାସ, ଜୟନ୍ତ ମଲ୍ଲିକ, ଧୀରେନ ଶତପଥୀ, ବିଦ୍ୟୁତ ଭୂଷଣ ମହାନ୍ତି, ଅଜୟ କୁମାର ମଲ୍ଲ, ସୁରେଶ ପଟ୍ଟନାୟକ, ସଞ୍ଜୟ ତ୍ରିପାଠୀ ଓ ସୁଚିତ୍ରା ସାହୁଙ୍କ ସମେତ ବହୁ ବିଜେପି କର୍ମୀ ସାମିଲ ଥିଲେ। ଏ ବିଷୟରେ ବିଧାୟକଙ୍କ ସମର୍ଥିତ ନେତା ଓ କର୍ମୀଙ୍କ କହିବା କଥା ଉମାକାନ୍ତଙ୍କ ସମର୍ଥିତ ଔଷଧ ବିକଳରେ ଟାଟିଆ କାମୁଡୁଥିବା କହିଛନ୍ତି।

ରାଜନଗରକୁ ଉପକୂଳ ରାଜପଥ ସଂଯୋଗ ପାଇଁ ସାଂସଦଙ୍କୁ ଦାବିପତ୍ର

ରାଜନଗର, ୨୬।୮ (ସମିସ): ରାଜନଗରକୁ ଜାତୀୟ ରାଜପଥ ପ୍ରକଳ୍ପରୁ ବାଦ୍ ଦିଆଯାଉଥିବାରୁ ବିଭିନ୍ନ ମହଲରେ ପ୍ରତିବାଦର ସ୍ୱର ଉଠୁଛି। ଏଥିପାଇଁ ରାଜନଗର ବ୍ଲକ 'ସାଗରବେଳା' ମହୋତ୍ସବ ସାଂସ୍କୃତିକ ପରିଷଦ ସାମ୍ବାଦିକ ସମ୍ମିଳନୀ କରିବା ସହ ରାଜନଗରରେ ଦଳମତ ନିର୍ବିଶେଷରେ ସବୁ ବର୍ଗର ଲୋକଙ୍କୁ ନେଇ ଏକ ପ୍ରତିବାଦ ସଭା କରି ଏ ଦିଗରେ ରାଜନଗରବାସୀଙ୍କ ସ୍ୱରକୁ ଶାଣିତ କରିଛନ୍ତି। ରାଜନଗର ଉକ୍ତ ପ୍ରକଳ୍ପରୁ ବାଦ୍ ପଡ଼ିଲେ ଏ ଅଞ୍ଚଳର ସାମାଜିକ ସୁରକ୍ଷା ଓ ଦୀର୍ଘମିଆଦି ବିକାଶ ପ୍ରଭାବିତ ହେବା ସହ ପ୍ରକଳ୍ପର ବିକାଶମୂଳକ ସୁଫଳ ସାଧାରଣ ରାଜନଗରବାସୀଙ୍କ ପାଖରେ ପହଞ୍ଚିପାରିବନାହିଁ। ଓଡ଼ିଶା ସରକାର ନିକଟରେ କରିବାକୁ ଯାଉଥିବା 'ଡିପ ସି ଫିସିଂ ମିଶନ'ର ସୁଫଳ ହୁଏତ ଏ ଅଞ୍ଚଳର ମତ୍ସ୍ୟଜୀବୀ ପାଇବାରୁ ବଞ୍ଚିତ ହେବେ। ପରିବେଶ ସୁରକ୍ଷା ଦୃଷ୍ଟିକୋଣରୁ ସ୍ଥାୟୀ ଓ ଗ୍ରହଣୀୟ ବିକଳ୍ପ ମାର୍ଗ ଥିବା ସ୍ଥଳେ ରାଜନଗରକୁ ଉକ୍ତ ପ୍ରକଳ୍ପରୁ ବାଦ ଦେବା ଏକ ଦୁର୍ଭାଗ୍ୟଜନକ ବିଷୟ। ଏଭଳି ଏକ ସମ୍ବେଦନଶୀଳ ବିଷୟରେ ହସ୍ତକ୍ଷେପ କରିବା ପାଇଁ ସାଗରବେଳା ସାଂସ୍କୃତିକ ପରିଷଦ ପକ୍ଷରୁ ମହାସଚିବ ପ୍ରଫେସର ସତ୍ୟବାଦୀ ଜେନା, ଉପସଭାପତି ଅଧ୍ୟାପିକ ଭଗବତୀ ରାଉତ, ମେଜର ଗଗନବିହାରୀ ସ୍ୱାଇଁ, ସଂସ୍କୃତି ସଚିବ କ୍ଷୀରୋଦ ସ୍ୱାଇଁ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଭେଟି ଏକ ଦାବିପତ୍ର ଦେବା ସହ ଏପରି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେବାକୁ ରାଜନଗରବାସୀଙ୍କ ପକ୍ଷରୁ ଅନୁରୋଧ କରିଥିଲେ। ଉକ୍ତ ପ୍ରସଙ୍ଗକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ସାଂସଦ ଶ୍ରୀ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି।

ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବଦଳି ନିୟମକୁ ଅଣଦେଖା
ବର୍ଷ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି କର୍ମଚାରୀ, ହେଉନି ବଦଳି

କେନ୍ଦ୍ରାପଡ଼ା, ୨୬।୮ (ସମିସ)

ସରକାରୀ କାର୍ଯ୍ୟାଳୟରେ ସ୍ୱଚ୍ଛତା, ପାରଦର୍ଶିତା ଓ ପ୍ରଶାସନିକ ଶୃଙ୍ଖଳା ପାଇଁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କର୍ମଚାରୀଙ୍କ ବଦଳି ବ୍ୟବସ୍ଥା ରହିଛି। କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଚିତ୍ର ଏହି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ଜଣେ କିମ୍ବା ଦୁଇଜଣ ନୁହେଁ, ଏକାଧିକ କର୍ମଚାରୀ ବର୍ଷ ବର୍ଷ ଧରି ସମାନ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ତଥ୍ୟ ସାମ୍ନାକୁ ଆସିଛି। କେହି ୧୫ ବର୍ଷ, କେହି ୧୬ ବର୍ଷ, ଆଉ କେହି ୧୦ରୁ ୧୩ ବର୍ଷ ଧରି ସମାନ ସ୍ଥାନରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏପରିକି ଜଣେ ବରିଷ୍ଠ ଷ୍ଟେନୋ ୧୯୯୫ରୁ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଏହି କାର୍ଯ୍ୟାଳୟରେ କାମ କରି ଅବସର ନେଇଥିବା ତଥ୍ୟ ମଧ୍ୟ ଚର୍ଚ୍ଚାକୁ ଆସିଛି।

ଉପଲବ୍ଧ ତଥ୍ୟ ଅନୁଯାୟୀ, କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରିୟଦର୍ଶନ ସ୍ୱାଇଁ ୨୦୧୯ରୁ, ପ୍ରୋଗ୍ରାମ ମ୍ୟାନେଜର ଅବଦୁଲ ରହେମାନ ଖାନ୍ ୨୦୧୧ରୁ, ଜ୍ୟୋତିପ୍ରକାଶ ଦାଶ ୨୦୧୦ରୁ, ପୁଷ୍ପଲତା ରାଉଳ ୨୦୧୩ରୁ ଓ ମନମୋହିନୀ ମହାନ୍ତି ୨୦୧୪ରୁ ଏଠାରେ କାର୍ଯ୍ୟରତ ଅଛନ୍ତି। ସେହିପରି ମନୀଷା ଗୁପ୍ତା ୨୦୧୬ରୁ, ସୁକନ୍ୟା ଦିବ୍ୟଜ୍ୟୋତି ସ୍ୱାଇଁ ୨୦୨୦ରୁ, କନିଷ୍ଠ କିରାଣୀ ପ୍ରମିଳା ମିଶ୍ର ୨୦୧୭ରୁ ଓ ଜୁନିୟର ଷ୍ଟେନୋ ମନୋଜ ପରିଡ଼ା ୨୦୧୬ରୁ ସମାନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କୁହାଯାଉଛି। ଏନ୍‌ଆରଇଜିଏସ୍ ଆସିଷ୍ଟାଣ୍ଟ କୃଷ୍ଣଚନ୍ଦ୍ର ନାୟକ ୨୦୧୧ରୁ ଓ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ ବିଶ୍ୱରଞ୍ଜନ ସ୍ୱାଇଁ ୨୦୧୮ରୁ ଏଠାରେ କାର୍ଯ୍ୟରତ ଥିବା ତଥ୍ୟ ରହିଛି। ଠିକା କର୍ମଚାରୀ, ତେଣୁ ବଦଳି ନ ଥିବା ପ୍ରଶାସନର ଯୁକ୍ତି: ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଗଣମାଧ୍ୟମକୁ କହିବାନୁଯାୟୀ, ପ୍ରୋଗ୍ରାମ ମ୍ୟାନେଜରଙ୍କୁ ସରକାର ଠିକା ଭିତ୍ତିରେ ନିଯୁକ୍ତି ଦେଇଛନ୍ତି। ସେମାନଙ୍କ ବଦଳି ସମ୍ପର୍କରେ ସରକାର ନିଷ୍ପତ୍ତି ନେବେ। ସେହିପରି ସର୍ଭିସ୍ ପ୍ରୋଭାଇଡର ସଂସ୍ଥା ଜରିଆରେ ନିଯୁକ୍ତ କର୍ମଚାରୀଙ୍କ ବଦଳି ନିଷ୍ପତ୍ତି ସମ୍ପୃକ୍ତ ସଂସ୍ଥା ନେବ ବୋଲି ସେ କହିଛନ୍ତି। ଅନ୍ୟ କିଛି କର୍ମଚାରୀ ସିଧାସଳଖ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ନିଯୁକ୍ତ ହୋଇଥିବା ଓ ଜିଲ୍ଲା ପରିଷଦର ଅନ୍ୟକୌଣସି ଶାଖା କାର୍ଯ୍ୟାଳୟ ନ ଥିବାରୁ ସେମାନଙ୍କୁ ଅନ୍ୟତ୍ର ବଦଳି କରିବାର ବ୍ୟବସ୍ଥା ନ ଥିବା ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ତେବେ ୩ ବର୍ଷର ନିୟମ କାହା ପାଇଁ? ଏଠାରେ ହିଁ ଉଠୁଛି ବଡ଼ ପ୍ରଶ୍ନ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ବ୍ୟବସ୍ଥାର ସୁପରିଚାଳନା ଓ ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ରହିଥିବା କର୍ମଚାରୀଙ୍କ ବଦଳି ବ୍ୟବସ୍ଥା ନେଇ ନିର୍ଦ୍ଦେଶ ରହିଥିବା କୁହାଯାଉଛି। ତେବେ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ୮, ୧୦, ୧୩, ୧୫ କିମ୍ବା ୧୬ ବର୍ଷ ଧରି ସମାନ ସ୍ଥାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କ୍ଷେତ୍ରରେ ଏହି ନିୟମ କେତେଦୂର ପ୍ରୟୋଗ ହୋଇଛି? ଯଦି ବଦଳି ସମ୍ଭବ ନୁହେଁ, ତେବେ ଏତେ ଦୀର୍ଘ ସମୟ ଧରି ସମାନ ସ୍ଥାନରେ କାର୍ଯ୍ୟ କରିବାର ପ୍ରଶାସନିକ ଆଧାର କ'ଣ? ଆଉ ଯଦି ନିୟମ ଲାଗୁ ହେବାର ବ୍ୟବସ୍ଥା ରହିଛି, ତେବେ ତାହା କାହିଁକି ଲାଗୁ ହୋଇନାହିଁ? ଗାଦିମଡ଼ା ନା ପ୍ରଶାସନିକ ଆବଶ୍ୟକତା ? ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘବର୍ଷ ଧରି ଏକାଧିକ କର୍ମଚାରୀଙ୍କ ରହିବା କେବଳ ବଦଳି ନୀତିର ପ୍ରଶ୍ନ ନୁହେଁ; ଏହା ପ୍ରଶାସନିକ ପାରଦର୍ଶିତା ଓ କାର୍ଯ୍ୟାଳୟର ଜବାବ ଦେହିତା ସହିତ ମଧ୍ୟ ଜଡ଼ିତ। ଏକ ସ୍ଥାନରେ ଦୀର୍ଘ ସମୟ ରହିଲେ ଅଭିଜ୍ଞତା ବଢ଼େ ଏହା ଠିକ୍। କିନ୍ତୁ ତା'ସହିତ ଦୀର୍ଘ ସମୟରେ ଗଢ଼ି ଉଠୁଥିବା ଦପ୍ତରୀୟ ପ୍ରଭାବ, ନିର୍ଦ୍ଦିଷ୍ଟ ବ୍ୟବସ୍ଥା ସହିତ ଅତ୍ୟଧିକ ନିକଟତା ଓ ଜବାବ ଦେହିତାର ଅଭାବ ଭଳି ପ୍ରଶ୍ନ ମଧ୍ୟ ସାଧାରଣ ଭାବେ ଉଠିଥାଏ। ଜିଲ୍ଲା ପରିଷଦ ଭଳି ଗୁରୁତ୍ୱପୂର୍ଣ୍ଣ ଦପ୍ତରରେ ବର୍ଷ ବର୍ଷ ଧରି ସମାନ ସ୍ଥାନରେ ରହୁଥିବା କର୍ମଚାରୀଙ୍କ ସେବାକାଳ, ନିଯୁକ୍ତିର ପ୍ରକାର, ବଦଳି ସମ୍ପର୍କିତ ନିୟମ ଓ ପୂର୍ବରୁ ହୋଇଥିବା ବଦଳି ଆଦେଶର ସ୍ଥିତି ନେଇ ଏକ ସ୍ୱଚ୍ଛ ସମୀକ୍ଷାର ଆବଶ୍ୟକତା ରହିଛି। ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ 'ଗାଦି ମାଡ଼ି' ବସିଥିବା କର୍ମଚାରୀଙ୍କ କ୍ଷେତ୍ରରେ ବଦଳି ନୀତି କେବେ କାର୍ଯ୍ୟକାରୀ ହେବ? ନା ନିୟମ ଫାଇଲ୍‌ରେ ରହିବ ଓ କର୍ମଚାରୀ ସେହି ଚୌକି ରହିବେ, ଏ ନେଇ ପ୍ରଶ୍ନ ଉଠିଛି।

୬୦ ଗ୍ରାମ ହେରୋଇନ, ୨ କେଜି ଗଞ୍ଜେଇ ଜବତ; ୨ ଗିରଫ

ଜଗତସିଂହପୁର/ପାରାଦୀପ,୨୫।୮ (ସମିସ):

ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ ଚାଲିଥିବା ବେଳେ ମଙ୍ଗଳବାର ପାରାଦୀପ ଏବଂ ବିରିଡି ଥାନା ଅଞ୍ଚଳରେ ଚଢ଼ଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ବିରିରି ଥାନା ଅନ୍ତର୍ଗତ ସରେଇକଣା ଗ୍ରାମରେ ଦୀର୍ଘ ଦିନ ହେବ ବ୍ରାଉନସୁଗର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର କ୍ଷିତିଶ ଦାସଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ଓ ସବ୍‌ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ ଙ୍କ ସହଯୋଗରେ ଏକ ଟିମ ଚଢ଼ଉ କରିଥିଲେ। ଅଭିଯୁକ୍ତ ମହିଳା ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କୁ ସରେଇକଣା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ନିକଟରୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୬୦ ଗ୍ରାମର ବେଆଇନ ହେରୋଇନ ଏବଂ ହେରୋଇନ ବ୍ୟବସାୟ ସହ ଜଡିତ ନଗଦ ୧୦ ହଜାର ଟଙ୍କା ଜବତ କରାଯାଇଥିଲା। ଜବତ ହେରୋଇନର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବାର ପ୍ରକାଶ କରିଛନ୍ତି ଜଗତସିଂହପୁର ରେଞ୍ଜ ଇନ୍ସପେକ୍ଟର କ୍ଷିତିଶ ଦାସ। ଅଭିଯୁକ୍ତଙ୍କୁ ଜଗତସିଂହପୁର ଅବକାରୀ ରେଞ୍ଜ କେସ୍ ନଂ ୩୮/୨୦୨୬-୨୭ରେ ଗିରଫ କରାଯାଇ ଜିଲ୍ଲା ଦୌରାଜଜଙ୍କ ଅଦାଲତକୁ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାକ୍ରମେ ପାରାଦୀପ ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଓ ପାରାଦୀପ ଅବକାରୀ ଥାନା ସବ୍‌ଇନ୍ସପେକ୍ଟର ଧର୍ମପଦ ଦାସଙ୍କ ସହଯୋଗରେ ଏକ ଟିମ୍ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପଗଡ଼ରେ ଚଢ଼ଉ କରି ୨କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ବେପାରରେ ଜଡ଼ିତ ଥିବା ପାରାଦୀପଗଡର ସ୍ୱର୍ଗତ ଇନ୍ଦ୍ରମଣି ମଲ୍ଲିକଙ୍କ ପୁଅ ଲୋକନାଥ ମଲ୍ଲିକ(୩୧)ଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୨ ହଜାର ଟଙ୍କା ହେବ। ଗିରଫ ଅଭିଯୁକ୍ତଙ୍କୁ ପାରାଦୀପ ଅବକାରୀ ରେଞ୍ଜ କେସ୍ ନଂ ୩୪/୨୦୨୬-୨୭ରେ ସଂଯୁକ୍ତ କରାଯାଇ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ଅଦାଲତକୁ ଚାଲଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଆଜିର ଏହି ଚଢ଼ଉରେ ଜଗତସିଂହପୁର ଅବକାରୀ ରେଞ୍ଜର କନଷ୍ଟେବଲ ଅନୁରାଗ ସୂର୍ଯ୍ୟବଂଶୀ, ସବିତା ନାୟକ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କନଷ୍ଟେବଲ ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ, ଶୁଭଶ୍ରୀ ବିଶ୍ୱାଳ, ପାରାଦୀପ ଅବକାରୀ ରେଞ୍ଜର ଏଏସ୍ଆଇ ଗୟାଧର ସେଠୀ, କନଷ୍ଟେବଲ ଜୟଦେବ ପାତ୍ର, ସନ୍ତୋଷୀ ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ। ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢ଼ଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

ଗଞ୍ଜେଇ ଜବତ, ମହିଳା ଗିରଫ

ପାରାଦୀପ,୨୫।୮ (ସମିସ): ପାରାଦୀପ ଜଟାଧାରୀ ମୁହାଣ ମେରାଇନ ଥାନା ଜଣେ ମହିଳା ଗଞ୍ଜେଇ ବେପାରିକୁ ଆଜି ଗିରଫ କରି କୋର୍ଟଚାଲାଣ କରିଛି। ପାରାଦୀପ ସମୁଦ୍ର କୂଳ ମେରାଇନ ଡ୍ରାଇଭ ରୋଡ୍‌ର ଆକ୍ୱାରିୟମ ସମ୍ମୁଖରେ ଏହି ମହିଳା ଜଣକ ଗଞ୍ଜେଇ ବିକ୍ରି କରୁଥିବା ନେଇ ସୂଚନା ପାଇବା ପରେ ପୁଲିସ ଟିମ ସେହି ମହିଳାଙ୍କୁ କାବୁ କରିବାରେ ସଫଳ ହୋଇ ଥିଲେ। ସେହି ମହିଳା ହେଲେ ବାସନ୍ତୀ ଦାସ (୫୮)। ତାର ଘର ଜଗତସିଂହପୁର ଜିଲ୍ଲାର ଏରସମା ଅଞ୍ଚଳରେ ହୋଇଥିବା ବେଳେ ସେ ଅଠରବାଙ୍କୀ ଲକ୍‌ପଡ଼ା ୨ ନମ୍ବର ୱାର୍ଡରେ ରହୁଥିଲେ। ବିଶ୍ୱସ୍ତ ସୂଚନା ଆଧାରରେ ଏବଂ ଜଗତସିଂପୁର ପୁଲିସ ଅଧିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ, ପାରାଦୀପର ଅତିରିକ୍ତ ଏସ୍‌ପି ଅଜିଙ୍କ୍ୟ ବାବୁରାଓ ମାଣେ, ଜେଏମଏମ ପିଏସର ଆଇଆଇସି କଲ୍ୟାଣମୟୀ ଷେଣ୍ଡ, ପାରାଦୀପ ମଡେଲ ଥାନା ପିଏସ୍‌ର ଅତିରିକ୍ତ ଆଇଆଇସି ସନ୍ତୋଷ କୁମାର ବଳ ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଏଥିରେ ସାମିଲ ହୋଇଥିଲେ। ଅଭିଯୁକ୍ତ ବାସନ୍ତୀ ଦାସ ଠାରୁ ୧.୧୪୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଜବତ ଚୋରା ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଦଶ ହଜାର ଟଙ୍କା ହେବ।

● ଜଳ ନିଷ୍କାସନ ପଥ ଅବରୋଧ

ଜଳବନ୍ଦୀରେ ଭୁତମୁଣ୍ଡାଇ ଗାଁ

ପାରାଦୀପ,୨୫।୮ (ସମିସ): ଭୁତମୁଣ୍ଡାଇ ଗ୍ରାମପଞ୍ଚାୟତ ଅଧୀନ ଭୁତମୁଣ୍ଡାଇ ପୋଷ୍ଟ ଅଫିସ ପାଖରେ ମଝି ରାସ୍ତାରେ ଅଣ୍ଠାଏ ପାଣି। ଲଗାଣ ବର୍ଷା ସାଙ୍ଗକୁ ଜଳ ନିଷ୍କାସନ ବାଟ ବନ୍ଦ ହୋଇ ପଡ଼ିଥିବାରୁ ପାଣି ଗାଁ ଭିତରେ ଲହଡ଼ି ମାରୁଛି। ଏନେଇ ଗାଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଏବେ ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଯଦି ଏଭଳି ପୁଣି ଲଗାଣ ବର୍ଷା ଏଭଳି ହେବ ତେବେ ଗ୍ରାମବାସୀଙ୍କ ଅବସ୍ଥା ମୁସ୍କିଲ ହୋଇ ପଡିବ ବୋଲି ଗ୍ରାମବାସୀ ଅନୁମାନ କରୁଛନ୍ତି। ତେବେ ବେଳ ଥାଉ ସାବଧାନ ହେବାକୁ ହେଲେ ପ୍ରଶାସନ ନଜରରେ ଏହି ସମସ୍ୟା ରହିବାର ଆବଶ୍ୟକତା ଅଛି। ବିଶେଷକରି ଭୁତମୁଣ୍ଡାଇ ଗ୍ରାମର ବାସିନ୍ଦା ଜଳବନ୍ଦୀରେ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହି ବାଟ ଦେଇ ଗାଁ ପିଲାମାନେ ହାଇସ୍କୁଲ ଓ ଶିଶୁ ମନ୍ଦିରକୁ ଯାତାୟାତ କରନ୍ତି। ପିଲାମାନେ ସ୍କୁଲକୁ ଯିବା ଏହି ବାଟ ପାଣିରେ ବୁଡି ରହିଥିବାରୁ ବହୁ ଛୋଟ ଛୋଟ ପିଲାମାନଙ୍କ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ଛାଡିବାକୁ ରାଜି ହେଉ ନାହାନ୍ତି। ଏହି ସ୍ଥାନରୁ ପାଣି ନିଷ୍କାସନ ପାଇଁ କୌଣସି ବାଟ ନଥିବାରୁ ଏହା ସମ୍ପୂର୍ଣ୍ଣ ବୁଡି ରହିଛି। ଏଠାରୁ ପାଣିକୁ କୌଣସି ବାଟରେ ନିଷ୍କାସନ କରାଯାଇ ପାରିଲେ ଗ୍ରାମର ଲୋକେ ସୁରୁଖୁରୁରେ ଯାତାୟାତ କରି ପାରିବେ। ନଚେତ ସେହି ସ୍ଥାନରୁ ପିଇବା ପାଣି ସଂଗ୍ରହ କରି ବ୍ୟବହାର କଲେ ଡାଇରିଆ ଭଳି ମାରାତ୍ମକ ରୋଗରେ ପୀଡ଼ିତ ହେବେ। ସ୍ଥାନୀୟ ଜନ ପ୍ରତିନିଧି ସମସ୍ୟାର କୌଣସି ସମାଧାନ କରୁ ନଥିବା ପଡା ବାସୀ ଅଭିଯୋଗ କରିଛନ୍ତି। ତେବେ ତୁରନ୍ତ ଏହି ସମସ୍ୟା ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ନଚେତ ରାଜରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି।

କପିଳାସରେ ଜଳାଭିଷେକ କଲେ ପଞ୍ଚଲିଙ୍ଗେଶ୍ୱର କାଉଡ଼ିଆ ସଂଘ

ବିରିଡ଼ି,୨୫।୮ (ସମିସ): ବିରିଡ଼ି ବ୍ଲକ ଅନ୍ତର୍ଗତ ଅଲାଣ୍ଡୋ ଶ୍ରୀଶ୍ରୀ ପଞ୍ଚଲିଙ୍ଗେଶ୍ୱର କାଉଡ଼ିଆ ସଂଘ ପକ୍ଷରୁ ପବିତ୍ର ଶ୍ରାବଣ ଶେଷ ସୋମବାର ପ୍ରସିଦ୍ଧ ଶୈବ ପୀଠ କପିଳାସରେ ଚନ୍ଦ୍ରଶେଖର ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ଜଳାଭିଷେକ ନିମନ୍ତେ ଶନିବାର କାଉଡ଼ିଆ ସଂଘର ସଦସ୍ୟ ମାନେ କପିଳାସ ପୀଠ ଅଭିମୁଖେ କାଉଡି ଯାତ୍ରା କରିଥିଲେ। ସାମ୍ବାଦିକ ବିଜୟ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାଉଡ଼ି ଯାତ୍ରାରେ କ୍ଷୀରୋଦ ନାୟକ, ପୂର୍ଣ୍ଣ ଚନ୍ଦ୍ର ବାରିକ୍, ପ୍ରଦୀପ୍ତ କୁମାର ଜେନା, କାର୍ତ୍ତିକ ଚରଣ ଦାସ, ସଞ୍ଜୟ କୁମାର ଭୋଇ, ବଟକୃଷ୍ଣ ଭୋଇ, ବାବୁଲି ଭୋଇ, କାଳନ୍ଦୀ ଭୋଇ ପ୍ରମୁଖ ସାମିଲ ହୋଇଛନ୍ତି। ଶନିବାର ସନ୍ଧ୍ୟା ୬ ଟାରେ ବାବା ଧବଳେଶ୍ୱରଙ୍କ ପୀଠ ନିକଟ ମହାନଦୀରୁ ଜଳ ସଂକଳ୍ପ କରି ମହାପ୍ରଭୁ ଧବଳେଶ୍ୱରଙ୍କ ଦର୍ଶନ କରି କପିଳାସ ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା ବେଳେ ସୋମବାର ସକାଳୁ ବାବା ଚନ୍ଦ୍ରଶେଖର ମହାଦେବଙ୍କୁ ଜଳାଭିଷେକ କରିଛନ୍ତି।

ନିଶାମୁକ୍ତ ସଚେତନତା ଶିବିର

ବାଲିକୁଦା,୨୫।୮ (ସମିସ): ବାଲିକୁଦା କଲେଜ ପରିସରରେ ନିଶାମୁକ୍ତ ସଚେତନତା ଶିବିର କଲେଜ ଅଧକ୍ଷ କ୍ଷୀରୋଦ ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମିହିର କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅଧାପକ ସୁରେଶ ଦାସ ଓ ପ୍ରୋଗ୍ରାମ ଅଫିସର ଅଧାପକ ମିହିର ରଞ୍ଜନ ଚୌଧୁରୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ନିଶା ସେବନ ଦ୍ୱାରା ଶରୀର, ମନ ଓ ସାମାଜିକ ଜୀବନ ଉପରେ ପଡୁଥିବା ବିଭିନ୍ନ କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ନିଶାଠାରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ନିଶାମୁକ୍ତ ଜୀବନ ପାଇଁ ପ୍ରେରିତ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ପରେ ଛାତ୍ରଛାତ୍ରୀ ନିଶା ସେବନ ନକରିବା ଏବଂ ନିଶାମୁକ୍ତ ସମାଜ ଗଠନରେ ସହଯୋଗ କରିବା ପାଇଁ ଶପଥ ନେଇଥିଲେ। ପ୍ରତ୍ୟେକ ଦିନ ସଚେତନତାମୂଳକ ସ୍ଲୋଗାନ, ଦେଶାତ୍ମବୋଧକ ସଙ୍ଗୀତ ଓ ଯୋଗ ମାଧ୍ୟମରେ ନିଶାଠାରୁ ଦୂରେଇ ରହିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

ନିସ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ରକ୍ଷାବନ୍ଧନ ଉତ୍ସବ

ଜଗତସିଂହପୁର,୨୫।୮ (ସମିସ): ନିସ ଇଣ୍ଟରନ୍ୟାସନାଲ ସ୍କୁଲ, ଜଗତସିଂହପୁର ପରିସରରେ ଭାଇ-ଭଉଣୀର ପବିତ୍ର ସମ୍ପର୍କର ପ୍ରତୀକ ରକ୍ଷାବନ୍ଧନ ଉତ୍ସବ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଯାଇଛି। ଏହି ଅବସରରେ ନିସ ପ୍ରତିଷ୍ଠାତା ଡ. ସୁଭାଷ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ସମ୍ପାଦକ ରାଜେନ୍ଦ୍ର କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏକ ସଚେତନତାମୂଳକ ସଭା ବିଦ୍ୟାଳୟର ଅଧକ୍ଷ ସୁଭାଷ ଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସ୍ନିଗ୍ଧାମୟୀ ମହାନ୍ତି, ଏସ୍ଡିପିଓ ଦିବ୍ୟ ରଞ୍ଜନ ନାଥ, ବରିଷ୍ଠ ଆଇନଜୀବୀ ଶାରଦା ପ୍ରସାଦ ଦାସ, ଉତ୍କଳ ସେବା ନିବୃତ୍ତ ସେନାନୀ ସଙ୍ଘର ସଭାପତି ସୋମନାଥ ମହାରଣା, ଏବଂ ଉପଦେଷ୍ଟା ବନମାଳୀ ବେହେରା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବକ୍ତାମାନେ ରକ୍ଷାବନ୍ଧନର ମହତ୍ତ୍ୱ ବ୍ୟାଖ୍ୟା କରିବା ସହିତ ଶିଶୁମାନଙ୍କ ସୁରକ୍ଷା, ଅଧିକାର ଓ ଏକ ସୁସ୍ଥ ଜୀବନ ଗଠନରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିସହ ପିତାମାତା, ଜେଜେବାପା-ଜେଜେମା, ବଡ଼ ଭାଇ-ଭଉଣୀ, ଅଗ୍ନିଶମ ବାହିନୀ, ସ୍ୱଚ୍ଛତା କର୍ମଚାରୀ, କୃଷକ, ସାମାଜିକ ସଂଗଠନ ଓ ଶିଶୁ କଲ୍ୟାଣ କର୍ମୀମାନେ ମଧ୍ୟ ଶିଶୁମାନଙ୍କ ସୁରକ୍ଷିତ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା କୁହାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ସୌଦାମିନୀ ସାହୁ। କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ ଶିକ୍ଷକ ସୌରଭ କୁମାର ସ୍ୱାଇଁ। ଶେଷରେ ବିଦ୍ୟାଳୟ ପରିସରରେ ଏକ ଆମ୍ବ ଗଛରେ ଅତିଥି ମାନେ ରାକ୍ଷୀ ବାନ୍ଧି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଫରିନ ତବସୁମ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

ସିସିବି ପୂର୍ବତନ ସମ୍ପାଦକଙ୍କ ପରଲୋକ

ବାଲିକୁଦା,୨୫।୮ (ସମିସ): ବାଲିକୁଦା ବ୍ଲକର ବୋରିକିନା ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସମ୍ପାଦକ ସଦାଶିବ ଷଡ଼ଙ୍ଗୀଙ୍କ ଅକାଳ ବିୟୋଗ ଘଟି ଯାଇଛି। ସେ କଟକ ସମବାୟ ବ୍ୟାଙ୍କର ସମ୍ପାଦକ ଥିବା ସମୟରେ ସମବାୟ ବିଭାଗର ଅନେକ ଉନ୍ନତି ମୂଳକ କାର୍ଯ୍ୟ କରି ସାରା ଜିଲାରେ ବେଶେ ଲୋକପ୍ରିୟ ହୋଇପାରିଥିଲେ. ଶ୍ରୀଷଡ଼ଙ୍ଗୀଙ୍କ ବିୟୋଗରେ ଜଗତସିଂହପୁର ଜିଲ୍ଲା ସମବାୟ ପ୍ରେମୀ ବୋରିକିନା ଓ ବାଲିକୁଦା ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି. ବୋରିକିନା ଗ୍ରାମ୍ୟ ସ୍ମଶାନ ରେ ଅଞ୍ଚଳର ବହୁ ବ୍ୟକ୍ତିମାନଙ୍କ ଉପସ୍ଥିତ ରହି ଅନ୍ତିମ ସଂସ୍କାର କରାଯାଇଥିଲା। ବଡ ପୁଅ ସତ୍ୟ ପ୍ରସାଦ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ସଦାଶିବ ଷଡ଼ଙ୍ଗୀଙ୍କ ବିୟୋଗରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ଆଇନଜୀବି ଡ. ବିରନାରାୟଣ ପାତ୍ର, ବିଧାୟକ ସାରଦା ପ୍ରସନ ଜେନା, କୃଷ୍ଣଚନ୍ଦ୍ର ବରାଳ, ଭୀମସେନ ମୁଦୁଲି, ଜିଲ୍ଲା ପରିଷଦ ସଦସ୍ୟା ରୁନିଲତା ବେହେରା, ପୂର୍ବତନ ସରପଞ୍ଚ ସାଧୁ ଚରଣ ସାହୁଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏମ୍ଏମ୍‌ଡିଆର୍ ବିଲ୍ କୁ ବିରୋଧ

ସର୍ବଦଳୀୟ ଶୋଭାଯାତ୍ରା ଓ ବିକ୍ଷୋଭ

ଜଗତସିଂହପୁର,୨୫।୮ (ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ବିବାଦୀୟ ସଂଶୋଧିତ ଏମଏମଡିଆର -୨୦୨୬ ବିଲ୍‌କୁ ବିରୋଧ କରି ଇଣ୍ଡି ମେଣ୍ଟର ଅଂଶୀଦାର ଦଳଗୁଡ଼ିକୁ ନେଇ ସର୍ବଦଳୀୟ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜଗତସିଂହପୁର ସହରର ଟାଉନ ହଲ ଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା ପରେ ସେଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସର୍ବଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପିର ୨୦ ସାଂସଦ ଓଡିଶା ସ୍ୱାର୍ଥକୁ ହତ୍ୟା କରିବାରେ ନିରବ ଦ୍ରଷ୍ଟା ସାଜିଥିବା ହେତୁ ସେମାନଙ୍କ କୁଶପୁତଳିକା ମୁନିସିପାଲିଟି ଛକ ଠାରେ ଦାହ କରାଯାଇଥିଲା। ଏଥିରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ,

ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ସିପିଆଇ ରାଜ୍ୟ କିସାନ ସଂଘ ସଭାପତି ଶଶୀଭୂଷଣ ସ୍ୱାଇଁ, ସିପିଏମ ନେତା ଲୋଭାକାନ୍ତ ସ୍ୱାଇଁ, ଗଣେଶ୍ୱର ମାଣିଆ, ଅଜୟ ବେହେରା, ଜିଲ୍ଲା କଂଗ୍ରେସ ଉପ ସଭାପତି ମହମ୍ମଦ ଅବଦୁଲ ୱାହିଦ, ସାଧାରଣ ସମ୍ପାଦକ ଶୁଭ ନାରାୟଣ ନାୟକ, ଧନଞ୍ଜୟ ସୂତାର, ସମ୍ପାଦକ ବସନ୍ତ ନାୟକ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଜିତୁ ନାରାୟଣ ସାହୁ, ଦିଲ୍ଲୀପ ମାହାର, ବୃନ୍ଦାବନ ପ୍ରଧାନ, ସୂର୍ଯ୍ୟକାନ୍ତ ସାହୁ, ମନମୋହନ ଗୋଚ୍ଛାୟତ, ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରିତମ ପରିଜା, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ସେଲ ସଭାପତି ଲକ୍ଷ୍ମୀଧର ମଲ୍ଲିକ, କୁଜଙ୍ଗ ବ୍ଲକ ପୂର୍ବତନ ସଭାପତି ନିହାର ରଞ୍ଜନ ଦାସ, ଯୁବ ନେତା ସତ୍ୟବ୍ରତ ଦାସ, ଇମତିଆଜ ଖାନ, ଶେଖ କାମାଲୁଦ୍ଦିନ, କୃଷ୍ଣଚନ୍ଦ୍ର ସ୍ୱାଇଁ, ପ୍ରଦ୍ୟୁମ୍ନ କିଶୋର ଚୟନୀ, ଡ. ଜଗଦାନନ୍ଦ, ସାଇ ପ୍ରଭଞ୍ଜନ ମହାପାତ୍ର , ପ୍ୟାରେସ ପାତ୍ର, ସୁଶୀଲ ଦାଶ ପ୍ରମୁଖ ସାମିଲ ହୋଇଥିଲେ।

ବାହ୍ୟ ଜଗତରୁ ବିଚ୍ଛିନ୍ନ ସମୁଦ୍ର କୂଳିଆ ଗାଁ ରାଣୀଗାଡ଼ିଆ

ବାଲିକୁଦା,୨୫।୮ (ସମିସ):

ବିକାଶର ଯୁଗରେ ମଧ୍ୟ ପକ୍କା ରାସ୍ତାଟିଏ ନଥିବାରୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି ବାଲିକୁଦା ବ୍ଲକର ସମୁଦ୍ର ଉପକୂଳ ଶେଷ ଗ୍ରାମ ବରମୁଣ୍ଡଳୀ ପଞ୍ଚାୟତର ରାଣୀଗାଡ଼ିଆ। ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ଗ୍ରାମର ଲୋକଙ୍କ ପାଇଁ ବର୍ଷାଦିନ ଅଭିଶାପ ପାଲଟିଛି। ଗ୍ରାମକୁ ଯିବା ପାଇଁ ମୁଖ୍ୟ ରାସ୍ତାଠାରୁ ପ୍ରାୟ ଏକ କିଲୋମିଟର ରାସ୍ତା ରହିଛି। ଏହି ରାସ୍ତାର ଅଧିକାଂଶ ଅଂଶ ବାଲିଆ ଅଞ୍ଚଳ ହୋଇଥିବାରୁ ଖରାଦିନେ ରାସ୍ତା ଅତ୍ୟଧିକ ଗରମ ହୋଇଯାଏ, ଆଉ ବର୍ଷା ହେଲେ ଏହା କାଦୁଅ ପଚପଚ ହୋଇଯାଏ। ବର୍ଷା ସମୟରେ ରାସ୍ତା ଉପରେ ଅଣ୍ଠାଏ ପର୍ଯ୍ୟନ୍ତ ପାଣି ଜମି ରହୁଥିବାରୁ ଯାତାୟାତ ପ୍ରାୟ ଅସମ୍ଭବ ହୋଇପଡ଼େ। ଏଭଳି ପରିସ୍ଥିତିରେ ଗ୍ରାମବାସୀ ନିଜେ ଶ୍ରମଦାନ କରି ରାସ୍ତାରେ ମାଟି ଓ ବାଲି ପକାଇ ଯାତାୟାତ ଯୋଗ୍ୟ କରିବାକୁ ଉଦ୍ୟମ କରୁଛନ୍ତି। ଚିତ୍ରରେ ଗ୍ରାମବାସୀ ନିଜ ହାତରେ କାଦୁଅ ଓ ପାଣି ମଧ୍ୟରେ ରାସ୍ତା ମରାମତି କରୁଥିବା ଦେଖାଯାଇଛି। ଏହା ପ୍ରଶାସନିକ ବ୍ୟବସ୍ଥା ପ୍ରତି ଗ୍ରାମବାସୀଙ୍କ ଅସନ୍ତୋଷକୁ ସ୍ପଷ୍ଟ କରୁଛି। ଗ୍ରାମ ନିକଟରେ ଜଙ୍ଗଲ ରହିଥିବା ସହ ରାସ୍ତା କଡ଼ରେ କିଆ ବୁଦା ରହିଥିବାରୁ ବର୍ଷାଦିନେ ବିଷାକ୍ତ ସର୍ପ ଓ ଅନ୍ୟ ଜଙ୍ଗଲୀ ଜନ୍ତୁଙ୍କ ଭୟ ମଧ୍ୟ ରହୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ସାପ କାମୁଡ଼ାରେ ଅନେକ ଲୋକ ଗୁରୁତର ହୋଇଛନ୍ତି। ରାଣୀଗାଡ଼ିଆରୁ ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ୧୫ କିଲୋମିଟରରୁ ଅଧିକ। ବ୍ୟାଙ୍କ, ଦଶବାଟିଆ ମେଡିକାଲ, ଅନନ୍ତପୁର ଫାଣ୍ଡି, ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଆରଆଇ କାର୍ଯ୍ୟାଳୟ, ବସଷ୍ଟାଣ୍ଡ ଓ ସାପ୍ତାହିକ ହାଟକୁ ଯିବା ପାଇଁ ମଧ୍ୟ ଲୋକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ରାସ୍ତା ଅବସ୍ଥା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ଜରୁରୀ ସମୟରେ ଆମ୍ବୁଲାନ୍ସ ଗାଁ ଭିତରକୁ ପହଞ୍ଚିପାରୁନଥିବାରୁ ରୋଗୀଙ୍କୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବୋହି ନେବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଚିକିତ୍ସାରେ ବିଳମ୍ବ ଯୋଗୁଁ ଅନେକ ରୋଗୀଙ୍କ ଅକାଳ ମୃତ୍ୟୁ ଘଟିଥିବା ମଧ୍ୟ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ରାସ୍ତା ନିର୍ମାଣ ପାଇଁ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଏକାଧିକ ଥର ଲିଖିତ ଅଭିଯୋଗ କରାଯାଇଛି। ବାରମ୍ବାର ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ରାସ୍ତା ନିର୍ମାଣ ଦିଗରେ ଠୋସ ପଦକ୍ଷେପ ନିଆଯାଇନଥିବାରୁ ଅସନ୍ତୋଷ ବଢ଼ିଛି। ନାମକୁ ମାତ୍ର ମନରେଗା ଯୋଜନାରେ ମାଟି ରାସ୍ତା କରାଯାଇଥିବା ଏବଂ ବର୍ଷା ହେଲେ ତାହା କାଦୁଅରେ ପରିଣତ ହେଉଥିବା ଗ୍ରାମବାସୀ କହିଛନ୍ତି। ଚଳିତବର୍ଷ ମଧ୍ୟ ରାସ୍ତା କାର୍ଯ୍ୟ ହୋଇନଥିବାରୁ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ବାଲି ପକାଇ ରାସ୍ତା ମରାମତି କରିଛନ୍ତି। ସ୍ଥାନୀୟ ବୟୋଜ୍ୟେଷ୍ଠଙ୍କ କହିବା ଅନୁଯାୟୀ, ଗ୍ରାମରେ ଥିବା ପୁଷ୍କରିଣୀକୁ ପୂର୍ବରୁ ରାଜାଙ୍କ ରାଣୀ ସ୍ନାନ କରିବାକୁ ଆସୁଥିବାରୁ ଏହି ଅଞ୍ଚଳର ନାମ "ରାଣୀଗାଡ଼ିଆ' ହୋଇଥିବା କୁହାଯାଏ। ହେଲେ ଆଜି ରାସ୍ତା ଅଭାବରୁ ଏହି ଗ୍ରାମକୁ ବନ୍ଧୁବାନ୍ଧବ ସମ୍ପର୍କ ସ୍ଥାପନ କରିବାକୁ ମଧ୍ୟ ଅନେକେ ଅନାଗ୍ରହ ପ୍ରକାଶ କରୁଥିବାରୁ ବିବାହ ଭଳି ସାମାଜିକ କାର୍ଯ୍ୟରେ ମଧ୍ୟ ସମସ୍ୟା ଦେଖାଦେଉଛି। ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି ବିଶ୍ୱାଳ, ଭାନୁ ପରିଡ଼ା, ଉପେନ୍ଦ୍ର ଦଳାଇ, କେଦାର ସ୍ୱାଇଁ, ଲକ୍ଷ୍ମୀଧର ପଲଉରୀ, ସୁବାଷ ସ୍ୱାଇଁ, ସୁକାନ୍ତ ଜେନା, ସନାତନ ମଲ୍ଲିକ, ପ୍ରମୋଦ ବେହେରା, ସୁମନ୍ତ ଜେନା, ରାକେଶ ପରିଡ଼ା, ସୁଦାମ ଦଳାଇ, ସଞ୍ଜୟ ମଣ୍ଡଳଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି।

ନୂଆ ପିଢ଼ିକୁ ଦାୟିତ୍ୱ ହସ୍ତାନ୍ତର ପାଇଁ ସମୟ ଆସିଛି: ଗଡ଼କରୀ

ନାଗପୁର, ୨୫।୮ (ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏବେ ଆଉ ପୂର୍ବଭଳି ଅଧିକ କାର୍ଯ୍ୟ କରିବାକୁ ସମର୍ଥ ନୁହନ୍ତି ବୋଲି ମଙ୍ଗଳବାର କହିଛନ୍ତି। ଏହାସହ ବର୍ତ୍ତମାନ ଯୁବ ପିଢ଼ିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାର ସମୟ ଉପନୀତ ହୋଇଥିବା ଏହି ୬୯ ବର୍ଷୀୟ ନେତା ପ୍ରକାଶ କରିଛନ୍ତି। ବ୍ୟବସ୍ଥା ମଧ୍ୟକୁ ଅନେକ ନୂତନ ପିଢ଼ିର ବ୍ୟକ୍ତି ପ୍ରବେଶ କରିଛନ୍ତି, ବରିଷ୍ଠ ନେତାମାନେ ବର୍ତ୍ତମାନ ସେମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ନାଗପୁରରେ ଆୟୋଜିତ ଏକଲବ୍ୟ ଏକଲ ବିଦ୍ୟାଳୟ ଶିକ୍ଷକ-ପରିଦର୍ଶକ ପ୍ରଶିକ୍ଷଣ ଶିବିରରେ ଉଦ୍‌ବୋଧନ ଦେଇ ଗଡ଼କରୀ କହିଛନ୍ତି, 'ମୁଁ ଏବେ ଆଉ ଅଧିକ କାମ କରିପାରୁନାହିଁ। ଯେତେବେଳେ ମୋର ସାମର୍ଥ୍ୟ ଥିଲା, ମୁଁ ପ୍ରଚୁର କାମ କରିଛି। ବର୍ତ୍ତମାନ କାର୍ଯ୍ୟକ୍ଷେତ୍ରରେ ମୋର ସମ୍ପୃକ୍ତି ପୂର୍ବ ଅପେକ୍ଷା ହ୍ରାସ ପାଇଛି'। ଏହି ସମୟ ମଧ୍ୟରେ ସେ ଅନେକ ସଫଳତା ଓ ବିଫଳତା ଦେଖିଛନ୍ତି ଏବଂ ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି ବୋଲି କହିଥିଲେ। ଏବେ କାର୍ଯ୍ୟରୁ ନିଜକୁ କିଛି ମାତ୍ରାରେ ଦୂରେଇ ରଖିବା ସହ ସେ ବର୍ତ୍ତମାନ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ହୋଇଛନ୍ତି। ଏହି ଅବସରରେ ସେ ଯୁବକମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀ ପାଇଁ ପ୍ରତିଦିନ ବ୍ୟାୟାମ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ନିଜ ରାଜନୈତିକ କ୍ୟାରିୟରର ପ୍ରାରମ୍ଭିକ ଦିନଗୁଡ଼ିକର କିଛି ରୋଚକ ସ୍ମୃତି ସଭାଗୃହରେ ବାଣ୍ଟିଥିଲେ। ନିଜର ପ୍ରାରମ୍ଭିକ ଜୀବନ ଅତ୍ୟନ୍ତ ଅନିୟମିତ ଥିଲା ଏବଂ ସେହି ସମୟରେ ସେ ଅତ୍ୟନ୍ତ ଉତ୍ସାହର ସହିତ ସାଇକେଲ ଏବଂ ସ୍କୁଟର ଯୋଗେ ଦଳୀୟ କାର୍ଯ୍ୟ ପାଇଁ ଯାତ୍ରା କରୁଥିଲେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ନେତୃତ୍ୱରେ ନୂତନ ୬୫ ଜଣିଆ ଜାତୀୟ ଟିମ୍ ଘୋଷଣା କରିଛି, ଯେଉଁଥିରେ ୫୧ ଜଣ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଏହି ସମୟରେ ଗଡ଼କରୀଙ୍କ ଏପରି ମନ୍ତବ୍ୟ ରାଜନୈତିକ ମହଲରେ ନାନା ଆଲୋଚନା ସୃଷ୍ଟି କରିଛି। ତେବେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ମନ୍ତବ୍ୟର କୌଣସି ରାଜନୈତିକ ପ୍ରସଙ୍ଗ ନଥିବା କୁହାଯାଇଛି।

ମସ୍କୋରେ ଓହ୍ଲାଇଲା ଆମେରିକାର ରହସ୍ୟମୟ ସାମରିକ ବିମାନ

ମସ୍କୋ, ୨୫।୮ (ଏଜେନ୍ସି): ୟୁକ୍ରେନ ବିବାଦକୁ ନେଇ ୱାସିଂଟନ ଏବଂ ମସ୍କୋ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ଥିବା ସମୟରେ ରୁଷିଆର ଏକ ପ୍ରମୁଖ ବିମାନବନ୍ଦରରେ ଆମେରିକାର ଏକ ସାମରିକ ବିମାନ ଅବତରଣ କରିବା ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ଆମେରିକାର

ମୁହଁ ଖୋଲୁନାହାନ୍ତି ଆମେରିକା-ରୁଷ

ଏହି ସାମରିକ ବିମାନଟି ମସ୍କୋର ଭ୍ନୁକୋଭୋ ବିମାନବନ୍ଦରରେ ଅବତରଣ କରିଛି। ଫ୍ଲାଇଟ୍ ଟ୍ରାକିଂ ଡାଟା ଏବଂ ଅନ୍ୟାନ୍ୟ ସୂତ୍ର ଅନୁଯାୟୀ, ଅବତରଣ କରିଥିବା ଏହି ବିମାନଟି ଆମେରିକା ବାୟୁସେନାର ଏକ ବୋଇଂ ସି-୧୭ ଗ୍ଲୋବମାଷ୍ଟର-୩ ପରିବହନ ବିମାନ ବୋଲି ଜଣାପଡ଼ିଛି। ଏହି ବିଶାଳକାୟ ସାମରିକ ବିମାନଟି ସାଧାରଣତଃ ସୈନ୍ୟ, ଯୁଦ୍ଧ ସରଞ୍ଜାମ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଦୂର ସ୍ଥାନକୁ ପରିବହନ କରିବା ପାଇଁ ବ୍ୟବହୃତ ହୋଇଥାଏ। ତେବେ ଏହି ବିମାନଟି କେଉଁ ଉଦ୍ଦେଶ୍ୟରେ ମସ୍କୋ ଆସିଛି, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ବିମାନରେ କେଉଁ ସାମଗ୍ରୀ କିମ୍ବା କେଉଁ ବ୍ୟକ୍ତି ଅଛନ୍ତି, ତାହା ଏବେ ବି ରହସ୍ୟଘେରରେ ରହିଛି। ଏହି ବିଷୟରେ ଆମେରିକା କିମ୍ବା ରୁଷିଆ ପକ୍ଷରୁ କୌଣସି ସରକାରୀ ମତ ଜାରି କରାଯାଇନାହିଁ। ବିମାନର ରେକର୍ଡରୁ ଜଣାପଡ଼ିଛି ଯେ, ଆମେରିକାର ପ୍ରସିଦ୍ଧ ଆଣ୍ଡ୍ରୁଜ୍ ଏୟାରଫୋର୍ସ ବେସରୁ ବାହାର ଅଗଷ୍ଟ ୨୩ରେ ବିମାନଟି ରିଗାରେ ପହଞ୍ଚିଥିଲା। ଏହି ବେସଟି ଆମେରିକା ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବିମାନ ଏୟାରଫୋର୍ସ ୱାନର ମୁଖ୍ୟ କେନ୍ଦ୍ର ହେବା ସହ ଆମେରିକା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କର ବିମାନ ଯାତ୍ରାର ଏକ ପ୍ରମୁଖ ହବ୍ ଅଟେ। ତେଣୁ ଏହି ଘଟଣାକୁ ନେଇ ବିଶ୍ୱ ରାଜନୈତିକ ପରିବେଶରେ ହଇଚଇ ସୃଷ୍ଟି ହୋଇଛି।

୨୦ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଲୋକସଭାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨୦ ଜଣ ବିଦ୍ରୋହୀ ସାଂସଦଙ୍କ ଅଯୋଗ୍ୟତା ସମ୍ପର୍କିତ ଆବେଦନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ସମ୍ପୃକ୍ତ ସାଂସଦମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଟିଏମସିର ସାଧାରଣ ସମ୍ପାଦକ ତଥା ଲୋକସଭା ଦଳୀୟ ନେତା ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ରିଟ୍ ପିଟିସନ (ଆବେଦନ) ଉପରେ କୋର୍ଟ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ଏହି ସାଂସଦମାନଙ୍କ ବିରୋଧରେ ଦାଖଲ ହୋଇଥିବା

- ଅଯୋଗ୍ୟ ଘୋଷଣା ପାଇଁ ମାମଲା
- ବାଚସ୍ପତିଙ୍କ ଦ୍ୱାରା ନିଷ୍ପତ୍ତି ନେବାରେ ବିଳମ୍ବ

ଆବେଦନର ଶୁଣାଣିରେ ହେଉଥିବା ବିଳମ୍ବକୁ ଅଭିଷେକ ବାନାର୍ଜୀ ଚ୍ୟାଲେଞ୍ଜ କରିଛନ୍ତି। ଏହି ସମ୍ପର୍କରେ ତୁରନ୍ତ ତଥା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଲୋଡ଼ିଛନ୍ତି। ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଏହି ଆବେଦନରେ ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରଥମ ପ୍ରତିପକ୍ଷ ଭାବରେ ଦର୍ଶାଯାଇଥିଲେ ମଧ୍ୟ ସୁପ୍ରିମକୋର୍ଟ ତାଙ୍କ ବିରୋଧରେ କୌଣସି ନୋଟିସ୍ ଜାରି କରିନାହାନ୍ତି। ଶୁଣାଣି ସମୟରେ ଖଣ୍ଡପୀଠ ବାଚସ୍ପତିଙ୍କୁ ମଧ୍ୟ ନୋଟିସ୍ ଜାରି କରିବାକୁ ପ୍ରସ୍ତୁତ ଥିଲେ। ହେଲେ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ ସେ ବାଚସ୍ପତି ବିର୍ଲାଙ୍କ ପକ୍ଷରୁ କୋର୍ଟରେ ହାଜର ହେବେ ଏବଂ ବାଚସ୍ପତି ପୂର୍ବରୁ ହିଁ ଏହି ଅଯୋଗ୍ୟତା ଆବେଦନଗୁଡ଼ିକ ଉପରେ ନୋଟିସ୍ ଜାରି କରିସାରିଛନ୍ତି। ତେବେ ଶୁଣାଣି ବେଳେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଶୁଣାଣି ପ୍ରକ୍ରିୟାକୁ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଉଲ୍ଲେଖଯୋଗ୍ୟ, ଦଳବଦଳ ଓ ନୂତନ ଦଳ ନେଇ ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ ୨୦ ଜଣ ସାଂସଦଙ୍କୁ ପ୍ରତିପକ୍ଷ କରାଯାଇଛି। ଏହି ସାଂସଦମାନେ ଚଳିତ ବର୍ଷ ଆରମ୍ଭରେ ଟିଏମସି ଟିକେଟରେ ବିଧାନସଭା ନିର୍ବାଚନ ଜିତିଥିଲେ। କିନ୍ତୁ ମେ'ରେ ନିର୍ବାଚନ ଫଳାଫଳ ଘୋଷଣା ହେବାର ସଙ୍ଗେ ସଙ୍ଗେ ସେମାନେ ଦଳ ବଦଳ କରି ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ ନାମକ ଏକ ଅପରିଚିତ ରାଜନୈତିକ ଦଳରେ ଯୋଗ ଦେଇଥିଲେ। ଦଳବଦଳ ବିରୋଧୀ ଆଇନ ଆଧାରରେ ବିଦ୍ରୋହୀ ସାଂସଦମାନଙ୍କୁ ତୁରନ୍ତ ସଂସଦ ସଭ୍ୟ ପଦରୁ ଅଯୋଗ୍ୟ ଘୋଷଣା କରିବାକୁ ଟିଏମ୍‌ସି ଦାବି କରିଆସୁଛି।

ଜାମ୍ମୁ-କାଶ୍ମୀରରେ ୬ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

ଶ୍ରୀନଗର, ୨୫।୮ (ଏଜେନ୍ସି): ଜାମ୍ମୁ-କାଶ୍ମୀରରେ ସୁରକ୍ଷା ବାହିନୀ ବିଳମ୍ବିତ ରାତିରେ କାଶ୍ମୀରର ବିଭିନ୍ନ ସ୍ଥାନରେ ଯାଞ୍ଚ ଅଭିଯାନ କରିଛି। ଏଥିରେ ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ଓ ସେମାନଙ୍କର ସହଯୋଗୀଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣର ବିସ୍ଫୋରକ ଓ ସାମଗ୍ରୀ ଜବତ କରାଯାଇଛି। ଯାଞ୍ଚ ଅଭିଯାନରେ ଗିରଫ ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ନିକଟରୁ ଦୁଇଟି ହାତଗ୍ରେନେଡ ଏବଂ ହିଜବୁଲ ମୁଜାହିଦ୍ଦିନର ନାମ ଥିବା ୫ଟି ପୋଷ୍ଟର ଜବତ କରାଯାଇଛି। ସେହିପରି, ପୁଲୱାମା ଜିଲ୍ଲାର ୟାରୱାନ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ଅପରେସନ ବେଳେ ୨ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ସହଯୋଗୀଙ୍କୁ ଗିରଫ କରାଯାଇଛି। ସେମାନେ ଲତିଫ ଅହମ୍ମଦ ଦିଦାଦ ଏବଂ ଏଜାଜ ଅହମ୍ମଦ ବାଜାଦ ବୋଲି ପରିଚୟ ମିଳିଛି।

ପାଟନାରେ ଛାତ୍ର-ପୁଲିସ ମୁହାଁମୁହିଁ

ପାଟନା, ୨୫।୮ (ଏଜେନ୍ସି): ବିହାରର ରାଜଧାନୀ ପାଟନାରେ ମଙ୍ଗଳବାର ୭୦ତମ ବିହାର ଲୋକସେବା ଆୟୋଗ (ବିପିଏସ୍‌ସି) ପରୀକ୍ଷା ବାତିଲ ଦାବିରେ ହଜାର ହଜାର ଛାତ୍ରଛାତ୍ରୀ ପ୍ରତିବାଦ କରିଛନ୍ତି। ଆନ୍ଦୋଳନକାରୀ ରାଜଭବନ ଅଭିମୁଖେ ବିଶାଳ ଶୋଭାଯାତ୍ରା କରିଥିବା ବେଳେ ପୁଲିସ ସହ ପ୍ରବଳ ସଂଘର୍ଷ ହୋଇଛି। ଗାନ୍ଧୀ ମଇଦାନରୁ ବାହାରିଥିବା ଏହି ଆନ୍ଦୋଳନକାରୀ ଛାତ୍ରମାନେ ପୁଲିସ ବାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିବାକୁ ଉଦ୍ୟମ କରିଥିଲେ। ପରିସ୍ଥିତି ଅନିୟନ୍ତ୍ରିତ ହେବାରୁ ପୁଲିସ ପକ୍ଷରୁ ପାଣି ମାଡ କରାଯାଇଥିଲା ଏବଂ ଅନେକ ଛାତ୍ରଙ୍କୁ ପୁଲିସ ହେପାଜତକୁ ନେଇଛି। ସୂଚନା ଅନୁସାରେ, ପ୍ରତିବାଦକାରୀମାନେ ନିଷେଧାଞ୍ଚଳ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ବାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଆଗେଇଥିଲେ। ଏହି ସମୟରେ ଛାତ୍ର ଏବଂ ପୁଲିସ ବାହିନୀ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ଦେଖିବାକୁ ମିଳିଥିଲା।

ଆଇଆଇଟିରେ ବି ବଢ଼ୁଛି ଆତ୍ମହତ୍ୟା

୫ ବର୍ଷରେ ବିଭିନ୍ନ ଆଇଆଇଟିରେ ୬୫ ଛାତ୍ର ଆତ୍ମହତ୍ୟା

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଆଇଆଇଟି ଦିଲ୍ଲୀର ପଦାର୍ଥ ବିଜ୍ଞାନ ଏମଏସସି ଛାତ୍ର ରଷିକେଶ କୁମାରଙ୍କ ଆତ୍ମହତ୍ୟାକୁ ନେଇ କ୍ୟାମ୍ପସରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହାପରେ ଛାତ୍ରଛାତ୍ରୀଙ୍କ ବ୍ୟାପକ ବିକ୍ଷୋଭ ପରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏକ ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେବା ସହ ଏକ ୫ ଜଣିଆ ବିଶେଷ କମିଟି ଗଠନ କରିଛି। ଏହି କମିଟି ଆଗାମୀ ଦୁଇ ସପ୍ତାହ ମଧ୍ୟରେ ନିଜର ବିସ୍ତୃତ ତଦନ୍ତ ରିପୋର୍ଟ ପ୍ରଦାନ କରିବ। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ପ୍ରାୟ ୩୦୦ ରୁ ଅଧିକ ଛାତ୍ରଛାତ୍ରୀ କ୍ୟାମ୍ପସ ପରିସରରେ ଏକାଠି ହୋଇଥିଲେ। ସେମାନେ ରଷିକେଶଙ୍କ ମୃତ୍ୟୁ ମାମଲାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବିରେ ବିକ୍ଷୋଭ

ଆଇଆଇଟି ଦିଲ୍ଲୀ ଛାତ୍ର ରଷିକେଶ ଆତ୍ମହତ୍ୟା ମାମଲା; ବିକ୍ଷୋଭ ପରେ ତଦନ୍ତ ନିର୍ଦ୍ଦେଶ

ପ୍ରଦର୍ଶନ କରିଥିଲେ। ଏହାସହ ସେମାନେ ଡିନଙ୍କ ଇସ୍ତଫା ଦାବି କରିଛନ୍ତି। ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ରଞ୍ଜନ ବାନାର୍ଜୀ ୫ ଜଣିଆ କମିଟି ରଷିକେଶଙ୍କ ମୃତ୍ୟୁ ସହ ଜଡ଼ିତ ସମସ୍ତ ପରିସ୍ଥିତିର ଯାଞ୍ଚ କରିବ ବୋଲି ଜଣାଇଛନ୍ତି। କମିଟିରେ ଉତ୍ତରାଖଣ୍ଡର ପୂର୍ବତନ ମହାନିର୍ଦ୍ଦେଶକ ଅଶୋକ କୁମାର, ଦିଲ୍ଲୀ ଏମ୍ସର ମାନସିକ ରୋଗ ବିଭାଗର ମୁଖ୍ୟ ପ୍ରଫେସର ପ୍ରତାପ ଶର୍ମା ସଦସ୍ୟ ରହିବେ। ଏହାସହ ଛାତ୍ର ପ୍ରତିନିଧି ଏବଂ ଆଇଆଇଟି ଦିଲ୍ଲୀର ରେଜିଷ୍ଟ୍ରାର କମିଟିର ସଚିବ ଏବଂ ଆବାହକ ଭାବେ ଦାୟିତ୍ୱ ତୁଲାଇବେ।

ସୂଚନା ଅନୁଯାୟୀ, ରଷିକେଶ ଜୁଲାଇ ୨୦୨୫ରେ ଆଇଆଇଟି ଦିଲ୍ଲୀରେ ଯୋଗ ଦେଇଥିଲେ। ସେ ଶିବାଲିକ ହଷ୍ଟେଲରେ ରହୁଥିଲେ। ତେବେ ମାର୍ଚ୍ଚ ୨୦୨୬ ରେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସାମ୍ନାକୁ ଆସିଥିଲା। ପରେ ସେ ଦ୍ୱିତୀୟ ସେମିଷ୍ଟାରରୁ ଓହରିଯାଇ କ୍ୟାମ୍ପସ ବାହାରେ ନିଜ ଅଭିଭାବକଙ୍କ ସହ ରହୁଥିଲେ। ଜୁଲାଇ ୨୦୨୬ ରେ ସେ ପୁଣି କ୍ୟାମ୍ପସକୁ ଫେରିଥିଲେ। ସ୍ୱାସ୍ଥ୍ୟ ଯାଞ୍ଚ କରି ତାଙ୍କୁ ପୁନର୍ବାର ପରିବାର ସହ ରହିବାକୁ ପରାମର୍ଶ ଦିଆଯାଇଥିଲା ଏବଂ ପଦାର୍ଥ ବିଜ୍ଞାନ ବିଭାଗ ତାଙ୍କର ତୃତୀୟ ସେମିଷ୍ଟାରରୁ ଓହରିଯିବା ଅନୁରୋଧକୁ ମଞ୍ଜୁର କରିଥିଲା। ବର୍ତ୍ତମାନ ରଷିକେଶଙ୍କ ପରିବାରକୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବା ସହ ତାଙ୍କ ଚିକିତ୍ସାର ଖର୍ଚ୍ଚ ଭରଣା କରାଯିବ। ଏଥିସହିତ ପରିବାରକୁ ଅତିରିକ୍ତ ସହାୟତା ପାଇଁ ଏକ ନୂତନ ସ୍ୱେଚ୍ଛାକୃତ ପାଣ୍ଠି ଗଠନ କରାଯିବ। ଏହାସହ ମାନସିକ ସ୍ୱାସ୍ଥ୍ୟ ସହାୟତା ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂତନ ମେଣ୍ଟର ବ୍ୟବସ୍ଥା ଆରମ୍ଭ କରାଯିବ। ସେପଟେ ଗତ ୫ ବର୍ଷରେ ବିଭିନ୍ନ ଆଇଆଇଟିରେ ୬୫ ଜଣ ଛାତ୍ର ଆତ୍ମହତ୍ୟା କରିବା ଏକ ତୃଣମୂଳ ସମସ୍ୟା ବୋଲି ସିଜେପି କହିଛି। ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସିଜେପି ଦାବି କରିଛି।

ତରୁଣ ତେଜପାଲଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ବରିଷ୍ଠ ସାମ୍ବାଦିକ ତରୁଣ ତେଜପାଲଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଆଶ୍ୱସ୍ତି ମିଳିନାହିଁ। ୨୦୧୩ର ଏକ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ପାଇଥିବା 'ତେହଲକା' ପତ୍ରିକାର ପୂର୍ବତନ ସମ୍ପାଦକ



ତରୁଣ ତେଜପାଲଙ୍କ ଆତ୍ମସମର୍ପଣରୁ ମୁକ୍ତି ପାଇଁ ଦାଖଲ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଛନ୍ତି। ତାଙ୍କୁ ଆସନ୍ତା ୩ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ସମ୍ବନ୍ଧୀୟ ଆବେଦନର ଶୁଣାଣି ଆଜି ଏହି ରାୟ ଶୁଣାଇଛନ୍ତି। ତେବେ ଆବେଦନକାରୀ ତେଜପାଲଙ୍କୁ ଆତ୍ମସମର୍ପଣ କରିବା ଏବଂ କୋର୍ଟରେ ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ କରିବା ପାଇଁ ୩ ସପ୍ତାହ ସମୟ ପ୍ରଦାନ କରାଯାଇଛି। ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଅପିଲ୍ ଶୁଣାଣି ପୂର୍ବରୁ ଅଭିଯୁକ୍ତଙ୍କ ଆତ୍ମସମର୍ପଣ କରିବା ବାଧ୍ୟତାମୂଳକ ଅଟେ। ସୂଚନାଯୋଗ୍ୟ, ତରୁଣ ତେଜପାଲ (୬୨)ଙ୍କ ବିରୋଧରେ ଗୋଆର ଏକ ହୋଟେଲର ଲିଫ୍ଟ ଭିତରେ ଜଣେ କନିଷ୍ଠ ମହିଳା ସହକର୍ମୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ୨୦୧୩ରେ ପତ୍ରିକା ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ଘଟିଥିଲା। ପୂର୍ବରୁ ତେଜପାଲ ନିଜକୁ ରାଜନୈତିକ ଆକ୍ରୋଶର ଶିକାର ବୋଲି ଦାବି କରିଥିଲେ। ଚଳିତ ବର୍ଷ ଅଗଷ୍ଟ ୬ରେ ବମ୍ବେ ହାଇକୋର୍ଟ, ନିମ୍ନ ଅଦାଲତଙ୍କ ଦ୍ୱାରା ତେଜପାଲଙ୍କୁ ଖଲାସ କରାଯିବା ନିଷ୍ପତ୍ତିକୁ ରଦ୍ଦ କରି ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଥିଲେ। ହାଇକୋର୍ଟ ପ୍ରଥମେ ତାଙ୍କୁ ଆତ୍ମସମର୍ପଣ ପାଇଁ ଦୁଇ ସପ୍ତାହ ସମୟ ଦେଇଥିଲେ, ଯାହାକୁ ପରବର୍ତ୍ତୀ ସମୟରେ ଓକିଲଙ୍କ ଅନୁରୋଧ କ୍ରମେ ଚାରି ସପ୍ତାହକୁ ବୃଦ୍ଧି କରାଯାଇଥିଲା। ଏହା ବିରୋଧରେ ତେଜପାଲ ଅଗଷ୍ଟ ୨୦ରେ ସର୍ବୋଚ୍ଚ ଅଦାଳତର ଦ୍ୱାରସ୍ଥ ହୋଇଥିଲେ।

ଓବିସି କ୍ରିମି-ଲେୟାର ଶୁଣାଣି ପାଇଁ ସ୍ୱତନ୍ତ୍ର ବେଞ୍ଚ ଗଠନ

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଓବିସି କ୍ରିମି-ଲେୟାର ମାନଦଣ୍ଡ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ଆବେଦନ ଉପରେ ଶୁଣାଣି ପାଇଁ ସୁପ୍ରିମକୋର୍ଟ ଏକ ସ୍ୱତନ୍ତ୍ର ବେଞ୍ଚ ଗଠନ କରିବାକୁ ସହମତି ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ସୂଚନା ଦେଇଛନ୍ତି। ପ୍ରଶାସନିକ ସେବା ପରୀକ୍ଷା (ସିଏସ୍‌ଇ) ୨୦୨୫ର ପ୍ରାର୍ଥୀଙ୍କ ଉପରେ ଏହା କାର୍ଯ୍ୟକାରୀ ହେବା ନେଇ ଶୁଣାଣି କରାଯିବ। କେନ୍ଦ୍ର କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଅଦାଲତଙ୍କ ନିକଟରେ ଅନୁମତି ମାଗିଛି ଯେ, ୟୁପିଏସ୍‌ସି ଦ୍ୱାରା ମନୋନୀତ ୯୫୮ ଜଣ ସଫଳ ପ୍ରାର୍ଥୀଙ୍କୁ ପୂର୍ବରୁ ପ୍ରଚଳିତ ଥିବା ପୁରୁଣା ଓବିସି କ୍ରିମି-ଲେୟାର ନିୟମ ଆଧାରରେ ନିଯୁକ୍ତି ଦିଆଯାଉ। ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ୧୧ ରେ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶରେ କହିଥିଲେ ଯେ ପ୍ରାର୍ଥୀଙ୍କୁ କ୍ରିମି-ଲେୟାରରୁ ବାଦ୍

ଦେବା ପାଇଁ ପବ୍ଲିକ ସେକ୍ଟର କିମ୍ବା ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ସେମାନଙ୍କ ପିତାମାତାଙ୍କ ଆୟକୁ ମାପଦଣ୍ଡ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଏଥିପାଇଁ ପଦବୀର ମର୍ଯ୍ୟାଦା ଏବଂ ନିର୍ଦ୍ଧାରିତ ସମ୍ପତ୍ତି ତର୍ଜମା ବିଚାରଯୋଗ୍ୟ। କେନ୍ଦ୍ର ସରକାରଙ୍କ ଯୁକ୍ତି ଅନୁଯାୟୀ, ସିଏସ୍‌ଇ ୨୦୨୫ର ସମ୍ପୂର୍ଣ୍ଣ ପ୍ରକ୍ରିୟା ଏହି ନିର୍ଦ୍ଦେଶ ପୂର୍ବରୁ ଶେଷ ହୋଇଥିଲା। ଏଭଳି ସ୍ଥିତିରେ ଏହି ନୂତନ ରାୟକୁ ପ୍ରୟୋଗ କଲେ ପ୍ରାର୍ଥୀଙ୍କ ମଧ୍ୟରେ ଅସମାନତା ସୃଷ୍ଟି ହେବ। କାରଣ ଅନେକ ପ୍ରାର୍ଥୀ ପୁରୁଣା ନିୟମ ଅନୁସାରେ ନିଜକୁ କ୍ରିମି-ଲେୟାର ଅଧୀନରେ ଗ୍ରହଣ କରି ସାଧାରଣ ବର୍ଗରେ ଆବେଦନ କରିଥିଲେ। ଏହା ବ୍ୟତୀତ, ମସୁରୀ ସ୍ଥିତ ଏଲବିଏସ୍‌ଏନ୍‌ଏଏରେ ଅଗଷ୍ଟ ଶେଷ ସପ୍ତାହରେ ପ୍ରାର୍ଥୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ପ୍ରକ୍ରିୟାରେ ବିଳମ୍ବ ହେଲେ ତାହା ପ୍ରଶିକ୍ଷଣ, କ୍ୟାଡର ଆବଣ୍ଟନ ଏବଂ ବରିଷ୍ଠତା ନିର୍ଦ୍ଧାରଣକୁ ଗୁରୁତର ଭାବେ ପ୍ରଭାବିତ କରିବ। ତେଣୁ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟକୁ ଏହା ଉପରେ ପୁନଃ ବିଚାର କରିବାକୁ ଅନୁରୋଧ କରିଛନ୍ତି। ସିଏସ୍‌ଇ-୨୦୨୫ ଚୟନ ପ୍ରକ୍ରିୟା ମାର୍ଚ୍ଚ ୧୧ ରାୟ ପୂର୍ବରୁ ସମାପ୍ତ ହୋଇସାରିଛି ଏବଂ ପ୍ରାର୍ଥୀମାନେ ସେତେବେଳେ ପ୍ରଚଳିତ ଆଇନଗତ ଏବଂ ପ୍ରଶାସନିକ ସ୍ଥିତି ଉପରେ କାର୍ଯ୍ୟ କରିଥିଲେ।

ଫ୍ରାନ୍ସରେ ଘୂର୍ଣ୍ଣିଝଡ଼; ୩୯ ଆହତ

ପୋମାସ, ୨୫।୮ (ଏଜେନ୍ସି): ଫ୍ରାନ୍ସର ଦକ୍ଷିଣ-ପଶ୍ଚିମ ଅଞ୍ଚଳର ପୋମାସ ଗ୍ରାମରେ ଘୂର୍ଣ୍ଣିଝଡ଼ ଫଳରେ ବ୍ୟାପକ ଧ୍ୱଂସ ହୋଇଛି। ଏଥିରେ ପ୍ରାୟ ୩୯ ଜଣ ଆହତ ହୋଇଛନ୍ତି ଏବଂ ଶତାଧିକ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଆହତଙ୍କ ମଧ୍ୟରୁ ୧୫ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଘଣ୍ଟା ପ୍ରତି ୧୧୭ କିଲୋମିଟର ବେଗରେ ପ୍ରବାହିତ ଏହି ଘୂର୍ଣ୍ଣିଝଡ଼ ଯୋଗୁଁ କାରକାସୋନର ଦକ୍ଷିଣରେ ଥିବା ଏହି ଗ୍ରାମରେ ପ୍ରାୟ ୩୦୦ଟି ଘରର ଛାତ ଉଡ଼ିଯାଇଛି।

ମୁମ୍ବାଇରେ ୧୦ କିମିକୁ ୫୦୦ ଟଙ୍କା

ମୁମ୍ବାଇ, ୨୫।୮ (ଏଜେନ୍ସି): ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ଅଟୋ-ରିକ୍ସା, ଟ୍ୟାକ୍ସି ଏବଂ ଆପ୍-ଆଧାରିତ କ୍ୟାବ୍ ଚାଳକମାନଙ୍କ ପାଇଁ ମରାଠୀ ଭାଷାର କାର୍ଯ୍ୟକାରୀ ଜ୍ଞାନ ବାଧ୍ୟତାମୂଳକ କରାହୋଇଛି। ମହାରାଷ୍ଟ୍ର ସରକାର ଗତ ଅଗଷ୍ଟ ୧୨ରେ ଏକ ବିଜ୍ଞପ୍ତି ଜରିଆରେ ଏହି ନୂତନ ନିୟମ ପ୍ରଣୟନ କରିଥିଲେ। ଚାଳକମାନେ ଅଭିଯୋଗ କରିଛନ୍ତି ଯେ, ଏହି ନିୟମ ସେମାନଙ୍କର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ମୋଟର ଯାନ ଅଧିନିୟମ, ୧୯୮୮ରେ ଡ୍ରାଇଭିଂ ଲାଇସେନ୍ସ ପାଇବା କିମ୍ବା ବ୍ୟବସାୟିକ ଯାନ ଚଳାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଭାଷା ଶିଖିବାର ସର୍ତ୍ତ ନାହିଁ। ଚାଳକମାନେ ଏହି ବିଜ୍ଞପ୍ତି ଉପରେ ତୁରନ୍ତ ରହିତାଦେଶ ଜାରି କରିବାକୁ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ସେପଟେ ମରାଠୀ ଭାଷା ଶିକ୍ଷାକୁ ବିରୋଧ କରି ଚାଲିଥିବା ଧର୍ମଘଟ ଯୋଗୁଁ ଯାତ୍ରୀମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଡ଼ିର ଅଭାବ କାରଣରୁ ଅନ୍‌ଲାଇନ୍ ଆପ୍ ଗୁଡ଼ିକରେ ଯାତ୍ରା ଭଡ଼ା ପ୍ରାୟ ୧୦୦% ରୁ ଅଧିକ ବୃଦ୍ଧି ପାଇଛି। ୧୦ କିଲୋମିଟର ପାଇଁ ସରକାରୀ ଭଡ଼ା ୧୭୨ ଟଙ୍କା ଥିବାବେଳେ, ଏବେ ଯାତ୍ରୀଙ୍କୁ ପ୍ରାୟ ୫୦୦ ଟଙ୍କାରୁ ଅଧିକ ଦେବାକୁ ପଡୁଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବସୁମତୀ ସାହୁ
ଆବିର୍ଭାବ - ୦୭.୦୪.୧୯୫୨
ତିରୋଧାନ - ୧୬.୦୮.୨୦୨୬
ସ୍ଥାନ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଶ୍ରାବଣ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଆପଣ ଆମକୁ ଶୋକ ସାଗରରେ ଭସାଇ ଚାଲିଗଲେ। ଆର ପାରିରେ ଆପଣଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ।
ଇତି: ସ୍ୱାମୀ- ରାଘବ, ସମୃଦ୍ଧି ଭଗବାନ (ଜଗନ୍ନାଥପୁର), ବୋହୂ ମାଣିକ, ଦିଲ୍ଲୀପ, ଅଜିତ, ଜିଚି, ଝିଅ-ସନ୍ଧ୍ୟା, ସୁଜତା, ଜ୍ୱାଇଁ-ରଘୁନାଥ, ନାତୁଣୀ- ସ୍ମୃତି, ସ୍ମିତା, ବର୍ଷା, ଇସା, ନାତୁଣୀ ଜ୍ୱାଇଁ- କାଳୁ, ପ୍ରମୋଦ, ନାତି ଶିଭମ ଓ ସପରିବାର

ନାଗପୁରରେ କ୍ଲୋରିନ୍ ଗ୍ୟାସ୍ ଲିକ୍; ୫୬ ଅସୁସ୍ଥ



ନାଗପୁର, ୨୫।୮ (ଏଜେନ୍ସି): ମହାରାଷ୍ଟ୍ର ନାଗପୁର ନିକଟ ଗୋଢନୀ ଗ୍ରାମପଞ୍ଚାୟତରେ ଥିବା ମହାରାଷ୍ଟ୍ର ଜୀବନ ପ୍ରାଧିକରଣ (ଏମ୍‌ଜେପି) ଜଳ ବିଶୋଧନ କେନ୍ଦ୍ରରେ ବିଷାକ୍ତ କ୍ଲୋରିନ୍ ଗ୍ୟାସ୍ ଲିକ୍ ହୋଇଛି। ଗ୍ୟାସ୍ ଲିକ୍ ଯୋଗୁଁ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୬ ଜଣ ବାସିନ୍ଦା ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସାଧୀନ ରହିଛନ୍ତି। ଏହି ବିଷାକ୍ତ ଗ୍ୟାସ୍ ପ୍ରଭାବରେ ସ୍ଥାନୀୟ ବାସିନ୍ଦାଙ୍କୁ ଶ୍ୱାସକ୍ରିୟାରେ ପ୍ରବଳ କଷ୍ଟ ହେବା ସହ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନା ଅନୁଯାୟୀ, ଜଳ ବିଶୋଧନ କେନ୍ଦ୍ରରେ ସଂରକ୍ଷିତ ଥିବା ଦୁଇଟି କ୍ଲୋରିନ୍ ସିଲିଣ୍ଡର ମଧ୍ୟରୁ ଗୋଟିକରୁ ଗ୍ୟାସ୍ ଲିକ୍ ହୋଇଥିଲା। ଉଦ୍ଧାରକାରୀ ଦଳ ଲିକ୍ ହୋଇଥିବା କ୍ଲୋରିନ୍ ସିଲିଣ୍ଡରକୁ ନିଷ୍କ୍ରିୟ କରିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନ ଲିକ୍‌କୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରାଯାଇଛି। ଗ୍ୟାସ୍ ପ୍ରଭାବକୁ ହ୍ରାସ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରହିଛି। ଚିକିତ୍ସିତ ହେଉଥିବା ୫୬ ଜଣଙ୍କ ମଧ୍ୟରୁ ୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଏବଂ ଅବଶିଷ୍ଟ ୪୫ ଜଣଙ୍କର ଚିକିତ୍ସା ଜାରି ରହିଛି।

ଇସ୍‌ଲାମ୍‌ରେ ହିଜାବ ଅନିବାର୍ଯ୍ୟ ନୁହେଁ: ଆହ୍ଲାବାଦ ହାଇକୋର୍ଟ

ପ୍ରୟାଗରାଜ, ୨୫।୮ (ଏଜେନ୍ସି): ବିଦ୍ୟାଳୟର ନିର୍ଦ୍ଧାରିତ ୟୁନିଫର୍ମ (ପୋଷାକ) ସହିତ ହିଜାବ ପିନ୍ଧିବା ପାଇଁ ଅନୁମତି ମାଗୁଥିବା ଜଣେ ମୁସଲିମ ଛାତ୍ରୀଙ୍କ ଆବେଦନକୁ ଆହ୍ଲାବାଦ ହାଇକୋର୍ଟ ସମ୍ପୂର୍ଣ୍ଣ ରୂପେ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଜେଜେ. ମୁନିର ଏବଂ ଜଷ୍ଟିସ୍ ଇନ୍ଦ୍ରଜିତ ଶୁକ୍ଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ, ମୁଣ୍ଡରେ ସ୍କାର୍ଫ ବା ହିଜାବ ପିନ୍ଧିବା ସମ୍ବିଧାନର ଧାରା ୨୫ ଅନ୍ତର୍ଗତ ଏକ ଅନିବାର୍ଯ୍ୟ ଧାର୍ମିକ ପ୍ରଥା ଭାବରେ ପ୍ରତିଷ୍ଠା କରାଯାଇପାରିବ ନାହିଁ। ତଥା ଏହା ପ୍ରମାଣ କରିବା ପାଇଁ ଆବେଦନକାରୀଙ୍କ ପକ୍ଷରୁ କୌଣସି ପର୍ଯ୍ୟାପ୍ତ ଧାର୍ମିକ କିମ୍ବା ଆଇନଗତ ଆଧାର ଉପସ୍ଥାପନ କରାଯାଇ ପାରିନାହିଁ। ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଶିକ୍ଷାନୁଷ୍ଠାନଗୁଡ଼ିକର ନିଜସ୍ୱ ନିୟମ ଓ ଶୃଙ୍ଖଳା ରହିଛି। ସମସ୍ତ ଛାତ୍ରଛାତ୍ରୀ ୟୁନିଫର୍ମ ସମ୍ବନ୍ଧୀୟ ସେହି ଅନୁଷ୍ଠାନିକ ନିୟମାବଳୀକୁ ପାଳନ କରିବା ବାଧ୍ୟତାମୂଳକ।

‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ‘ଓଡ଼ିଶା ଅଭ୍ୟୁଦୟ’ କନ୍‌କ୍ଲେଭ୍‌କୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଉଦ୍‌ଘାଟନ କରିଛନ୍ତି । ମଙ୍ଗଳବାର ପ୍ରଥମ ଦିବସରେ ୪ଟି ଅଧିବେଶନରେ ‘ଏକବିଂଶ ଶତାବ୍ଦୀରେ ଓଡ଼ିଶାର ବିକାଶ ଯାତ୍ରା’, ‘ରାଜନୀତିରୁ ଊର୍ଦ୍ଧ୍ୱରେ ଜନନାୟକ ନବୀନ ପଟ୍ଟନାୟକ’, ‘ମହିଳା ସଶକ୍ତୀକରଣ ଦିଗରେ ଆହ୍ୱାନ ଓ ଉପଲବ୍ଧି’ ଏବଂ ‘ଶିକ୍ଷା ସଂସ୍ଥାନର ପ୍ରମୁଖ କେନ୍ଦ୍ର ଓଡ଼ିଶା’ ଶୀର୍ଷକ ପ୍ରସଙ ଉପରେ ବିଶିଷ୍ଟ ବ୍ୟକ୍ତିମାନେ ନିଜ ନିଜର ମତ ଉପସ୍ଥାପନ କରିଛନ୍ତି ।

ପାସିନ୍ଦୁ ସୁରିଆବାନ୍ଦରା, ସୋନାଲ ଦିନୁଶାଙ୍କ ଦମ୍‌ଦାର ଅର୍ଦ୍ଧଶତକ

ଫଲୋଅନ ଏଡ଼ାଇବାକୁ ଶ୍ରୀଲଙ୍କାର ସଂଘର୍ଷ

ସୋନାଲ ଦିନୁଶା- ୮୫*

ପାସିନ୍ଦୁ ସୁରିଆବାନ୍ଦରା- ୮୦

କଲମ୍ବୋ, ୨୬।୮ (ଏଜେନ୍ସି): ନବାଗତ ବ୍ୟାଟର ପାସିନ୍ଦୁ ସୁରିଆବାନ୍ଦରା ଓ ସୋନାଲ ଦିନୁଶାଙ୍କ ଦମ୍‌ଦାର ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଭାରତ ସହ ଚାଲିଥିବା ଦ୍ୱିତୀୟ ତଥା ଶେଷ ଟେଷ୍ଟରେ ଶ୍ରୀଲଙ୍କା ଦଳ ଫଲୋଅନ୍ ଏଡାଇବାକୁ ସଂଘର୍ଷ କରୁଛି। ଏହି ମ୍ୟାଚ୍‌ରେ ସୁରିଆବାନ୍ଦରା ୮୦ ଓ ଦିନୁଶା ଅପରାଜିତ ୮୫ ରନ୍ କରିବା ଫଳରେ ବର୍ଷା ଯୋଗୁଁ ଖେଳ ବନ୍ଦ ରହିଲାବେଳକୁ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୨୬୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଫଲୋଅନ୍ ଏଡାଇବାକୁ ହେଲେ ଶ୍ରୀଲଙ୍କାକୁ ବାକିଥିବା ୨ ୱିକେଟ ବିନିମୟରେ ଆଉ ୩୯ ରନ୍ ଆବଶ୍ୟକ ହେଉଛଇ। ଅନ୍ୟ ପକ୍ଷରେ ଭାରତକୁ ୩୮ ରନ୍ ମଧ୍ୟରେ ଘରୋଇ ଦଳର ଶେଷ ୨ଜଣ ଖେଳାଳିଙ୍କୁ ଆଉଟ କରିବା ଆବଶ୍ୟକ। କ୍ରିଜ୍‌ରେ ୧୩୭ ବଲ୍ ଖେଳି ଦିନୁଶା ଓ ୫୦ବଲ୍ ଖେଳି ୮ ରନ୍ କରିଥିବା ଲାହିରୁ କୁମାରା ଭାରତୀୟ ସଫଳତାରେ ପ୍ରତିବନ୍ଧକ ହୋଇ ଛିଡା ହୋଇଛନ୍ତି। ପୂର୍ବରୁ ୯ ୱିକେଟରେ ୫୦୩ ରନ୍ କରିବା ପରେ ଭ୍ରମଣକାରୀ ଭାରତ ତାହାର ପ୍ରଥମ ଇନିଂସ ଘୋଷଣା କରିଥିଲା।ଖେଳ ଆଉ ୨ ଦିନ ବାକିଥିଲାବେଳେ ଯଦିଓ ୨୩୮ ରନ୍‌ରେ ଆଗୁଆ ରହିଛି, ତଥାପି ଶ୍ରୀଲଙ୍କାକୁ ଫଲୋଅନ କରି ନ ପାରିଲେ, ସମୟ ଅଭାବରୁ ଶ୍ରୀଲଙ୍କା ଏହି ମ୍ୟାଚ୍‌କୁ ଡ୍ର ରଖିବାର ସମ୍ଭାବନା ରହିଛି।

ଗତକାଲି ଭାରତ ୯/୫୦୩ ରନ୍‌ରେ ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିବା ପରେ ଶ୍ରୀଲଙ୍କା ୩ ଓଭର ବ୍ୟାଟିଂ କରି ୮ ରନ୍‌ରେ ୨ ୱିକେଟ ହରାଇଥିଲା। ଆଜି ସେହିଠାରୁ ଖେଳ ଆରମ୍ଭ କରିଥିଲେ ମଧ୍ୟ ଗତକାଲିର ଅପରାଜିତ ବ୍ୟାଟର କାମିଲି ମିଶରା ୧୯ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱିତୀୟ ଶିକାର ବନିଥିଲେ। ପ୍ରଥମ ଟେଷ୍ଟରେ କନକସନ ଖେଳାଳି ଭାବେ ଡେବ୍ୟୁ କରି ଡକ୍‌ରେ ଆଉଟ ହୋଇଥିବା ପାସିନ୍ଦୁ ସୁରିଆବାନ୍ଦରା ଓ କାମିନ୍ଦୁ ମେଣ୍ଡିସ୍ ଚତୁର୍ଥ ୱିକେଟରେ ୮୭ ରନ୍ ଉଠାଇ ଦଳକୁ ସଂଘର୍ଷ କରିବାକୁ ପ୍ରଥମେ ସୁଯୋଗ ଦେଇଥିଲେ। ଫର୍ମରେ ନ ଥିବା କାମିନ୍ଦୁ ୩୨ ଓ ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ୮ ରନ୍ କରି ପାଭିଲିଅନ ଫେରିଥିଲେ। ଏହି ସମୟରେ ହଟ ଫର୍ମରେ ଥିବା ସୋନାଲ ଦିନୁଶା ବ୍ୟାଟିଂ କରିବାକୁ ଆସି ସୁରିଆବାନ୍ଦରାଙ୍କ ସହ ଏକ ବଡ଼ ପାର୍ଟନରସିପ୍ କରିବାକୁ ଯୋଜନା କରିଥିଲେ। କିନ୍ତୁ ୧୩୩ବଲ୍‌ରୁ ୯ ଚୌକା ସହ ୮୦ ରନ୍ କରିଥିବା ସୁରିଆବାନ୍ଦରାଙ୍କୁ ରବୀନ୍ଦ୍ର ଜାଡେଜା ଓ ଏହାର ୩ଟି ବଲ୍‌ପରେ ନିରୋସନ ଡିକ୍‌ୱେଲା ଖାତା ଖୋଲିବା ପୂର୍ବରୁ ମହମ୍ମଦ୍ ସିରାଜଙ୍କ ଦ୍ୱାରା ଆଉଟ ହୋଇଯାଇଥିଲେ। ଫଳରେ ଶ୍ରୀଲଙ୍କା ୪୫.୩ ଓଭର ସୁଦ୍ଧା ୧୭୩ ରନ୍‌ରେ ୭ ୱିକେଟ ହରାଇ ଫଲୋ÷ନର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ଦିନୁଶା ନିଜ ଫର୍ମ ଦେଖାଇ ଗୋଟିଏ ପଟେ ପାହାଡ ଭଳି ଛିଡ଼ା ହୋଇଥିଲେ। ୮ମ ୱିକେଟରେ କେଶରା ନୁୱାନ୍ଥା (୭୪ବଲ୍‌ରେ ୧୮ ରନ୍)ଙ୍କ ସହ ୧୩୭ବଲ୍‌ର ସାମ୍ନା କରି ୫୭ରନ୍ ଏବଂ ଅବିଭକ୍ତ ୮ମ ୱିକେଟରେ ଲାହିରୁ କୁମାରା (୫୦ବଲ୍‌ରେ ୮ରନ୍)ଙ୍କ ସହ ୯୨ ବଲ୍‌ରୁ ୩୫ ରନ୍ ଉଠାଇ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଦିନୁଶା ୮୫ ରନ୍‌ରେ ଅପରାଜିତ ରହିଥିଲେ। ସେ ମଧ୍ୟ ପ୍ରଥମ ଟେଷ୍ଟରେ ୧୦୦ ଓ ୮୪ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ। ଏଠାରେ ମଧ୍ୟ ନିମ୍ନ ଭାଗର ବ୍ୟାଟରଙ୍କୁ ନେଇ ଶ୍ରୀଲଙ୍କା ଫଲୋଅନ ଏଡାଇବାକୁ ଯେଉଁ ଉଦ୍ୟମ କରୁଛି ତାହାର ନେତୃତ୍ୱ ନେଉଛନ୍ତି ଦିନୁଶା। ଭାରତ ଆଜି ଦ୍ୱିତୀୟ ନୋ ବଲ୍ ନେଇଥିଲାବେଳେ ଆସନ୍ତାକାଲି ସକାଳେ ତିଷ୍ଠିବା କଷ୍ଟକର ହୋଇପାରେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ମାନବ ସୂତାର ୩ଟି ଲେଖାଏଁ, ମହମ୍ମଦ୍ ସିରାଜ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୫୦୩/୯, ଘୋଷଣା (ପାଡିକଲ-୧୧୭, ଜୁରେଲ-୧୧୫*, ଅସିଥା-୪/୧୦୬)।
ଶ୍ରୀଲଙ୍କ ପ୍ରଥମ ଇନିଂସ: ୨୬୫/୮, ୮୩.୪ ଓଭର (ଦିନୁଶା ବ୍ୟାଟିଂ-୮୫, ସୁରିଆବାନ୍ଦରା-୮୦, ପ୍ରସିଦ୍ଧ-୩/୪୭, ମାନବ-୩/୮୩)।

ଜୟସୂରିଆଙ୍କୁ ଚେତାବନୀ

କଲମ୍ବୋ,୨୬।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ତୃତୀୟ ଖେଳାଳି ଭାବେ ପ୍ରବାତ ଜୟସୂରିଆ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଛନ୍ତି। ଜୟସୁରିଆ ଆଇସିସି ଆଚରଣ ସଂହିତାର ଧାରା ୨.୨ ଉଲ୍ଲଙ୍ଘନ କରିଥିବା ଜଣାଯାଇଛି। ଏଥିରେ କାହାରି କିଛି କ୍ଷତି ହେବାର ନ ଥିବାରୁ ଏବଂ ଗତ ୨୪ ମାସ ମଧ୍ୟରେ ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ତାଙ୍କୁ କେବଳ ଚେତାବନୀ ଦିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇ ଛାଡ଼ିଦିଆଯାଇଛି। ଗତକାଲି ସନ୍ଧ୍ୟାରେ ଆଉଟ ହେବା ପରେ ପାଭିଲିଅନ ଫେରୁଥିବାବେଳେ ଜୟସୁରିଆ ବାଉଣ୍ଡାରୀ ଦୌଡାକୁ ନିଜ ବ୍ୟାଟରେ ଜୋରରେ ପିଟିଥିଲେ। ଫଳରେ ସେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିଲେ ବୋଲି ମ୍ୟାଚ୍ ପରିଚାଳନା ଲାଗି ନିଯୁକ୍ତ ୪ଜଣ ଯାକ ଅମ୍ପାୟାର ମ୍ୟାଚ୍ ରେଫରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜୟସୂରିଆ ନିଜ ଦୋଷ ସ୍ୱୀକାର କରିନେବା ପରେ ଏହି ଅଭିଯୋଗର ଆଉ ଶୁଣାଣି କରାଯାଇ ନ ଥିଲା, ଚେତାବନୀ ଓ ଗୋଟିଏ ଡିମେରିଟ୍ ପଏଣ୍ଟ ଦେଇ ଛାଡ଼ିଦିଆଯାଇଥିଲା। ମ୍ୟାଚ୍‌ର ପ୍ରଥମ ଦିନରେ ଭାରତର ଯଶସ୍ୱୀ ଜୟସ୍ୱାଲ ଓ ଶ୍ରୀଲଙ୍କାର ଅସିଥା ଫର୍ଣ୍ଣାଣ୍ଡୋ ମୁହାଁମୁହିଁ ହେବା ସହ ଆଚରଣ ସଂହିତା ଉଲ୍ଲଙ୍ଘନ କରି ୨୫ ଶତକଡ଼ା ମ୍ୟାଚ୍ ଫି ହରାଇଥିଲେ।

ଅଷ୍ଟ୍ରେଲିଆରେ ଖେଳିବେ ଅନୟା

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ଝିଅ ଅନୟା ଲିଙ୍ଗଗତ ଅସ୍ତ୍ରୋପଚାର ପରେ କ୍ରିକେଟକୁ ଫେରିଛନ୍ତି। ଅଷ୍ଟ୍ରେଲିଆରେ ମହିଳା କ୍ରିକେଟ ଖେଳିବାକୁ ୨୫ ବର୍ଷୀୟା ଅନୟାଙ୍କୁ ସବୁଜ ସଙ୍କେତ ମିଳିଛି। ଏଥିଲାଗି ଅନୟା କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ)କୁ ଧନ୍ୟବାଦ ଜଣାଇଛନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଅନାୟ ଅଷ୍ଟ୍ରେଲିଆରେ ଶୀର୍ଷସ୍ତରୀୟ କ୍ରିକେଟ୍ ଖେଳିବାକୁ ଯୋଗ୍ୟ ହେବେ। ପ୍ରତିଯୋଗିତା ପାଇଁ ତାଙ୍କୁ ପ୍ରଥମେ ସିଏ'ର ମାନଦଣ୍ଡ ପୂରଣ କରିବାକୁ ପଡିବ। ସିଏ'ର ନୀତି ଅନୁଯାୟୀ, ଅନୟାଙ୍କ ସେରମ୍ ଟେଷ୍ଟୋଷ୍ଟେରନ୍ ସାନ୍ଦ୍ରତା ଅତି କମରେ ୧୨ ମାସ ପାଇଁ ୧୦ ନାନୋମଲ୍ ପର୍ ଲିଟର ତଳେ ରହିବାକୁ ପଡିବ। ଏସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ଅନୟାଙ୍କ ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିଏଲ୍) ଭଳି ଅଷ୍ଟ୍ରେଲିଆର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟ ହେବେ। ପ୍ରକାଶଯୋଗ୍ୟ, ମୁମ୍ବଇରେ ଜନ୍ମିତ ଅନାୟ ଲିଙ୍ଗଗତ ଅସ୍ତ୍ରୋପଚାର ନିଷ୍ପତ୍ତି ନେବା ପୂର୍ବରୁ ବାଳକବର୍ଗରେ ମୁମ୍ବଇ ପକ୍ଷରୁ ବିଭିନ୍ନ ବୟସ ଗ୍ରୁପ୍‌ରେ କ୍ରିକେଟ୍ ଖେଳିଥିଲେ। ଭାରତୀୟ କ୍ରିକେଟର ସର୍ଫରାଜ ଏବଂ ତାଙ୍କ ଭାଇ ମୁସୀର ଖାନଙ୍କ ସହ ଅନୟା ଏକାଠି ମୁମ୍ବଇ ପାଇଁ ଖେଳିଥିଲେ। ଏବେ କିନ୍ତୁ ସେ ଅସ୍ତ୍ରୋପଚାର କରି ପୁଅରୁ ଝିଅ ପାଲଟିଯାଇଛନ୍ତି।

ବିଶ୍ୱ ମାନ୍ୟତାରେ ୧୨ଟି ସ୍ଥାନ ଉଠିଲେ ତ୍ରିସା-ଗାୟତ୍ରୀ

କ୍ୱାଲାଲୁମ୍ପୁର, ୨୬।୮ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗରେ ଭାରତର ତ୍ରିସା ଜୋଲି ଓ ଗାୟତ୍ରୀ ଗୋପିଚାନ୍ଦ ଯୋଡ଼ିଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ମହିଳା ଡବଲ୍ସ ମାନ୍ୟତାରେ ତ୍ରିସା-ଗାୟତ୍ରୀ ଯୋଡ଼ି ୧୨ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୨୭ତମ ସ୍ଥାନରେ ରହିଛନ୍ତି। ନିକଟରେ ଦିଲ୍ଲୀରେ ଶେଷ ହୋଇଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ତ୍ରିସା-ଗାୟତ୍ରୀ ଯୋଡ଼ି ଐତିହାସିକ କାଂସ୍ୟ ପଦକ ସଫଳତା ପାଇଥିଲେ। ଏହି ଭାରତୀୟ ଯୋଡ଼ି ସେମିଫାଇନାଲରେ ହାରିଯାଇଥିଲେ ମଧ୍ୟ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ଫଳରେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ଦୀର୍ଘ ୧୫ ବର୍ଷ ପରେ ଭାରତକୁ ମହିଳା ଡବଲ୍ସରେ ପଦକ ସଫଳତା ମିଳିଥିଲା। ଏହି ସଫଳତା ଲାଗି ତ୍ରିସା-ଗାୟତ୍ରୀ ଯୋଡ଼ି ୩୯ରୁ ୨୭ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଭାରତୀୟ ଯୋଡ଼ିଙ୍କ ମୋଟ୍ ର୍‍ୟାଙ୍କିଙ୍ଗ ପଏଣ୍ଟ ବର୍ତ୍ତମାନ ୧୦,୫୦୦ ରହିଛି।

୧୮ରେ ବିସିସିଆଇ ଏଜିଏମ୍: ଆଣ୍ଡମାନକୁ ମିଳିବ ସଦସ୍ୟତା

ମୁମ୍ବଇ, ୨୬।୮ (ଏଜେନ୍ସି): ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ) ସେପ୍ଟେମ୍ବର ୧୮ରେ ମୁମ୍ବଇସ୍ଥିତ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ମଙ୍ଗଳବାର ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ କାର୍ଯ୍ୟାଳୟରୁ ରାଜ୍ୟ ସଂଘକୁ ପଠାଯାଇଥିବା ବିଜ୍ଞପ୍ତିରୁ ଏହା ନିଶ୍ଚିତ ହୋଇଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥାର ଏହା ୯୫ତମ ଏଜିଏମ୍ ହେବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ରେ ଭାରତର ପ୍ରତିନିଧିଙ୍କ ନାମାଙ୍କନ ଏଜିଏମ୍'ର ପ୍ରମୁଖ ବିଷୟବସ୍ତୁ ମଧ୍ୟରୁ ଗୋଟିଏ ରହିଛି। ସେହିଭଳି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ କ୍ରିକେଟ୍ ସଂଘକୁ ସହଯୋଗୀ ସଦସ୍ୟତା ପ୍ରଦାନ କରିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହେବ। ପୂର୍ବ ଆପେକ୍ସ କାଉନସିଲ୍ ବୈଠକରେ ଏହି ପ୍ରସ୍ତାବ ଆଲୋଚନା ପାଇଁ ଆସିଥିଲା। ଯଦି ଅନୁମୋଦନ କରାଯାଏ, ତେବେ ଏହି କେନ୍ଦ୍ରଶାସିତ ଅଞ୍ଚଳ ୩୯ତମ ଦଳ ଭାବରେ ବିସିସିଆଇର ଘରୋଇ କ୍ରିକେଟରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବ।

ପୂର୍ବତନ ଫୁଟବଲର୍ ଯୁଧିଷ୍ଠିରଙ୍କ ବିୟୋଗ

ଭୁବନେଶ୍ୱର, ୨୬।୮ (ସମିସ): ଓଡ଼ିଶା ଫୁଟବଲ ଦଳର ପୂର୍ବତନ ଖେଳାଳି ଯୁଧିଷ୍ଠିର ସେଠୀଙ୍କ ବିୟୋଗ ଘଟିଛି। ମଙ୍ଗଳବାର ୭୫ ବର୍ଷ ବୟସରେ ଯୁଧିଷ୍ଠିର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କ ପତ୍ନୀ ଓ ୩ ଝିଅ ଉପସ୍ଥିତ ରହିଥିଲେ। ଯୁଧିଷ୍ଠିର ସମ୍ମାନଜନକ ସନ୍ତୋଷ ଟ୍ରଫି ସମେତ ଏକାଧିକ ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେହିଭଳି ସେ ଓଡ଼ିଶା ଗଭରମେଣ୍ଟ ପ୍ରେସରେ ଚାକିରି କରି ଅବସର ନେଇଥିଲେ। ଯୁଧିଷ୍ଠିରଙ୍କ ବିୟୋଗରେ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

ଦୁଲୀପ ଟ୍ରଫି କ୍ରିକେଟ

ପୂର୍ବାଞ୍ଚଳର ଇନିଂସ ବିଜୟ

ବେଙ୍ଗାଲୁରୁ,୨୬।୮ (ଏଜେନ୍ସି): ବେଙ୍ଗଲର ଶାହାବାଜ ଅହମ୍ମଦ୍‌ଙ୍କ ଅଲରାଉଣ୍ଡ ସଫଳତା, ତ୍ରିପୁରା ପେସର ଅଭିଜିତ ସରକାର ଓ ଝାଡ଼ଖଣ୍ଡ ସ୍ପିନର ଅନୁକୂଳ ରୟଙ୍କ ସଫଳ ବୋଲିଂ ଫଳରେ ଏଠାରେ ଅନୁଷ୍ଠିତ ଦୁଲୀପ୍ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲରେ ଉତ୍ତର-ପୂର୍ବାଞ୍ଚଳକୁ ଏକ ଇନିଂସ ଓ ୨୧୦ ରନ୍‌ରେ ପରାସ୍ତ କରି ପୂର୍ବାଞ୍ଚଳ ଦୁଲିପ୍ ଟ୍ରଫି ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ସେମିଫାଇନାଲରେ କେନ୍ଦ୍ରାଞ୍ଚଳକୁ ଭେଟିବ। ଏହି ଦିନ ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ସହ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ମଧ୍ୟରେ ଚାଲିଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ବିଜେତା ଦଳ ଭେଟିବ।

ଏଠାରେ ଅନୁଷ୍ଠିତ ମ୍ୟାଚରେ ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୪୬୭ ରନ୍ କରିଥିଲା। ଦଳ ପକ୍ଷରୁ ଶାହାବାଜ୍ ଅହମ୍ମଦ୍ ୧୬୭ ଓ ସୁଦୀପ କୁମାର ଘରାମୀ ୧୪୬ ରନ୍ କରିଥିଲେ। ଜବାବରେ ଉତ୍ତରପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୧୧୧ ଓ ଦ୍ୱିତୀୟ ଇନିଂସରେ ୧୪୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ପ୍ରଥମ ଇନିଂସରେ ପୂର୍ବାଞ୍ଚଳ ପକ୍ଷରୁ ଅଭିଜିତ ୫ଟି ଓ ଶାହାବାଜ ୩ଟି ୱିକେଟ ପାଇଥିଲେ। ଦ୍ୱିତୀୟ ଇନିଂସରେ ଅନୁକୂଳ ୫ଟି ଓ ବୈଭବ ସୂର୍ଯ୍ୟବଂଶୀ ୨ଟି ୱିକେଟ ନେଇଥିଲେ।

ଉତ୍ତର-ପଶ୍ଚିମ ମଧ୍ୟରେ କଡ଼ା ସଂଘର୍ଷ

ବିସିସିଆଇ ଗ୍ରାଉଣ୍ଡ-୨'ରେ ଚାଲିଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜିତିବାକୁ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ମଧ୍ୟରେ ଘମାଘୋଟ ସଂଘର୍ଷ ଚାଲିଛି। ଏହି ମୁକାବିଲାର ଆଜି ତୃତୀୟ ଦିନ ଖେଳ ଶେଷରେ ମ୍ୟାଚ୍ ଜିତିବା ଲାଗି ପଶ୍ଚିମାଞ୍ଚଳକୁ ବାକିଥିବା ୩ଟି ଦ୍ୱିତୀୟ ଇନିଂସ ୱିକେଟ ବଳରେ ଶେଷ ଦିନରେ ଆଉ ୬୭ ରନ୍ ଆବଶ୍ୟକ ହେଉଛି। ଅନ୍ୟ ପକ୍ଷରେ ଉତ୍ତରାଞ୍ଚଳକୁ ୬୬ ରନ୍ ମଧ୍ୟରେ ଏହି ୩ଟି ୱିକେଟ ଆବଶ୍ୟକ ହେଉଛି। ପଶ୍ଚିମାଞ୍ଚଳ ପକ୍ଷରୁ ଅପରାଜିତ ବ୍ୟାଟର ଉର୍ଭିଲ ପଟେଲ (୧୭)ଙ୍କ ସହ ତନୁସ କୋଟିଆନ, ଶାର୍ଦ୍ଦୁଳ ଠାକୁର ଓ ତୁଷାର ଦେଶପାଣ୍ଡେ ଖେଳିବାକୁ ଥିବାରୁ ପଶ୍ଚିମାଞ୍ଚଳ ସପକ୍ଷରେ ମ୍ୟାଚ୍ ରହିଛି। ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ୨୨୨ରନ୍ କରିଥିଲା। ଆୟୁଷ ବଦୋନି ୫୦, ଅବଦୁଲ ସମଦ ୩୦, ନିଶାନ୍ତ ସିନ୍ଧୁ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ପଶ୍ଚିମାଞ୍ଚଳର ମୁଲାନି ଓ କୋଟିଆନଙ୍କୁ ପୁଣିଥରେ ୪ଟି ଲେଖାଏଁ ୱିକେଟ ମିଳିଥିଲା। ଏମାନେ ମୋଟି ୧୬ଟି ୱିକେଟ ନେଇଛନ୍ତି। ଏହା ଫଳରେ ପଶ୍ଚିମାଞ୍ଚଳ ଆଗରେ ୨୮୭ ରନ୍‌ର ବିଜୟ ଲକ୍ଷ୍ୟ ଥିଲା। ଏହାକୁ ପିଛା କରି ମୁସିର ଖାନ୍ ୯୬ ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ ୬୬ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ପଶ୍ଚିମାଞ୍ଚଳ ୭ ୱିକେଟରେ ୨୨୦ ରନ୍ ଭରଣା କରିନେଇଛି। ଆସନ୍ତାକାଲି ଅର୍ଶଦୀପ, ଆବିଦ୍ ଓ ଅଂଶୁଲଙ୍କ ଉପରେ ଏହି ମ୍ୟାଚ୍‌ର ଫଳାଫଳ ନିର୍ଭର କରୁଛି। ପ୍ରଥମ ଇନିଂସରେ ଉତ୍ତରାଞ୍ଚଳ ୬୪ ରନ୍‌ରେ ଆଗୁଆ ରହିଥିଲେ ମଧ୍ୟ ଦ୍ୱିତୀୟ ଇନିଂସ୍‌ରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍

ସେମିଫାଇନାଲ ମୁକାବିଲା ୨୭ରୁ

ଆମଷ୍ଟଲଭିନ,୨୬।୮ (ଏଜେନ୍ସି): ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ଉଭୟ ପୁରୁଷ ଓ ମହିଳା ବିଭାଗରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତା ୨୮ରେ ହେବାକୁ ଥିବା ପୁରୁଷ ବିଭାଗ ସେମିଫାଇନାଲରେ ନେଦରଲ୍ୟାଣ୍ଡସ ସହ ସ୍ପେନ୍‌ର ଓ ଏହି ଦିନ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ସହ ଆର୍ଜେଣ୍ଟିନାର ମୁକାବିଲା ହେବ। ପ୍ରଥମ ମ୍ୟାଚ୍‌ଟି ଆମଷ୍ଟଲଭିନ ଓ ଦ୍ୱିତୀୟ ମ୍ୟାଚ୍ ବେଲଜିୟମର ୱାଭରେଠାରେ ଖେଳାଯିବ। ବେଲଜିୟମ କ୍ରସଓଭର ପୁଲ୍‌ରେ ଚତୁର୍ଥ ତଥା ଶେଷ ସ୍ଥାନ ଅଧିକାର କରି ଟାଇଟଲ ଲଢ଼େଇରୁ ବାଦ୍ ପଡ଼ିଛି। ସେମିଫାଇନାଲର ବିଜେତାଙ୍କ ମଧ୍ୟରେ ଫାଇନାଲ ଅଗଷ୍ଟ ୩୦ରେ ଓ ପରାଜିତଙ୍କ ମଧ୍ୟରେ ତୃତୀୟ ସ୍ଥାନ ଲାଗି ମଧ୍ୟ ସମାନ ଦିନରେ ମୁକାବିଲା ହେବ।

ମହିଳା ବିଭାଗର ସେମିଫାଇନାଲ ଅଗଷ୍ଟ ୨୭ରେ ଖେଳାଯିବ। ଏହି ଦିନ ଆମଷ୍ଟଲଭିନରେ ପ୍ରଥମ ସେମିଫାଇନାଲ ଡିଫେଣ୍ଡିଂ ଚାମ୍ପିଅନ ନେଦରଲ୍ୟାଣ୍ଡସ ଓ ଯୁଗ୍ମ ଆୟୋଜକ ବେଲଜିୟମ ମଧ୍ୟରେ ଏବଂ ଦ୍ୱିତୀୟ ସେମିଫାଇନାଲ ଆର୍ଜେଣ୍ଟିନା ଓ ଅଷ୍ଟ୍ରେଲିଆ ମଧ୍ୟରେ ୱାଭରେଠାରେ ଖେଳାଯିବ। ଏମାନଙ୍କ ବିଜେତାଙ୍କ ମଧ୍ୟରେ ଫାଇନାଲ ଓ ତୃତୀୟ ସ୍ଥାନ ଲାଗି ମୁକାବିଲା ଅଗଷ୍ଟ ୨୯ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ସେମିଫାଇନାଲ ସୂଚୀ-ମହିଳା

ତାରିଖ	ପ୍ରତିଦ୍ୱନ୍ଦ୍ୱୀ	ଭେନ୍ୟୁ	ସମୟ
୨୭।୮	ନେଦରଲ୍ୟାଣ୍ଡସ-ବେଲଜିୟମ	ଆମଷ୍ଟଲଭିନ	ରାତି ୯ଟା
୨୭।୮	ଆର୍ଜେଣ୍ଟିନା-ଅଷ୍ଟ୍ରେଲିଆ	ୱାଭରେ	ରାତି ୧୨ଟା

ସେମିଫାଇନାଲ ସୂଚୀ-ପୁରୁଷ

ତାରିଖ	ପ୍ରତିଦ୍ୱନ୍ଦ୍ୱୀ	ଭେନ୍ୟୁ	ସମୟ
୨୮।୮	ନେଦରଲ୍ୟାଣ୍ଡସ-ସ୍ପେନ୍	ଆମଷ୍ଟଲଭିନ	ରାତି ୯ଟା
୨୮।୮	ଜର୍ମାନୀ-ଆର୍ଜେଣ୍ଟିନା	ୱାଭରେ	ରାତି ୧୨ଟା

ଅପିଲ୍ କରିବେ ମାର୍କେଟା

ଲାଉସାନେ,୨୬।୮: ପୂର୍ବତନ ୱିମ୍ବଲଡନ୍ ଚାମ୍ପିଅନ୍ ମାର୍କେଟା ଭୋଣ୍ଡ୍ରୋସୋଭା ତାଙ୍କର ଚାରି ବର୍ଷର ବାସନ୍ଦ ବିରୋଧରେ ବିଶ୍ୱ କ୍ରୀଡ଼ାର ସର୍ବୋଚ୍ଚ ଅଦାଲତ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର୍ ସ୍ପୋର୍ଟ (କାସ୍)ର ଦ୍ୱାରସ୍ଥ ହୋଇଛନ୍ତି। ଆଣ୍ଟି-ଡୋପିଂ ପରୀକ୍ଷାକୁ ମନା କରିବା ଅଭିଯୋଗରେ ଚେକ୍ ଗଣରାଜ୍ୟର ଏହି ଟେନିସ ତାରକାଙ୍କୁ ୪ ବର୍ଷ ଲାଗି ବାସନ୍ଦ କରାଯାଇଥିଲା। ୨୭ ବର୍ଷୀୟା ମାର୍କେଟା ଏବେ ଏହି ଦଣ୍ଡାଦେଶ ବିରୋଧରେ କାସ୍'ରେ ଆବେଦନ କରିଛନ୍ତି।

ଏସିଆ ରଗ୍‌ବୀ ସେଭେନ ସିରିଜ

ଭାରତୀୟ ଦଳରେ ଓଡ଼ିଶାର ୬ ଖେଳାଳି

ଭୁବନେଶ୍ୱର,୨୬।୮ (ସମିସ): ଚାଇନାର ସୁଝୋଉଠାରେ ଅଗଷ୍ଟ ୨୯ରୁ ଦୁଇଦିନ ଧରି ଏସିଆ ରଗବୀ ଏମିରେଟ୍ସ ସେଭେନ ସିରିଜ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିଲାଗି ଘୋଷିତ ଭାରତୀୟ ସିନିଅର ପୁରୁଷ ଓ ମହିଳା ରଗ୍‌ବୀ ଦଳରେ ଓଡ଼ିଶାର ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ଆଶିଷ ଶବର ଓ ଗଣେଶ ଧଙ୍ଗଡ଼ା ମାଝୀଙ୍କୁ ସୁଯୋଗ ମିଳିଛି। ସେହିଭଳି ମାମା ନାଏକ, ନିର୍ମାଲ୍ୟ ରାଉତ, ସନ୍ଧ୍ୟାରାଣୀ ଟୁଡୁ ଓ ଡୁମୁଣି ମାର୍ଣ୍ଡିଙ୍କୁ ମହିଳା ଦଳରେ ନିଆଯାଇଛି। ଡୁମୁଣିଙ୍କୁ ମହିଳା ଦଳର ଉପ-ଅଧିନାୟିକା ନିଯୁକ୍ତ କରାଯାଇଛି। ମନୋନୀତ ଖେଳାଳିଙ୍କ ମଧ୍ୟରୁ ଆଶିଷ, ଗଣେଶ, ମାମା, ନିର୍ମାଲ୍ୟ ଓ ଡୁମୁଣି କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଦଳ ଜାପାନ, ୟୁଏଇ ଓ ସିଙ୍ଗାପୁର ସହ ପୁଲ୍-ଏ'ରେ ସ୍ଥାନ ପାଇଛି। ସେହିଭଳି ଭାରତୀୟ ମହିଳା ଦଳ ପୁଲ୍-ଡି'ରେ ଡିଫେଣ୍ଡିଂ ଚାମ୍ପିଅନ ଜାପାନ, ୟୁଏଇ ଓ ଇରାନ ସହ ରହିଛି। ଏହି ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି କୋଲକାତାର ସାଇ ସେଣ୍ଟରରେ ଜୁଲାଇ ୧୯ରୁ ଅଗଷ୍ଟ ୨୫ ତାରିଖ ପର୍ଯ୍ୟନ୍ତ ଜାତୀୟ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କିଟ୍ ଓ କିସ୍'ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗବୀ ଫୁଟବଲ୍ ସଂଘର ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି ମନୋନୀତ ହୋଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

■ ଫାଓ ଦ୍ୱିତୀୟ ଡିଭିଜନ ଲିଗ୍

ଓଜିପି, ଟାର୍ଜନ କ୍ଲବ ବିଜୟୀ

ଭୁବନେଶ୍ୱର, ୨୬।୮ (ସମିସ): ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଚାଲିଥିବା ଫାଓ ଦ୍ୱିତୀୟ ଡିଭିଜନ ଲିଗ୍‌ର ୭ମ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଥିବାବେଳେ ଟାର୍ଜନ କ୍ଲବ ଓ ଓଡ଼ିଶା ଗଭରମେଣ୍ଟ ପ୍ରେସ୍ (ଓଜିପି) କ୍ଲବ ବିଜୟୀ ଲାଭ କରିଛି। ପ୍ରତିଯୋଗିତାର ୧୩ତମ ମ୍ୟାଚରେ ଆଜାଦ ହିନ୍ଦ କ୍ଲବ ଓ ଟାର୍ଜନ କ୍ଲବ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ଟାର୍ଜନ କ୍ଲବ ୩-୦ ଗୋଲରେ ଆଜାଦ୍ ହିନ୍ଦକୁ ହରାଇଥିଲା। ବିଜୟ ସହ ଟାର୍ଜନ କ୍ଲବକୁ ୩ ପଏଣ୍ଟ ମିଳିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ଓଜିପି ୪-୦ ଗୋଲରେ ସିଡିଏର ମର୍ଣ୍ଣିଂ ଏଫସିକୁ ହରାଇଛି। ଓଜିପି ଦଳର ରୁଦ୍ରପ୍ରତାପ ମାନସିଂ ଦୁଇଟି ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚର ୧୧ତମ ଓ ୬୨ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ।

ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର

ରାକେଶଙ୍କୁ ହରାଇଲେ ପ୍ରତୀକ ଲାଲ୍

ଭୁବନେଶ୍ୱର,୨୬।୮ (ସମିସ): ସିଡେଡ ଖେଳାଳି ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ୩-୦ ସିଧାସଳଖ୍ ସେଟ୍‌ରେ ପରାସ୍ତ କରି ଝାଡଖଣ୍ଡର ପ୍ରତୀକ ଲାଲ ଏଠାରେ ଚାଲିଥିବା ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ପୂର୍ବାଞ୍ଚଳ ଓପନ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଓଡ଼ିଶାର ନାମି ଦାମି ଖେଳାଳିଙ୍କ ମଧ୍ୟରେ ଗଣାଯାଉଥିବା ଡାକ୍ତର ରାକେଶ ଏହି ମୁକାବିଲାରେ ଗୋଟିଏ ହେଲେ ଫ୍ରେମ୍‌ରେ ବିଜୟୀ ହୋଇ ପାରି ନ ଥିଲେ। ପ୍ରତୀକଙ୍କ ସହ ଝାଡଖଣ୍ଡର ଅନ୍ୟ ଖେଳାଳି ସୁଶାନ୍ତ ସିହ୍ନା ୩-ରେ ଆୟୋଜକ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ଅମୀର ଅଲିଙ୍କୁ, ଅମନ କୁମାର ୩-୦ରେ ସୁଦୀପ୍ତ ଦାଶଙ୍କୁ, ଗୌରବ ପଟେଲ ୱାକ୍ ଓଭର ପାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ଅବନାଶ ମହାପାତ୍ରଙ୍କଠାରୁ ୩-୧ ଫ୍ରେମ୍‌ରେ ପରାଜିତ ହୋଇ ଝାଡଖଣ୍ଡର ନୀରଜ ସିଂ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ରାଜ୍ୟ ବାହାରର ଅନ୍ୟ ଜଣେ ଖେଳାଳି ଯଥା ପଶ୍ଚିମବଙ୍ଗର ସୟଦ ଜୋହାନାନଥ ୩-୧ରେ ଓଡ଼ିଶାର ଇନ୍ଦ୍ରଜିତ ଷଡଙ୍ଗୀଙ୍କୁ ପରାସ୍ତ କରିଛନ୍ତି।



ଆଜି ଖେଳାଯାଇଥିବା ଅନ୍ୟ ପ୍ରଥମ ରାଉଣ୍ଡ ଖେଳରେ ମିଶାଲ ସ୍ୱାଇଁ ୩-୨ରେ ଆରନ ଆନିୟାନ୍‌ଙ୍କୁ, ସତ୍ୟଜିତ ରଣା ୩-୦ରେ ରାହୁଲ ହାଲିଙ୍କୁ, ଶାରଦା ବେହେରା ୩-୨ରେ ବିଶେଷ ସିଙ୍ଘାଲଙ୍କୁ, ସନ୍ଦୀପ ଅଗରୱାଲ ୩-୦ରେ ଅନୁରାଗ ସାହୁଙ୍କୁ ଓ ତାରିଣୀ ସାମଲ ୩-୧ରେ ରଶ୍ମି ମାର୍ଣ୍ଡିଙ୍କୁ ପରାସ୍ତ କରିଥିଲେ। ଆଜି ଗୋଟିଏ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଖେଳାଯାଇଛି। ଏଥିରେ ଭେଟେରାନ ଖେଳାଳି ଜିତେନ ଷଡଙ୍ଗୀ ୩-୧ରେ ରୁମିତ ଗୁପ୍ତାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳି ଭାବେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଓ ଭୁବନେଶ୍ୱର କ୍ଲବ୍ ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତଭାବେ ଆୟୋଜନ କରୁଥିଲାବେଳେ ଅଗଷ୍ଟ ୨୯ରେ ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS